ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୧୭, ସଂଖ୍ୟା: ୨୭୦
୬ ଫେବୃଆରୀ, ୨୦୨୬ ଶୁକ୍ରବାର
କେନ୍ଦ୍ରାପଡ଼ା

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

ODISHA EXPRESS — SIGHTS TRUTH WRITES TRUTH — ଠିକ୍ ଦେଖେ ଠିକ୍ ଲେଖେ

Pages-8
Price ₹ 5.00
Vol. 17, Issue No. : 270
6th February, 2026 Friday
Kendrapara

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2009/28880 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ନୀତି ବାଣୀ

**ଶ୍ରଦ୍ଧୈବ ସର୍ବଧର୍ମସ୍ୟ ଚାତିବ ହିତକାରିଣୋ
ଶ୍ରର୍ଦ୍ଧ ନୃଣାଂ ସିଦ୍ଧି ଜାୟିତେ ଲୋକ ୟୋଦ୍ଧିୟୋଃ**

ଶ୍ରଦ୍ଧା ହିଁ ସମସ୍ତ ଧର୍ମ ପାଇଁ ଅତ୍ୟନ୍ତ ହିତକର ଅଟେ । ଶ୍ରଦ୍ଧା ଦ୍ୱାରା ହିଁ ମନୁଷ୍ୟକୁ ଲୋକ କାଳରେ ସିଦ୍ଧିପ୍ରାପ୍ତ ହୁଏ । ଶ୍ରଦ୍ଧାକୁ ନିଜ ଚରିତ୍ରରେ ଅଭ୍ୟାସ କରିବା ଉଚିତ ।

# ଇଂରାଜୀ ବନାନ ବଦଳିବ

**ଭୁବନେଶ୍ୱର,୫।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଓଡ଼ିଆ ଭାଷା ଓ ସାଂସ୍କୃତିକ ଐତିହ୍ୟକୁ ସରକାରୀ ରେକର୍ଡରେ ସଠିକ ଭାବେ ପ୍ରତିଫଳିତ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଏହି କ୍ରମରେ ରାଜ୍ୟର ଅନେକ ସ୍ଥାନର ବିକୃତ ଇଂରାଜୀ ନାଁ ବଦଳିବ। ଓଡ଼ିଶା ସରକାର ବିଭିନ୍ନ ସ୍ଥାନର ଇଂରାଜୀ ନାମରେ ଥିବା ଭୁଲ ସୁଧାରିବା ପାଇଁ ପଦକ୍ଷେପ ନେଇଛନ୍ତି। ଏନେଇ ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ମାଲକାନଗିରି, ଦେବଗଡ଼, କନ୍ଧମାଳ, ଖୋର୍ଦ୍ଧା, ଅନୁଗୁଳ, କଟକ, କେନ୍ଦ୍ରାପଡ଼ା, କେନ୍ଦୁଝର, ସମ୍ବଲପୁର ଓ ନୟାଗଡ଼ ଆଦି ଜିଲ୍ଲାର ନାଁ ଠିକ କରାଯିବ। ପ୍ରସ୍ତାବିତ ସଂଶୋଧନ ସମ୍ପର୍କରେ ସାଧାରଣ ଲୋକଙ୍କର କୌଣସି ଆପତ୍ତି କିମ୍ବା ପରାମର୍ଶ ଥିଲେ ୧୫ ଦିନ ମଧ୍ୟରେ ଲିଖିତ ଭାବେ ଦାଖଲ କରିବାକୁ ଆହ୍ୱାନ କରିଛି ବିଭାଗ।

ରାଜ୍ୟ ସରକାରଙ୍କ ଏଭଳି ପଦକ୍ଷେପ ସରକାରୀ ରେକର୍ଡରେ ସ୍ଥାନଗୁଡ଼ିକର ସଠିକ ଓଡ଼ିଆ ରୂପ ସୁନିଶ୍ଚିତ ହେବ। ଏହାଦ୍ୱାରା ରାଜ୍ୟର ଭାଷାଗତ ପରିଚୟ ଅଧିକ ସୁଦୃଢ଼ ହୋଇପାରିବ। ଇଂରାଜୀ ଲିଖନ ଶୈଳୀ *(ଶେଷ ପୃଷ୍ଠା ଦେଖନ୍ତୁ)*

| ନାମ | ଥିଲା | ହେବ |
|---|---|---|
| ଦେବଗଡ | Deogarh | Debagah |
| ଖୋରଧା | Khurda | Khoradha |
| ଅନୁଗୋଳ | Angul | Anugol |
| ବାଲେଶ୍ୱର | Balasore | Baleshwar |
| କେନ୍ଦ୍ରାପଡା | Kendrapara | Kendrapada |
| କେନ୍ଦୁଝର | Keonjhar | Kendujhar |
| ନୟାଗଡ | Nayagarh | Nayagada |
| ପଡିଆ | Podia | Padia |
| ରିଆମାଳ | Reamal | Riamal |
| ବୋଲଗଡ | Bolagarh | Bolagada |
| ବାଣପୁର | Banpur | Banapur |
| ଜଟଣୀ | Jatni | Jatani |
| ପାଲଲହଡା | Pallahara | Palalahada |
| ଆଠଗଡ | Athagarh | Athagad |
| ସାଲେପୁର | Salipur | Salepur |
| ବଡମ୍ବା | Baramba | Badamba |
| ନୀଳଗିରି | Nilgiri | Nilagiri |
| ଆଳି | Aul | Ali |
| ମହାକାଳପଡା | Mahakalpara | Mahakalpada |
| ବଡବିଲ | Barbil | Badbil |
| ରେଢ଼ାଖୋଲ | Rairakhol | Redhakhol |
| ଦଶପଲ୍ଲା | Daspalla | Dashapalla |

## Ali ପରିବର୍ତ୍ତେ Aali କରାଯାଉ

**କେନ୍ଦ୍ରାପଡ଼ା,୫।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଓଡିଶାର ବିଭିନ୍ନ ସ୍ଥାନର ଇଂରାଜୀ ନାମକୁ ସଂଶୋଧନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି । ଏହି ବିଜ୍ଞପ୍ତିରେ ଇଂରାଜୀ ବନାନରେ ଥିବା କେନ୍ଦ୍ରାପରାରୁ କେନ୍ଦ୍ରାପଡା, ମହାକାଳପରାରୁ ମହାକାଳପଡା ଓ ଅଉଲରୁ ଆଳି ହେବ ବୋଲି ସୂଚନା ଦିଆଯାଇଛି । ବିଜ୍ଞପ୍ତିରେ ଆଳିର ଇଂରାଜୀ ବନାନକୁ ନେଇ ଲୋକେ ଆପତ୍ତି ଉଠାଇଛନ୍ତି । ଏନେଇ ଆଳି ବ୍ଲକ ଅର୍ଗଳ ଗ୍ରାମର ପ୍ରମୋଦ ଧଳ ବିଭାଗକୁ ତ୍ରୁଟି ସମ୍ପର୍କରେ ଏକ ଚିଠି ଲେଖିଛନ୍ତି । ଏଥିସହିତ ସାରସ୍ୱତ ସଂଗଠକ ସରୋଜ କମାର ମହାନ୍ତି ଓ ସାମାଜିକ କର୍ମୀ ବାନାମ୍ବର ସାହୁ, ବୁଦ୍ଧିଜୀବୀ ଉତ୍କଳ କୁମାର ପାହାଡସିଂ କହିଛନ୍ତି ଆଳିର ଇଂରାଜୀ ବନାନ ଏଏଲଆଇ ପରିବର୍ତ୍ତେ ଅଧିକ ଗୋଟିଏ ଏ ଆରମ୍ଭରୁ ଲଗାଯିବା ଉଚିତ । କେନ୍ଦ୍ରାପଡା ଜିଲାରେ ନାମ ଅପଭ୍ରଂଶ, ମୂଳ ନାମରୁ ବିଚ୍ୟୁତି ସହ ଇଂରାଜୀ ବନାନ ବହୁ ସ୍ଥାନରେ ଦେଖିବାକୁ ମିଳୁଛି । ସଂପ୍ରତିକ ବିଜ୍ଞପ୍ତିରେ ଆଳିର ଇଂରାଜୀ ରେ ନାମ ଏଏଲଆଇ ରଖାଯାଇଛି । ଏହାର ଉଚ୍ଚାରଣ ସାଧାରଣରେ ଅଳି କିମ୍ବା ଅଲି ହେଉଛି । ଓଡିଆର ଅକୁ ଆମେ ଗୋଟିଏ ଲେଖୁଥିବା ବେଳେ ଆ ଅକ୍ଷରକୁ ଇଂରାଜିର ଦୁଇଟି ଏ ବ୍ୟବହାର କରୁଛନ୍ତି । ଯେପରିକି ଆଧାର ପାଇଁ ଏଏଡ଼ିଏଚଏଆର ବୋଲି ଲେଖାଯାଉଛି । ଦୁଇଟି ଏ ସ୍ଥାନର ନାମରେ ଉଲ୍ଲେଖ କରାଗଲେ ଆଳି ଉଚ୍ଚାରଣରେ ସଠିକ ହେବ ଏବଂ ଏହା ଦୃଶ୍ୟ ଓ ଶ୍ରୁତିକଟୁ ହେବ ନାହିଁ । ସେହିପରି ଏହି ଜିଲାରେ ଇଂରେଜ ଶାସନ ସମୟରେ ପ୍ରଚଳିତ ମାର୍ଶାଲ ଘାଇ ଅଂଚଳ ଅପଭ୍ରଂଶ ହୋଇ ମାର୍ଶାଘାଇ ହୋଇଛି । ପୂର୍ବରୁ ପ୍ରଚଳିତ ପାଟମୁଣ୍ଡିକୁ ସାଂପ୍ରତିକ ସମୟରେ ପଟ୍ଟାମୁଣ୍ଡାଇ ହୋଇଛି ବୋଲି ମତପ୍ରକାଶ ପାଇଛି । ଅପରପକ୍ଷରେ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ୧୫ ଦିନ ମଧ୍ୟରେ ଏଥିନେଇ ଅଭିଯୋଗ କରାଯାଇ ପାରିବ ବୋଲି ଉଲ୍ଲେଖ ଅଛି ।

## କୋଇଲା ଖଣିରେ ବିସ୍ଫୋରଣ
# ୧୬ ମୃତ

**ନୂଆଦିଲ୍ଲୀ,୫।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ମେଘାଳୟର ପୂର୍ବ ଜୈନ୍ତିଆ ପାହାଡ ଜିଲ୍ଲାର ଗୋଟିଏ ଗାଁରେ ଥିବା ବେଆଇନ ଖଣିରେ ଭୟଙ୍କର ବିସ୍ଫୋରଣ ଯୋଗୁ ୧୬ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଆହତ ହୋଇଛନ୍ତି। ଏହି ବିସ୍ଫୋରଣରେ ଅନେକ ଶ୍ରମିକ ଖଣି ଖାଦାନ ମଧ୍ୟରେ ଫସି ରହିଥିବା ଗୁରୁବାର ପୁଲିସ୍ କହିଛି।

ଘଟଣାଟି ଥାଙ୍ଗସ୍କୁ ଅଞ୍ଚଳରେ ଘଟିଛି। ଘଟଣା ସମ୍ପର୍କରେ ପୁଲିସ୍ ଖବର ପାଇବା ପରେ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ଦଳ ବା ଏସଡିଆରଏଫର ସହାୟତା ଲୋଡିଛି। ବର୍ତ୍ତମାନ ସୁଦ୍ଧା ଖଣି ଖାଦାନରୁ ୧୬ ଜଣ ଶ୍ରମିକଙ୍କ ମୃତଦେହ ଉଦ୍ଧାର ହୋଇଥିବା ପୁଲିସ୍ ପକ୍ଷରୁ ସୂଚନା ଦିଆଯାଇଛି।

ପୁଲିସର କହିବା କଥା, ଅନୁମତି ନଥାଇ ଗାଁ ନିକଟରେ ଥିବା ଖଣିରେ କାମ ଚାଲିଥିଲା। କୋଇଲା ଉତ୍ତୋଳନ ଚାଲିଥିବା ବେଳେ ବିସ୍ଫୋରଣ ଯୋଗୁ ଏହା ଭୁଶୁଡି ପଡିଥିଲା। ଏଥିଯୋଗୁ ଏତେ ବଡ ଘଟଣା ଘଟିଛି।

୨୦୧୪ରୁ ମେଘାଳୟରେ ମୂଷା ଗାତ କୋଲ ମାଇନିଂ ଓ ଅନ୍ୟ ଅଣ ବିଜ୍ଞାନ ଭିତ୍ତିକ ଖଣି ଖନନ ଉପରେ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ ରୋକ *(ଶେଷ ପୃଷ୍ଠା ଦେଖନ୍ତୁ)*

# ୧୭ରୁ କଟକରେ ଜନଗଣନା

**କଟକ,୫।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଜନଗଣନା ଭଳି ମହତ କାର୍ଯ୍ୟକ୍ରମକୁ ନିଷ୍ପାପର ଭାବେ ସଂପାଦନ କରିବା ନିମନ୍ତେ ଆଜି କଟକ ଜିଲ୍ଲାରେ ଜନଗଣନା ସଂପର୍କିତ ପ୍ରଥମ ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ସମସ୍ତ ତହସିଲଦାର, ବିଡ଼ିଓ ଓ ବିଭାଗୀୟ ଅଧିକାରୀ ତଥା କର୍ମଚାରୀ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ତାଲିମ ନେଇ ସଂପୂର୍ଣ୍ଣ ଜନଗଣନା ପଦ୍ଧତି ଉପରେ ଅବଗତ ହେବେ। ପରେ ଏହି ଅଧିକାରୀମାନେ ଘରକୁ ଘର ଯାଇ ଗଣନା କରିବାକୁ ଥିବା କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କୁ ତାଲିମ ଦେଇ ଜନଗଣନା କାର୍ଯ୍ୟ ଶତ ପ୍ରତିଶତ ସଠିକ ଓ ସୁଚାରୁରୂପେ ସଂପାଦନ ଉପରେ ପ୍ରାଧାନ୍ୟ ଦିଆଯାଇଛି।

ପ୍ରତ୍ୟେକ ଘରର ମୁରବୀମାନେ ନିଜ ପରିବାର ସମ୍ବନ୍ଧରେ ଉଚିତ ଓ ସଠିକ ତଥ୍ୟ ପ୍ରଦାନ କରି ୨୦୨୭ ଜନ ଗଣନା କାର୍ଯ୍ୟକୁ ସ୍ୱଚ୍ଛତାର ସହ ସଂପାଦନ ଦିଗରେ ସହଯୋଗ କରି ରାଷ୍ଟ୍ର ନିର୍ମାଣରେ ସହଭାଗୀ ହେବାକୁ ଅନୁରୋଧ କରାଯାଇଛି । ପ୍ରଥମ ପର୍ଯ୍ୟାୟରେ ଘରଗୁଡ଼ିକ ପରିଗଣନା କରାଯିବ। ନିୟୋଜିତ କର୍ମଚାରୀମାନେ ଘରକୁ ଘର ଯାଇ ଗଣନା କାର୍ଯ୍ୟ ସୁନିଶ୍ଚିତ କରିବେ । ଏହି ଘର ଗଣନା ସମୟରେ ଯଦି କୌଣସି ଘର ବାଦ ପଡ଼ିଯାଏ, ତେବେ ସେମାନେ ଦୃଷ୍ଟି ଆକର୍ଷଣ କରିବାକୁ ମଧ୍ୟ ଅନୁରୋଧ କରାଯାଇଛି। ଫେବୃଆରୀ ୧୭ ତାରିଖରୁ ଘରକୁ ଘର ବୁଲି ସର୍ଭେ କାର୍ଯ୍ୟ ଆରମ୍ଭ କରାଯିବ । ଏହା ପରେ ବାସ୍ତବ ଗଣନା କାର୍ଯ୍ୟ ଆରମ୍ଭ ହେବ। ରାଜ୍ୟର ତାଲିମପ୍ରାପ୍ତ ମାଷ୍ଟର ଟ୍ରେନର ମାନେ ଜିଲ୍ଲାସ୍ତରୀୟ ମାଷ୍ଟର ଟ୍ରେନରମାନଙ୍କୁ ତାଲିମ ପ୍ରଦାନ କରିବେ ଓ ସେମାନେ ପରିଗଣନାକାରୀମାନଙ୍କୁ ତାଲିମ ଦେବେ । ଜନଗଣନା ଦ୍ୱାରା ଜିଲ୍ଲାର ବାସ୍ତବ ଜନସଂଖ୍ୟା ଜଣା ପଡ଼ିବ । ଏହି ସର୍ଭେ ସମୟରେ ପରିଗଣନାକାରୀମାନେ ବିଭିନ୍ନ ପ୍ରଶ୍ନ ପଚାରିବେ। *(ଶେଷ ପୃଷ୍ଠା ଦେଖନ୍ତୁ)*

## ସ୍କୁଟି ଉପରେ ଚଢ଼ିଗଲା କାର୍

**କେନ୍ଦ୍ରାପଡ଼ା,୫।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ଟାଉନ ଥାନା ଅନ୍ତର୍ଗତ ପୁରୁଣା କଚେରୀ ନିକଟସ୍ଥ ବାଇପାସ ରୋଡରେ ଥିବା ଶୌଚାଳୟ ସମ୍ମୁଖ ରାସ୍ତାରେ ଏକ ସ୍କୁଟି ଉପରେ ଅନ୍ୟ ଏକ କାର ହଠାତ ଚଢିଯିବାରୁ ଜଣେ ୩ବର୍ଷର ନାବାଳକଙ୍କ ସମେତ ତାଙ୍କ ମା' ଓ ବାପା ଗୁରୁତର ହୋଇଛନ୍ତି। ନାବାଳକ ଓ ତାଙ୍କ ପିତାମାତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଖବର ନେବାରୁ ଜଣାପଡିଛି ଯେ ଆମବାଡି ବସ୍ତିର ଜରତାବ ଖାନଙ୍କ ପୁଅ ଅଦନାନ ରଜା ଖାନ(୩) ନାମକ ନାବାଳକଟି ତାଙ୍କ ବାପା ଓ ମା'ଙ୍କ ସହ ଡାକ୍ତରଙ୍କୁ ଦେଖାଇ ସ୍କୁଟିରେ ବସି ଘରକୁ ଫେରୁଥିଲେ। ସନ୍ଧ୍ୟା ୭ଟା ବେଳେ ହଠାତ ଏକ କାର କଚେରୀ ପାର୍ଶ୍ୱରୁ ଦ୍ରୁତ ଗତିରେ ବାଇପାସ ରୋଡରେ ପ୍ରବେଶ କରି ସ୍କୁଟିକୁ ଘୋଷାରୀ ନେଇ ଶୌଚାଳୟ ଆଡକୁ ମାଡି ଯାଇଥିଲା। ଫଳରେ ନାବାଳକ ଜଣଙ୍କ କାର ତଳେ ରହିଯାଇଥିବା ବେଳେ ତାଙ୍କ ପିତାମାତା ସ୍କୁଟିରୁ ଛିଟିକି ପଡି ଗୁରୁତର ହୋଇଥିଲେ। ସମସ୍ତ ଆହତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଖବର ପାଇ ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା କାରକୁ ଜବତ କରିବା ସହ ଚାଳକକୁ ଗିରଫ କରି ଥାନାକୁ ନେଇଥିଲେ। ଖବରପାଇ ସ୍ଥାନୀୟ କାଉନସିଲର ସେକ ଅସଲମ ଡାକ୍ତରଖାନା ପହଞ୍ଚି ସମସ୍ତ ଆହତଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ।

## ଚୋରାମଦ ଜବତ

**କେନ୍ଦ୍ରାପଡ଼ା,୫।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧୀକ୍ଷକ ବିପ୍ର ଚରଣ ମଣ୍ଡଳଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ାର ଜିଲ୍ଲାର ଆଳି, ଡେରାବିଶ, ରାଜକନିକା, ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ, କେନ୍ଦ୍ରାପଡ଼ା ଟାଉନ ଓ କୁଜାନଗରୀ ଥାନା ଅଧିନସ୍ଥ ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ କଜଳବନ୍ଧ *(ଶେଷ ପୃଷ୍ଠା ଦେଖନ୍ତୁ)*

### ଆଇଏଏସ୍ ସ୍ତରରେ ବଡ଼ ଧରଣର ଅଦଳବଦଳ

# ଉନ୍ନୟନ କମିଶନରଙ୍କୁ ଇସ୍ପାତ ଓ ଖଣି ଦାୟିତ୍ୱ

**ଭୁବନେଶ୍ୱର,୫।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟ ସରକାର ଆଜି ଆଇଏଏସ୍ ଅଫିସରସ୍ତରରେ ବଡଧରଣର ଅଦଳବଦଳ କରିଛନ୍ତି। ୨୧ଜଣ ଆଇଏଏସ୍ ଅଫିସରଙ୍କୁ ନୂଆ ଦାୟିତ୍ୱ ଦେବା ସହ ୧୯୯୩ ବ୍ୟାଚ୍ ଆଇଏଏସ୍ ସୁରେନ୍ଦ୍ର କୁମାରଙ୍କଠୁ ଇସ୍ପାତ ଓ ଖଣି ବିଭାଗ କାଢ଼ି ନିଆଯାଇଛି।

୧୯୯୫ ବ୍ୟାଚ୍ ଆଇଏଏସ୍ ବିଷ୍ଣୁପଦ ସେଠୀଙ୍କୁ ଓଡ଼ିଶା ବନ ଉନ୍ନୟନ ନିଗମର ଅଧ୍ୟକ୍ଷ ପଦବୀ ସହ କେବିକେ ମୁଖ୍ୟ ପ୍ରଶାସକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଅତିରିକ୍ତ ମୁଖ୍ୟ ସଚିବ ଅରବିନ୍ଦ ପାଢ଼ୀଙ୍କୁ ରାଜସ୍ୱ ବିଭାଗ ଦାୟିତ୍ୱ ଦିଆଯିବା ସହ ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି।

୨୦୦୨ ବ୍ୟାଚ୍ ଆଇଏଏସ୍ ମୃଣାଳିନୀ ଦର୍ଶୱାଲ ଦୀର୍ଘବର୍ଷ ପରେ ଭୁବନେଶ୍ୱର ଫେରିଛନ୍ତି ଓ ତାଙ୍କୁ ମହିଳା ଓ ଶିଶୁ ବିକାଶ ବିଭାଗର ସଚିବ ଭାବେ ନିଯୁକ୍ତି ମିଳିଛି।

ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବିଜେଡି ସରକାର ସମୟରୁ ପାଇଥିବା ଦାୟିତ୍ୱକୁ ବିଜେପି ସରକାରରେ ମଧ୍ୟ ତୁଲାଉଥିବା ଆଇଏଏସ୍ ଅରବିନ୍ଦ ପାଢ଼ୀଙ୍କଠୁ କୃଷି ବିଭାଗ ଏବଂ ଉଷା ପାଢ଼ୀଙ୍କଠୁ ବାଣିଜ୍ୟ ଓ ପରିବହନ ବିଭାଗକୁ କାଢ଼ି ନିଆଯାଇଛି। ଦୀର୍ଘ ଦେଢ଼ବର୍ଷ ପରେ ମଧ୍ୟ ପଶ୍ଚିମାଂଚଳ ବିକାଶ ପରିଷଦର ଅଧ୍ୟକ୍ଷ ପଦବୀକୁ ପୂରଣ ନକରି ସରକାର କାମଚଳା ଅଧ୍ୟକ୍ଷ ଭାବେ ଦକ୍ଷିଣାଂଚଳ ରାଜସ୍ୱ କମିଶନର ସଂଗ୍ରାମ କେଶରୀ ମହାପାତ୍ରଙ୍କୁ ଦାୟିତ୍ୱ ଦେଇଛନ୍ତି। ପ୍ରଥମଥର ପାଇଁ ୨୦୧୦ ବ୍ୟାଚର ୩ଜଣ ଆଇଏଏସ ଅଫିସରଙ୍କୁ ୩ଟି ବିଭାଗର କମିଶନର ତଥା ସଚିବ ଭାବେ ଅବସ୍ଥାପିତ କରାଯାଇଛି। ମୋହନ ସରକାର କ୍ଷମତାକୁ ଆସିବାର ଦେଢ଼ବର୍ଷ ଭିତରେ ଶୀର୍ଷ ଆଇଏଏସ୍ ଅଫିସରସ୍ତରରେ ଏହା ଦ୍ୱିତୀୟ ବୃହତ୍ ବଦଳି। ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଆଜି ଆଇଏଏସ୍ ଅଫିସରସ୍ତରରେ ଅଦଳବଦଳର ବିଧିବଦ୍ଧ ବିଜ୍ଞପ୍ତି ଜାରି ହେବାପରେ ଏହା ଜଣାପଡିଛି ।

### କାହାକୁ ମିଳିଲା କେଉଁ ଦାୟିତ୍ୱ

ଉନ୍ନୟନ କମିଶନର ତଥା ଯୋଜନା ଓ ସଂଯୋଜନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ୧୯୯୩ ବ୍ୟାଚ୍ ଆଇଏଏସ୍ ଦେଓରଞ୍ଜନ କୁମାର ସିଂଙ୍କୁ ଇସ୍ପାତ ଓ ଖଣି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ ହୋଇଛି।

ସେହିପରି ୧୯୯୩ ବ୍ୟାଚ୍ ଆଇଏଏସ୍ ସୁରେନ୍ଦ୍ର କୁମାରଙ୍କଠୁ ଇସ୍ପାତ ଓ ଖଣି ବିଭାଗ ଏବଂ ଓଏମସି ଅଧ୍ୟକ୍ଷ ଦାୟିତ୍ୱ କାଢ଼ି ନିଆଯାଇ କେବଳ ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଭାବେ କାର୍ଯ୍ୟ କରିବାକୁ କୁହାଯାଇଛି। ସେ ଅତିରିକ୍ତ ଭାବେ ସଂସଦୀୟ ବ୍ୟାପାର ବିଭାଗ ଦାୟିତ୍ୱ ମଧ୍ୟ ତୁଲାଇବେ।

୨୦୨୪ ଡିସେମ୍ବର ମାସରୁ ଓଏସଡି ଭାବେ କାର୍ଯ୍ୟ କରୁଥିବା ୧୯୯୫ ବ୍ୟାଚ୍ ଆଇଏଏସ୍ ବିଷ୍ଣୁପଦ ସେଠୀଙ୍କୁ ଓଡିଶା ବନ ଉନ୍ନୟନ ନିଗମର ଅଧ୍ୟକ୍ଷ ଭାବେ ନିଯୁକ୍ତି ମିଳିଛି। ସେ ଅତିରିକ୍ତ ଭାବେ କେବିକେ ମୁଖ୍ୟ ପ୍ରଶାସକ ଦାୟିତ୍ୱ ମଧ୍ୟ ତୁଲାଇବେ। ୧୯୯୫ ବ୍ୟାଚ୍ ଆଇଏଏସ୍ ଚିତ୍ରା ଅରୁମୁଗମଙ୍କ ଶ୍ରମ ଓ ଇଏସଆଇ ବିଭାଗର ଅତିରିକ୍ତ ମୁଖ୍ୟ *(ଶେଷ ପୃଷ୍ଠା ଦେଖନ୍ତୁ)*

## ଜାତୀୟ ପ୍ରତୀକର ଅପବ୍ୟବହାର ରୋକିବା ଲାଗି ହାଇକୋର୍ଟଙ୍କ କଡ଼ା ନିର୍ଦ୍ଦେଶ

**କଟକ,୫।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଜାତୀୟ ପ୍ରତୀକର ଅପବ୍ୟବହାର ଓ ତ୍ରୁଟିପୂର୍ଣ୍ଣ ବ୍ୟବହାର ରୋକିବା ପ୍ରସଙ୍ଗରେ ଗୁରୁବାର ହାଇକୋର୍ଟ ଦେଇଛନ୍ତି କଡା ନିର୍ଦ୍ଦେଶ। ଜାତୀୟ ପ୍ରତୀକର ଅପବ୍ୟବହାର ଓ ତ୍ରୁଟିପୂର୍ଣ୍ଣ ବ୍ୟବହାର ରୋକିବା ପାଇଁ ହାଇକୋର୍ଟ ଏକ ରାଜ୍ୟ ସ୍ତରୀୟ ୫ ଜଣିଆ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପୁଲିସ, ଶିକ୍ଷା, ଆଇନ, ପଞ୍ଚାୟତରାଜ ଓ ନଗର ଉନ୍ନୟନ ଭଳି ବିଭାଗର ଅଧିକାରୀଙ୍କୁ ନେଇ ଏକ କମିଟି ଗଠନ କରାଯିବ। ଏହି କମିଟି ତରଫରୁ ଜାତୀୟ ପ୍ରତୀକର ଅପବ୍ୟବହାର କିମ୍ବା ତ୍ରୁଟିପୂର୍ଣ୍ଣ ବ୍ୟବହାର ସମ୍ପର୍କରେ ଅଭିଯୋଗ ଦାଖଲ ପାଇଁ ଏକ ପୋର୍ଟାଲ ଖୋଲାଯିବ। ଏହା ସହିତ ଏକ ହେଲ୍ପ ଲାଇନ ନମ୍ବର ଦେବାକୁ କହିଛନ୍ତି।

ଜାତୀୟ ପ୍ରତୀକର ଅପବ୍ୟବହାର ନେଇ ଯେ କୌଣସି ବ୍ୟକ୍ତି ଏହି ପୋର୍ଟାଲରେ ଅଭିଯୋଗ କରିବାର ୬ ସପ୍ତାହ ମଧ୍ୟରେ ତ୍ରୁଟି ସୁଧାରିବାକୁ କମିଟି ପଦକ୍ଷେପ ଗ୍ରହଣ କରିବ। ଏହାସତ୍ତ୍ୱେ ତ୍ରୁଟି ନ ସୁଧାରିଲେ ସମ୍ପୃକ୍ତ ସଂସ୍ଥା କିମ୍ବା ବ୍ୟକ୍ତିବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ହାଇକୋର୍ଟ କହିଛନ୍ତି। ଏହା ସହିତ




ଜନସାଧାରଣଙ୍କୁ ଜାତୀୟ ପ୍ରତୀକର ସଠିକ୍ ବ୍ୟବହାର ସମ୍ପର୍କରେ ସଚେତନ କରାଇବାକୁ ପଦକ୍ଷେପ ଗ୍ରହଣ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ରାୟକୁ ସମସ୍ତ ସରକାରୀ ବିଭାଗ ଓ ଦେଶର ସମସ୍ତ ହାଇକୋର୍ଟକୁ ଅବଗତ କରାଇବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।

ଆବେଦନକାରୀ ଏଲୋନ ଟ୍ରଷ୍ଟ ପକ୍ଷରୁ ଦାୟର ମାମଲାର ରାୟ ପ୍ରକାଶ କରି ହାଇକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ବହୁ ସମୟରେ ଜାତୀୟ ପ୍ରତୀକର ଅପବ୍ୟବହାର ଏବଂ ତ୍ରୁଟିପୂର୍ଣ୍ଣ ବ୍ୟବହାର କରାଯାଉଥିବା ଦର୍ଶାଇ ଏଲୋନ ଟ୍ରଷ୍ଟ ନାମକ ସଂସ୍ଥା ପକ୍ଷରୁ ମାମଲା ଦାୟର କରାଯାଇଥିଲା।

ଜାତୀୟ ପ୍ରତୀକରେ ଅଶୋକ ସ୍ତମ୍ଭ ତଳେ ସତ୍ୟମେବ ଜୟତେ ଲେଖା *(ଶେଷ ପୃଷ୍ଠା ଦେଖନ୍ତୁ)*

## ବାରମ୍ବାର ଦେଇପାରିବେନି ୟୁପିଏସ୍ସି ପରୀକ୍ଷା

**ନୂଆଦିଲ୍ଲୀ,୫।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ୟୁନିଅନ ପବ୍ଲିକ୍ ସର୍ଭିସ୍ କମିଶନ୍ ସିଭିଲ୍ ସର୍ଭିସେସ୍ ପରୀକ୍ଷା ୨୦୨୬ ପାଇଁ ବିଜ୍ଞପ୍ତି ପ୍ରକାଶ କରିଛି। କିନ୍ତୁ ଏଥର ବିଜ୍ଞପ୍ତି କେବଳ ଖାଲି ପଦବୀ

### ନୂଆ ନିୟମ

ସଂଖ୍ୟା ଯୋଗୁଁ ନୁହେଁ ବରଂ ନିୟମରେ ହୋଇଥିବା ପରିବର୍ତ୍ତନ ଯୋଗୁଁ ମଧ୍ୟ ଚର୍ଚ୍ଚାରେ ଅଛି। ନୂତନ ନିୟମ ଅନୁଯାୟୀ, ଆଇଏଏସ୍ କିମ୍ବା ଆଇଏଫ୍ଏସ୍ ରେ ନିଯୁକ୍ତି ପାଇଥିବା ପ୍ରାର୍ଥୀମାନଙ୍କ ପାଇଁ ରାସ୍ତା ଏବେ ବନ୍ଦ ହୋଇଯାଇଛି। ଯେଉଁମାନେ ପୂର୍ବରୁ ନିଜର ରାଙ୍କ ଉନ୍ନତ କରିବା କିମ୍ବା କ୍ୟାଡର ପରିବର୍ତ୍ତନ କରିବା ପାଇଁ ବାରମ୍ବାର ପରୀକ୍ଷା ଦେଉଥିଲେ, ସେମାନଙ୍କ ପାଇଁ ଏହା ଏକ ବଡ ଝଟକା। କମିଶନ ସ୍ପଷ୍ଟ କରିଛନ୍ତି ଯେ ଯଦି ପ୍ରିଲିମ୍ସ ପରେ ଏବଂ ମେନ୍ ପୂର୍ବରୁ କୌଣସି ପ୍ରାର୍ଥୀଙ୍କୁ ଏହି ସେବାରେ ନିଯୁକ୍ତି ଦିଆଯାଏ, ତେବେ ତାଙ୍କୁ ମେନ୍ ପରୀକ୍ଷାରେ ଯୋଗଦେବାକୁ ଅନୁମତି ଦିଆଯିବନାହିଁ। ଏହାବ୍ୟତୀତ, ଆଇପିଏସ୍ ଅଧିକାରୀଙ୍କ ପାଇଁ ନିୟମ ମଧ୍ୟ କଡ଼ାକଡ଼ି କରାଯାଇଛି । ସେମାନେ ପୁଣି ଥରେ ଆଇପିଏସ୍ ପାଇଁ ବାଛିପାରିବେ ନାହିଁ। ନିଯୁକ୍ତି ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ କରିବା ଏବଂ ସେବାଗୁଡ଼ିକରେ ବାରମ୍ବାର ନିଯୁକ୍ତିକୁ ରୋକିବା ହେଉଛି ଏହି ନୂତନ ନିୟମର ମୁଖ୍ୟ ଉଦ୍ଦେଶ୍ୟ।

ୟୁପିଏସ୍ସି ୨୦୨୬ ବିଜ୍ଞପ୍ତି ଅନୁଯାୟୀ, ଯେଉଁ ପ୍ରାର୍ଥୀମାନେ ପୂର୍ବରୁ ଆଇଏଏସ୍ କିମ୍ବା ଆଇଏଫ୍ଏସ୍ ଅଧିକାରୀ ଭାବରେ କାର୍ଯ୍ୟ କରୁଛନ୍ତି, ସେମାନେ ଆଉ ଏହି ପରୀକ୍ଷା ପାଇଁ ଯୋଗ୍ୟ ହେବେ ନାହିଁ। ଏହି ନିୟମ ପରୀକ୍ଷାର ପ୍ରତ୍ୟେକ ପର୍ଯ୍ୟାୟରେ ପ୍ରଯୁଜ୍ୟ ହେବ। ଯଦି ଜଣେ ପ୍ରାର୍ଥୀ ପ୍ରିଲିମ୍ସ ପାସ୍ କରନ୍ତି ଏବଂ ପୂର୍ବ ବର୍ଷର ଫଳାଫଳ ଆଧାରରେ ଆଇଏଏସ୍ କିମ୍ବା ଆଇଏଫ୍ଏସ୍ ଆବଣ୍ଟିତ ହୁଅନ୍ତି, ତେବେ ତାଙ୍କୁ ମୁଖ୍ୟ ପରୀକ୍ଷାରେ ଯୋଗଦେବାରୁ ବାରଣ କରାଯିବ।

ଭାରତୀୟ ପୁଲିସ୍ ସେବା/ ଆଇପିଏସ୍ ରେ କାର୍ଯ୍ୟରତ ଅଧିକାରୀଙ୍କ ପାଇଁ ନିୟମ ଟିକେ ଭିନ୍ନ। ସେମାନେ ପରୀକ୍ଷା ଦେଇପାରିବେ କିନ୍ତୁ ସେମାନେ ନିଜ ପସନ୍ଦ ଅନୁସାରେ ପୁଣି ଥରେ ଆଇପିଏସ୍ ବାଛିପାରିବେ *(ଶେଷ ପୃଷ୍ଠା ଦେଖନ୍ତୁ)*

### ଉଦ୍ୟାନ ଅଙ୍ଗନବାଡି ମରାମତି ନାଁରେ ବାତ୍ୟା ଦାନା ଅର୍ଥ ଲୁଟ
## କେବଳ ରଙ୍ଗମାରି ଖାଇଗଲେ ୨ ଲକ୍ଷ

**ରାଜନଗର,୫।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ବାତ୍ୟା ଦାନାରେ ବିଲଡିଙ୍ଗ କ୍ଷତିଗ୍ରସ୍ତ ହୋଇଥିବା ଦର୍ଶାଇ ଅର୍ଥ ଆସିଲା। ମାତ୍ର ବିଲଡିଙ୍ଗ ପୂର୍ବରୁ ଯେପରି ଥିବା ଏବେବି ସେମିତି ଭଗ୍ନ ଅବସ୍ଥାରେ ଅଛି। କେବଳ ଫାଟ ଉପରେ ରଙ୍ଗ ମାରି ସରକାରୀ ଟଙ୍କା ଲୁଟି ନିଆଯାଇଥିବା ନେଇ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ବିଭାଗୀୟ କାର୍ଯ୍ୟାଦେଶ ନାଁରେ ଯନ୍ତ୍ରୀ କେବଳ ରଙ୍ଗ ମାରି ମରାମତି ବାବଦ ସମସ୍ତ ସରକାରୀ ଟଙ୍କା ଲୁଟିନେଇଥିବା ନେଇ ଅଭିଯୋଗ ହୋଇଛି।

ରାଜନଗର ବ୍ଲକ ବାଘମାରୀ ପଞ୍ଚାୟତ ଉଦ୍ୟାନ ଅଙ୍ଗନବାଡି କେନ୍ଦ୍ର ବାତ୍ୟା ଦାନାରେ କ୍ଷତିଗ୍ରସ୍ତ ହୋଇଥିବା ନେଇ ସରକାରୀ ଭାବେ *(ଶେଷ ପୃଷ୍ଠା ଦେଖନ୍ତୁ)*

# କେନ୍ଦ୍ରାପଡ଼ାରେ ଆବାସ ଯୋଜନାରେ ବ୍ୟାପକ ଅନିୟମିତତା

**କେନ୍ଦ୍ରାପଡ଼ା,୫।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ବ୍ଲକରେ ଗ୍ରାମୀଣ ଗୃହନିର୍ମାଣ ଯୋଜନାରେ ଗରିବ ଏବଂ ବାସହରା ଲୋକମାନଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଯେଉଁସବୁ ଘର ମଂଜୁର କରାଯାଉଛି ସେଗୁଡିକ ହିତାଧିକାରୀଙ୍କୁ ଦିଆଯାଉନଥିବାରୁ ସେମାନେ ବର୍ଷବର୍ଷଧରି ଶୀତକାକର ଓ ଖରାବର୍ଷାରେ ପଡିରହିଛନ୍ତି। ଏହି ବ୍ଲକରେ କାର୍ଯ୍ୟରତ ବ୍ଲକ ପ୍ରକଳ୍ପ ସଂଯୋଜକ ଏବଂ ବ୍ଲକ ପ୍ରକଳ୍ପ ସହାୟକଙ୍କ ଦାୟିତ୍ୱ ହେଉଛି ତାଲିକାରେ ଥିବା ହିତାଧିକାରୀମାନଙ୍କୁ ଘର ନିର୍ମାଣ ପାଇଁ ୱାର୍କଅର୍ଡର ଦେବା ଏବଂ ଯେଉଁମାନେ ଘର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି ସେମାନଙ୍କୁ କିସ୍ତିଟଙ୍କା ଦେବା। ଏମାନେ ଗୋଟିଏ ଗୋଟିଏ ବ୍ଲକରେ ୫/୬ ବର୍ଷରୁ ଅଧିକ ରହିବା ଫଳରେ ଏହି ସମସ୍ୟା ଦେଖାଦେଇଛି। ତୁରନ୍ତ ଏମାନଙ୍କୁ ବଦଳି କରାନଗଲେ ୨୦୨୬ ଆଧିକ ବର୍ଷରେ ଯୋଗ୍ୟ ହିତାଧିକାରୀ ତାଲିକାରୁ ବଞ୍ଚିତ ହେବାର ଯଥେଷ୍ଟ ସମ୍ଭାବନା ରହିଛି। କିନ୍ତୁ ଯେଉଁମାନେ ୱାର୍କଅର୍ଡର ପାଇଛନ୍ତି ସେମାନଙ୍କୁ କିସ୍ତି ଟଙ୍କା ଦେଉନଥିବାରୁ ସେମାନଙ୍କ ଘର ଅଧାପନ୍ତରିଆ ଅବସ୍ଥାରେ ପଡିରହିଛି।

ଯେଉଁମାନେ ଗୋଟିଏ ବ୍ଲକରେ ୩ ବର୍ଷରୁ ଅଧିକ ସମୟ ରହିଲେଣି ସେମାନଙ୍କୁ ବଦଳି କରିବା ପାଇଁ ରାଜ୍ୟ ସରକାର ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିବା ସତ୍ତ୍ୱେ ଏହି ବ୍ଲକରେ ତାହା କାର୍ଯ୍ୟକାରୀ ହେଉନାହିଁ। ଦାୟିତ୍ୱରେ ଥିବା ଅଧିକାରୀମାନେ ୫/୬ ବର୍ଷରୁ ଅଧିକ ସମୟ ରହିବା ଫଳରେ ଗରିବ ଲୋକଙ୍କୁ ଗ୍ରାମୀଣ ଗୃହ ନିର୍ମାଣ ଯୋଜନାରେ ଘରର ୱାର୍କ ଅର୍ଡରଦେବା କିମ୍ବା କିସ୍ତିଟଙ୍କା ଦେବାରେ ଅହେତୁକ ବିଳମ୍ବ କରୁଛନ୍ତି। ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀ ଚୟନରେ ବ୍ଲକ ସଂଯୋଜକ ଏବଂ ବ୍ଲକ ସହାୟକ ନାମରେ ଲାଞ୍ଚ କାରବାର ହେଉଥିବା ଅଭିଯୋଗ ହେଉଛି। ଗୋଟିଏ ଗୋଟିଏ ବ୍ଲକରେ ଏମାନେ ବହୁଦିନଧରି ରହିବାଦ୍ୱାରା ଏହି ସମସ୍ୟା ଦେଖାଦେଇଛି। ଏମାନଙ୍କୁ ବଦଳି କରାନଗଲେ ଆଗକୁ ଯୋଗ୍ୟ ହିତାଧିକାରୀ ଚୟନରେ ଲାଞ୍ଚ କାରବାର ହେବାର ଯଥେଷ୍ଟ ସମ୍ଭାବନା ରହିଛି। ସେମାନେ ଗୋଟିଏ ବ୍ଲକରେ ଅଧିକ ବର୍ଷ ରହିଥିବାରୁ ଗରିବ ଲୋକଙ୍କପ୍ରତି ସହାନୁଭୂତିଶୀଳ ହେଉନଥିବା ଅଭିଯୋଗ ହେଉଛି। ସେମାନେ ମନମୁଖି କାର୍ଯ୍ୟ କରୁଥିବା ସତ୍ତ୍ୱେ ବ୍ଲକ ଉନ୍ନୟନ ଅଧିକାରୀ କିମ୍ବା ଜିଲାପାଳ ସେମାନଙ୍କ ପ୍ରତି କୋହଳ ମନୋବୃତ୍ତି ପ୍ରଦର୍ଶନ କରୁଥିବାରୁ ଏବଂ ସେମାନଙ୍କ ବିରୋଧରେ ଅଭିଯୋଗଗୁଡିକୁ ତଦନ୍ତ କରାଯାଉନଥିବାରୁ ଏଭଳି ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି।

ଏମାନଙ୍କ ମନମୁଖି କାର୍ଯ୍ୟ ଫଳରେ କେନ୍ଦ୍ରାପଡା ବ୍ଲକରେ ଏକ ହଜାରରୁ ଅଧିକ ହିତାଧିକାରୀ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ନପାଇ କିମ୍ବା କାର୍ଯ୍ୟାଦେଶ ପାଇ କିସ୍ତିଟଙ୍କାନପାଇ ହଇରାଣ ହରକତ ହେଉଛନ୍ତି। ତେଣୁ ଏମାନଙ୍କୁ ଅନ୍ୟତ୍ର ବଦଳି କରାଯାଇ ଏମାନଙ୍କ ସ୍ଥାନରେ ନୂତନ ଅଧିକାରୀମାନଙ୍କୁ ଅବସ୍ଥାପିତ କରିବା ପାଇଁ ଗରିବ ହିତାଧିକାରୀମାନେ ଜିଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଏହା କରାଗଲେ ଗ୍ରାମୀଣ ଗୃହ ନିର୍ମାଣ ଯୋଜନାରେ ଗୃହ ଯୋଗାଣରେ କୌଣସି ଅସୁବିଧା ହେବନାହିଁ ଏବଂ ସରକାରଙ୍କ ଗୃହ ନିର୍ମାଣ ଯୋଜନା ସଫଳ ହେବବୋଲି ସେମାନେ ଜିଲାପାଳଙ୍କୁ ଅବଗତ କରିଛନ୍ତି। ଅନ୍ତୋଦୟ ଗୃହ ଯୋଜନାରେ ଅନେକ *(ଶେଷ ପୃଷ୍ଠା ଦେଖନ୍ତୁ)*

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୬ ଫେବୃଆରୀ ୨୦୨୬ । ଶୁକ୍ରବାର




## ଅବକାରୀ ଚଢ଼ାଉ ବେଳେ ବ୍ରାଉନ ସୁଗାର ଜବତ

**ଧର୍ମଶାଳା: ଏକ୍ସପ୍ରେସ ନ୍ୟୁଜ୍**

ଯାଜପୁର ଜିଲ୍ଲା ଧର୍ମଶାଳା ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ମଧ୍ୟାହ୍ନ ସମୟରେ ଧର୍ମଶାଳା ଥାନା ଅଞ୍ଚଳରେ ଚ଼ଢ଼ାଉ କରାଯାଇଥିଲା। ଚ଼ଢ଼ାଉ ବେଳେ ଅବକାରୀ ବିଭାଗ ୫୭ ଗ୍ରାମ ବ୍ରାଉନ ସୁଗାର ଜବତ କରିବା ସହିତ ଜଣକୁ ଗିରଫ କରି କୋର୍ଟ ଚ଼ାଲାଣ କରାଯାଇଥିବା ଜଣାପଡିଛି। ଗିରଫ ଅଭିଯୁକ୍ତ ଧର୍ମଶାଳା ଥାନା ଚ଼ହଟା ଗ୍ରାମର ମମିନ ଖାଁଙ୍କ ପୁଅ ମସିମ ଖାଁ (୪୦) ବୋଲି ଜଣାପଡିଛି। ପୂର୍ବରୁ ସେ ମଟନ୍ ବ୍ୟବସାୟ କରୁଥିଲେ। ଅବକାରୀ ସୂଚ଼ନା ମୁତାବକ ଧର୍ମଶାଳା ଥାନା ଅଞ୍ଚଳରେ ବ୍ୟାପକ ବ୍ରାଉନ ସୁଗାର କାରବାର ହେଉଥିବା ନେଇ ଅଭିଯୋଗ ହୋଇଆସୁଥିଲା। ଅଭିଯୋଗ ଆଧାରରେ ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ମଧ୍ୟାହ୍ନ ସମୟରେ ଭାଲୁଖାଇ ରାସ୍ତା ଗୋକର୍ଣ୍ଣେଶ୍ୱର ମନ୍ଦିର ସାମ୍ନାରୁ ମସିମକୁ ଗିରଫ କରିବା ସହିତ ତାହା ପାଖରୁ ଏକ ବାଇକ୍ ଓ ୫୭ ଗ୍ରାମ ବ୍ରାଉନ ସୁଗାର ଜବତ କରିଥିଲେ। ଯାହାର ଆନୁମାନିକ ମୂଲ୍ୟ ୫ଲକ୍ଷ ୭୦ହଜାରରୁ ଅଧିକ ହେବ ବୋଲି ଆକଳନ କରାଯାଇଛି। ଏନେଇ ଅବକାରୀ ବିଭାଗ ପକ୍ଷରୁ କେସ୍ ନଂ ୨୨୫/୨୬ରେ ଏକ ମାମଲା ରୁଜୁ କରି ଗିରଫ ଅଭିଯୁକ୍ତଙ୍କୁ ଗିରଫ କୋର୍ଟ ଚ଼ାଲାଣ କରାଯାଇଛି। ଏହି ଚ଼ଢ଼ାଉରେ ଇନ୍ସପେକ୍ଟର ସସ୍ମିତା ହୋତା, ଧର୍ମଶାଳା ଅବକରୀ ଥାନା ଅଧିକାରୀ ଏସଆଇ ଶୁଭଶ୍ରୀ ଚ଼କ୍ର, ଏଏସ୍ଆଇ ସଂଗ୍ରାମ କୁଅଁରଙ୍କ ସମେତ ୩ ଜଣ କନେଷ୍ଟବଳ ସାମିଲ ଥିଲେ। ତେବେ ଧର୍ମଶାଳା ଥାନା ଅଞ୍ଚଳରେ ଏହିଭଳି ବ୍ରାଉନ ସୁଗାର କାରବାର ହେଉଥିବା ଅଭିଯୋଗ ଆସୁଛି।

## ଗାଡ଼ି ଅଟକାଇଲା ଦନ୍ତା



**ଢେଙ୍କାନାଳ: ଏକ୍ସପ୍ରେସ ନ୍ୟୁଜ୍**

ହଠାତ୍ ରାସ୍ତା ଉପରକୁ ଚାଲିଆସିଲା ଦନ୍ତା। ଗାଡ଼ି ସମ୍ମୁଖରେ ଛିଡ଼ା ହୋଇରହିଲା। ବୋଲେରୋ ଭିତରେ ଥିବା ପରିବାର ପ୍ରାଣ ବଞ୍ଚାଇବାକୁ ଠାକୁରଙ୍କୁ ଡାକୁଥିଲେ। ଗାଡ଼ିକୁ ଛାଡ଼ିଦେବାକୁ ଲୋକେ ପାଟିକରି ଘଉଡ଼ାଇଥିଲେ। ଦନ୍ତା ଗାଡ଼ିର କୌଣସି କ୍ଷତି ନ କରି ପୁଣି ଜଙ୍ଗଲ ଭିତରକୁ ଚାଲିଯାଇଥିଲା। ଢେଙ୍କାନାଳ ବନଖଣ୍ଡ ଷଡ଼ଙ୍ଗୀ ବନାଞ୍ଚଳ ଧନିଆନାଳୀ ରାସ୍ତାରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ଗଁଦିଆ ବ୍ଲକ୍‌ର ଧନିଆନାଳୀଠାରୁ ନିହଲପ୍ରସାଦକୁ ସଂଯୋଗ କରୁଥିବା ପୂର୍ବ ରାସ୍ତାରେ ଏପରି ଘଟଣା ଘଟିଛି। ଧନିଆନାଳୀ ରାସ୍ତାର ପୋଲ ପାଖରେ ଏକ ଦନ୍ତାହାତୀ ହଠାତ୍ ରାସ୍ତା ଉପରକୁ ଚାଲି ଆସିଥିଲା। ଷଡ଼ଙ୍ଗୀ ପଟରୁ ନିହଲପ୍ରସାଦ ଯାଉଥିବା ଏକ ବୋଲେରୋ ଗାଡ଼ି ସମ୍ମୁଖରେ ଠିଆ ହୋଲା ଦନ୍ତା। ଗାଡ଼ି ବୁଲାଇବା ସମ୍ଭବ ନ ଥିବା ବେଳେ ପଛକୁ ଗଲେ ହାତୀ ଗୋଡ଼ାଇ ଆକ୍ରମଣ କରିବା ଆଶଙ୍କା ରହିଥିଲା। ଗାଡ଼ି ଚାଳକ ଉପସ୍ଥିତ ବୁଦ୍ଧି ଖଟାଇ ସାହସର ସହ ସେମିତି ଗାଡ଼ିକୁ ଠିଆ କରି ରଖିଥିଲେ। ଗାଡ଼ି ଭିତରେ ଥିବା ପରିବାର ଆତଙ୍କିତ ଅବସ୍ଥାରେ ଠାକୁରଙ୍କୁ ଡାକି ଚାଲିଥିଲେ। ହାତୀ ଗାଡ଼ିକୁ ଅଟକାଇଥିବା ଦେଖି ଦୁଇପାର୍ଶ୍ୱରୁ ଗାଡ଼ିମୋଟର କିଛି ଦୂରତାରେ ଅଟକି ରହିଥିଲେ। ହାତୀଟି ଶୁଣ୍ଢରେ ଗାଡ଼ିକୁ ପିଟିବାକୁ ଉଦ୍ୟମ କରୁଥିବା ବେଳେ ଦୂରରେ ଥିବା ଲୋକମାନେ ପାଟି କରି ଆକ୍ରମଣ ନକରି ଗାଡ଼ି ଛାଡ଼ି ଚାଲିଯିବାକୁ ଅନୁରୋଧ କରିଥିଲେ। ସତେ ଯେପରି ମଣିଷ କଥା ବୁଝିବା ସହ ମାନି କରି ହାତୀଟି ଗାଡ଼ିକୁ ଶୁଣ୍ଢରେ ଏପଟସେପଟ ଛୁଇଁ ସେଠାରୁ ଜଙ୍ଗଲ ମଧ୍ୟକୁ ପଳାଇ ଯାଇଥିଲା।

### ସାମ୍ବିଧାନିକ ସ୍ୱୀକୃତିରେ ବିଳମ୍ବ

## ନ୍ୟାୟ ଅପେକ୍ଷାରେ ଝୋଡିଆ ସମ୍ପ୍ରଦାୟ

**ରାୟଗଡ଼ା: ଏକ୍ସପ୍ରେସ ନ୍ୟୁଜ୍**

ଓଡ଼ିଶାର ଝୋଡିଆ ସମ୍ପ୍ରଦାୟକୁ ଅନୁସୂଚ଼ିତ ଜନଜାତି (ଏସ୍‌ଟି) ମାନ୍ୟତା ପ୍ରଦାନ କରିବାରେ ଦୀର୍ଘ ବିଳମ୍ବ ଏବଂ ସମ୍ବିଧାନର ଅଷ୍ଟମ ଅନୁସୂଚ଼ୀରେ ସୌରା (ସୋରା) ଭାଷାକୁ ସାମ୍ବିଧାନିକ ମାନ୍ୟତା ଦେବା ପାଇଁ ସ୍ପଷ୍ଟ ଓ ସମୟବଦ୍ଧ ରୋଡମ୍ୟାପ୍‌ର ଅଭାବ ଗୁରୁତର ଚ଼ିନ୍ତା ସୃଷ୍ଟି କରିଛି।



ଲୋକସଭାରେ ଉଠାଯାଇଥିବା ଏକ ଅଣତାରକା ପ୍ରଶ୍ନର ଉତ୍ତରରେ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ନିଶ୍ଚିତ କରିଛି ଯେ ଝୋଡିଆ ସମ୍ପ୍ରଦାୟକୁ ଅନୁସୂଚ଼ିତ ଜନଜାତି ତାଲିକାରେ ପରୋଜାର ପ୍ରତିଶବ୍ଦ ଭାବରେ ଅନ୍ତର୍ଭୁକ୍ତ କରିବା ପାଇଁ ଓଡ଼ିଶା ସରକାରଙ୍କ ଦ୍ୱାରା ଦାଖଲ କରାଯାଇଥିବା ପ୍ରସ୍ତାବଟି ଭାରତର ରେଜିଷ୍ଟ୍ରାର ଜେନେରାଲ (ଓଆରଜିଆଇ) କାର୍ଯ୍ୟାଳୟରୁ ସମର୍ଥନ ନମିଳିବା କାରଣରୁ ଫେରାଇ ଦିଆଯାଇଛି। ଏହାକୁ ପୁନର୍ବିଚ଼ାର ପାଇଁ ରାଜ୍ୟ ସରକାରଙ୍କୁ ପଠାଯାଇଥିବାରୁ, ଦୀର୍ଘ ସମୟ ଧରି ପଡ଼ି ରହିଥିବା ପ୍ରକ୍ରିୟା ଆହୁରି ଲମ୍ବିତ ହୋଇଛି।

ଏହି ବାରମ୍ବାର ସାଙ୍ଗଠାନିକ ପ୍ରକ୍ରିୟା ରାୟଗଡ଼ା ଜିଲ୍ଲାର କାଶୀପୁର ବ୍ଲକରେ ମୁଖ୍ୟତଃ ବାସ କରୁଥିବା ଏକ ସ୍ୱତନ୍ତ୍ର ଜନଜାତି ସମ୍ପ୍ରଦାୟର ସାମ୍ବିଧାନିକ ମାନ୍ୟତା ପ୍ରଦାନ ପ୍ରତି ଥିବା ଗଭୀର ଅନାଗ୍ରହ ଓ ତତ୍ପରତା ଅଭାବକୁ ସ୍ପଷ୍ଟ କରେ। ଏହାର ପରିଣାମସ୍ୱରୂପ ଝୋଡିଆ ସମ୍ପ୍ରଦାୟ ସାମ୍ବିଧାନିକ ସୁରକ୍ଷା, ସଂରକ୍ଷଣ ଲାଭ ଓ ଅନୁସୂଚ଼ିତ ଜନଜାତିଙ୍କ ପାଇଁ ଥିବା ଲକ୍ଷ୍ୟଭିତ୍ତିକ କଲ୍ୟାଣମୂଳକ ପଦକ୍ଷେପରୁ ଦୀର୍ଘକାଳ ଧରି ବଞ୍ଚିତ ରହୁଛନ୍ତି।

ଅଷ୍ଟମ ଅନୁସୂଚ଼ୀରେ ସୌରା (ସୋରା) ଭାଷାକୁ ଅନ୍ତର୍ଭୁକ୍ତ କରିବା ସମ୍ପର୍କରେ ସରକାରଙ୍କ ପ୍ରତିକ୍ରିୟା ମଧ୍ୟ ସମାନ ଭାବରେ ଚ଼ିନ୍ତାଜନକ। ମନ୍ତ୍ରଣାଳୟ ସ୍ପଷ୍ଟ କରିଛି ଯେ କୌଣସି ଭାଷାକୁ ଅଷ୍ଟମ ଅନୁସୂଚ଼ୀରେ ଅନ୍ତର୍ଭୁକ୍ତ କରିବା ପାଇଁ ସ୍ଥିର ଓ ସୁସ୍ପଷ୍ଟ ମାନଦଣ୍ଡ କିମ୍ବା ନିର୍ଦ୍ଦିଷ୍ଟ ସମୟସୀମା ନାହିଁ। ପାହୱା କମିଟି (୧୯୯୬) ଏବଂ ସୀତାକାନ୍ତ ମହାପାତ୍ର କମିଟି (୨୦୦୩) ସମେତ ପୂର୍ବରୁ ଗଠିତ ବିଶେଷଜ୍ଞ କମିଟିମାନେ ମଧ୍ୟ ନିର୍ଣ୍ଣାୟକ ଓ ଏକରୂପ ମାନଦଣ୍ଡ ବିକଶିତ କରିବାରେ ବିଫଳ ହୋଇଥିଲେ।

ଏହାର ପରିଣାମରେ, ଓଡ଼ିଶା, ଆନ୍ଧ୍ର ପ୍ରଦେଶ ଓ ତେଲେଙ୍ଗାନାରେ ଲକ୍ଷାଧିକ ଆଦିବାସୀ ଲୋକଙ୍କ ଦ୍ୱାରା ଦୈନିକ ଭାବେ କଥାହେଉଥିବା ସତ୍ତ୍ୱେ ସୌରା ଭାଷାକୁ ସାମ୍ବିଧାନିକ ସ୍ୱୀକୃତି ଦେବା ଦାବି ଏପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅଟକି ରହିଛି।

ସ୍ପଷ୍ଟ ମାନଦଣ୍ଡ, ସାଂସ୍ଥାଗତ ଦାୟିତ୍ୱବୋଧ ଓ ସମୟସୀମାବଦ୍ଧ ନିଷ୍ପତ୍ତି ଗ୍ରହଣର ଅଭାବ ଆଦିବାସୀ ପରିଚ଼ୟ, ଭାଷା ଅଧିକାର ଓ ସାଂସ୍କୃତିକ ସଂରକ୍ଷଣ ପ୍ରତି ଥିବା ବ୍ୟାପକ ଅବହେଳାକୁ ପ୍ରକାଶ କରୁଛି। ସାମ୍ବିଧାନିକ ମାନ୍ୟତା କେବଳ ପ୍ରତୀକାତ୍ମକ ସ୍ୱୀକୃତି ନୁହେଁ; ଏହା ସାଂସ୍କୃତିକ ଐତିହ୍ୟକୁ ସୁରକ୍ଷା ଦେବା, ଶିକ୍ଷାଗତ ପ୍ରବେଶକୁ ସକ୍ଷମ କରିବା ଏବଂ ଜନଜାତି ସମ୍ପ୍ରଦାୟ ପାଇଁ ସମାନ ବିକାଶ ସୁନିଶ୍ଚିତ କରିବା ପାଇଁ ଅତ୍ୟାବଶ୍ୟକ।

ଉଭୟ ପ୍ରସଙ୍ଗର ତୁରନ୍ତ, ସ୍ୱଚ୍ଛ ଓ ସମୟସୀମାବଦ୍ଧ ସମାଧାନ ପାଇଁ ଦୃଢ଼ ଦାବି ଉଠିଛି। ଏହି ସମାଧାନ କଠୋର ଜାତିଗତ, ଭାଷାଗତ ଓ ମାନବଶାସ୍ତ୍ରୀୟ ମୂଲ୍ୟାଙ୍କନ ଉପରେ ଆଧାରିତ ହେବା ସହିତ ପ୍ରଭାବିତ ସମ୍ପ୍ରଦାୟମାନଙ୍କ ସହ ଅର୍ଥପୂର୍ଣ୍ଣ ଓ ସାର୍ଥକ ପରାମର୍ଶକୁ ଅନିବାର୍ଯ୍ୟ କରିବା ଆବଶ୍ୟକ ବୋଲି ଜୋର

## ଜେଲ୍ ଗଲେ ଲାଞ୍ଚୁଆ ଯନ୍ତ୍ରୀ

**ଜୟପୁର: ଏକ୍ସପ୍ରେସ ନ୍ୟୁଜ୍**

ଜୟପୁର ଭିଜିଲାନ୍ସ ବିଭାଗ ଦ୍ୱାରା ଗତକାଲି ୨୦ ହଜାର ଟଙ୍କା ଲାଂଚ଼ ନେବା ବେଳେ ଗିରଫ ହୋଇଥିବା ବିଦ୍ୟୁତ ବିଭାଗ ଟାଟା ପାୱାରର ଲାଂଚୁଆ କନିଷ୍ଠ ଯନ୍ତ୍ରୀ ପ୍ରଦେଶ ପ୍ରସାଦ ନାୟକଙ୍କ ଏବଂ ଲାଂଚ଼ ନେଣଦେଣରେ ମଧ୍ୟସ୍ଥି ସାଜିଥିବା ଅଭିଯୁକ୍ତ ବହି ଦୋକାନୀ ଭଞ୍ଜ କିଶୋର ସ୍ୱାଇଁଙ୍କୁ ଗିରଫ କରାଯାଇ ଆଜି କୋର୍ଟ ଚ଼ାଲାଣ କରାଯାଇଛି । ଅଭିଯୁକ୍ତଙ୍କ ଓକିଲଙ୍କ ପକ୍ଷରୁ ଜାମିନ ଆବେଦନ କରାଯାଇଥିଲା. କିନ୍ତୁ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଦାୟୀତ୍ୱରେ ରହିଥିବା ଜଜ୍ ଏହି ଜାମିନର ଶୁଣାଣି ଆସନ୍ତା ୧୭ ତାରିଖକୁ ଶୁଣାଣି ନେଇ ସ୍ଥଗିତ ରଖିବା ସହିତ ଜେଲକୁ ହାଜତକୁ (ବିଚ଼ାରବିଭାଗିୟ )ରଖିବା ନେଇ ନିର୍ଦ୍ଦେଶ ଦେଇଛନ୍ତି । ଏହିପରି ଆୟବର୍‌ହିଭୁତ ସମ୍ପତି ନେଇ ଯାଂଚ଼ ବେଳେ ବ୍ରହ୍ମପୁର ଠାରେ ୨ହଜାର ବର୍ଗଫୁଟରେ ଦୁଇ ମହଲା ଘର, ଭୁବନେଶ୍ୱର ଏବଂ ବ୍ରହ୍ମପୁର ନାମୀଦାମୀ ଅଂଚ଼ଳରେ ୫ଟି ଦାମିକିଆ ପ୍ଲଟ, ୧୫୯ ଗ୍ରାମ ସୁନା ଅଳଙ୍କାର, ଗୋଟିଏ ଚ଼ାରିଚ଼କିଆ ଏବଂ ୨ଟି ଦୁଇ ଚ଼କିଆ ଯାନ ରହିଛି । ଏହିପରି ତାଙ୍କର ଅନ୍ୟାନ୍ୟ ସ୍ଥାନରେ ସମ୍ପତି ରହିଥିବା ନେଇ ଯାଂଚ଼ ଜାରୀ ରହିଥିବା ନେଇ ରହିଥିବା ନେଇ ଜୟପୁର ସ୍ଥିତ କୋରାପୁଟ ଡିଭିଜନ ଭିଜିଲାନ୍ସ ଏସ.ପି ରବିନ୍ଦ୍ର କୁମାର ପଣ୍ଡା ସୂଚ଼ନା ଦେଇଛନ୍ତି । ଗିରଫ ଅଭିଯୁକ୍ତ କନିଷ୍ଠ ଯନ୍ତ୍ରୀ ଗତ ୨୦୦୪ ମସିହାରେ ମାସିକ ୩ ହଜାର ଟଙ୍କା ଦରମାରେ କନିଷ୍ଠ ଯନ୍ତ୍ରୀ ତାଲିମ ଗ୍ରହଣ ଆରମ୍ଭ କରିଥିଲେ ଏବଂ ଗତ ୨୦୨୧ ମସିହାରେ କନିଷ୍ଠ ଯନ୍ତ୍ରୀ ଭାବେ ପଦୋନ୍ନତି ପାଇବା ପରେ ମାଲକାନଗିରି ଜିଲ୍ଲା ଟାଟା ପାୱାର ବିଦ୍ୟୁତ ବିତୋରକ ବିଭାଗରେ ଯୋଗଦାନ କରିଥିଲେ । ପ୍ରକାଶ ଯେ, ଗତକାଲି ମାଲକାନଗିରି ଠାରେ ଜଣେ ଇଟା କାରଖାନା ମାଲିକଙ୍କୁ ବିଦ୍ୟୁତ ସଂଯୋଗ କରିବା ନେଇ ୨୦ ହଜାର ଟଙ୍କା ଜଣେ ମଧ୍ୟସ୍ଥି ଦୋକାନୀଙ୍କ ଦ୍ୱାରା ଲାଂଚ଼ ନେଉଥିବା ବେଳେ ଭିଜିଲାନ୍ସ ଦ୍ୱାରା ଉଭୟ କନିଷ୍ଠ ଯନ୍ତ୍ରୀ ଏବଂ ମଧ୍ୟସ୍ଥି ଧରାପଡିଥିଲେ । ଭିଜିଲାନ୍ସ ଏସ.ପି ଶ୍ରୀ ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ବିଭାଗର ଡିଏସପି ସଦାନନ୍ଦ ପାଣି, ଅଭିୟ ପ୍ରଧାନ, ଇନସପେକ୍ଟର ସନ୍ତୋଷୀ ବାରିକ, ଅନୁଭା ଦାସ, ସାବିତ୍ରୀ ପ୍ରଧାନ ପ୍ରମୁଖଙ୍କ ସମେତ ଅନ୍ୟାନ୍ୟ ଭିଜିଲାନ୍ସ କର୍ମଚ଼ାରୀ ସାମିଲ ହୋଇଥିଲେ ।

## ହେରୋଇନ ଜବତ, ୪ ଗିରଫ

**ସମ୍ବଲପୁର: ଏକ୍ସପ୍ରେସ ନ୍ୟୁଜ୍**

ସମ୍ବଲପୁର ଜିଲ୍ଲା ଅବକାରୀ ବିଭାଗ ଓ ପୋଲିସ ପକ୍ଷରୁ ଧନୁପାଲି ଓ ସଦର ଥାନା ଅଞ୍ଚଳରୁ ୨୪ ଗ୍ରାମ ଧଳା ଜହର ଜବତ କରାଯାଉ ୪ ଜଣଙ୍କୁ ଗିରଫ କରାଯାଇଛି। ଅବକାରୀ ବିଭାଗ ପକ୍ଷରୁ ମଧ୍ୟାହ୍ନରେ ୧୪ ଗ୍ରାମ ହେରୋଇନ ଜବତ କରାଯାଇଛି। ଧନୁପାଲି ଥାନା ଅନ୍ତର୍ଗତ ଧନକଉଡା ଠାରେ ବିଭାଗର ଟିମ ଦୁଇ ଜଣଙ୍କୁ କାବୁ କରି ଏହି ବେଆଇନ ମାଦକ ପଦାର୍ଥ ଉଦ୍ଧାର କରିଥିଲେ। ଅଭିଯୁକ୍ତମାନେ ଏହାକୁ ଏକ ସ୍କୁଟରରେ ଲୁଚ଼ାଇ ରଖିଥିଲେ। ଅବଜାରୀ ସଦର ରେଞ୍ଜରେ ଏନେଇ କେଶ ସଂଖ୍ୟା ୧୦୮ ଉପରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇ ଉକ୍ତ ସ୍କୁଟର, ଗୋଟିଏ ମୋବାଇଲ ଫୋନ ଓ ନଗଦ ୭ ଶହ ଟଙ୍କା ଜବତ କରାଯାଇଛି। ଜବତ ହେରୋଇନର ମୂଲ୍ୟ ପ୍ରାୟ ଦେଢ଼ ଲକ୍ଷ ଟଙ୍କା ହେବ। ଅନୁରୂପ ଭାବରେ ଗତ ୨୯ ତାରିଖ ଅଇଁଠାପାଲି ଥାନା ପୋଲିସ ଲମଡୁଙ୍ଗୁରୀ- କାଇଁଶୀର ଏକ ସ୍କୁଟରରେ ଯାଉଥିବା ଦୁଇ ଜଣଙ୍କୁ ଯାଞ୍ଚ କରି ୧୦ ଗ୍ରାମ ଧଳା ଜହର ଜବତ କରିଛି। ଏମାନେ ହେଲେ ସଦର ଥାନା ଅଞ୍ଚଳର ସୌରଭ ଗୁରୁ ଏବଂ ରେଙ୍ଗାଲି ଥାନାର ପ୍ରୀତମ ନନ୍ଦ। ଏମାନଙ୍କ ଠାରୁ ଗୋଟିଏ ଏକ୍ଟିଭା ସ୍କୁଟର (ଓଡ଼ି ୧୫ଏ ସି ୧୩୨୮) ୧ ଗ୍ରାମ ଓଜନର ବ୍ରାଉନ ସୁଗାର, ୩ଟି ମୋବାଇଲ ଫୋନ ଓ ନଗଦ ୪ ହଜାର ଟଙ୍କା ଜବତ କରାଯାଇ ଏକ ଏନଡ଼ିପିଏସ ମାମଲା ରୁଜୁ କରାଯାଇଛି।

## ଜଙ୍ଗଲରୁ ମିଳିଲା ଯୁବକର ମୃତଦେହ

**ବ୍ରଜରାଜନଗର: ଏକ୍ସପ୍ରେସ ନ୍ୟୁଜ୍**

ଜଙ୍ଗଲରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଥାନା ରାମପୁର ଫାଣ୍ଡି ଅଞ୍ଚଳରେ ଥିବା କୁକୁରିକାନି ନିକଟରେ ଥିବା ଟାଙ୍ଗର ଘାଟ ଜଙ୍ଗଲରେ ଯୁବକଙ୍କ ମୃତଦେହ ମିଳିଛି। କେହି ହତ୍ୟା କରି ଜଙ୍ଗଲରେ ଫିଙ୍ଗି ଦେଇଥିବା ସନ୍ଦେହ କରି ପୋଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ସୂଚ଼ନାନୁସାରେ, ରାମପୁର ଫାଣ୍ଡି ଅନ୍ତର୍ଗତ ବୁଗୁଦା ପଡା ନିବାସୀ ସତ୍ୟନାରାୟଣ ସାହସିଙ୍କ ୧୯ ବର୍ଷୀୟ ପୁଅ ଶାହିଲ ସାହିସ ଗତ ୧ ତାରିଖ ସାକାଳୁ ଘରୁ ନିଖୋଜ ଥିଲେ। ଏ ସଂପର୍କରେ ବାପା ସତ୍ୟନାରାୟଣ ସାହିସ ପୁଅ ନିଖୋଜ ଥିବା ରାମପୁର ଫାଣ୍ଡିରେ ଖବର ଦେବା ପରେ ପୋଲିସ ଚ଼ାରିଆଡେ ଖୋଜାଖୋଜି କରିଥିଲେ। ଟାଙ୍ଗର ଘାଟ ଜଙ୍ଗଲ ଭିତରେ ଏକ ଜରିରେ କାହାର ମୃତଦେହ ଗୁଡ଼ା ହୋଇ ପଡ଼ିଥିବା ବିଶେଷ ସୂତ୍ରରୁ ଖବର ପାଇଥିଲା ପୋଲିସ।




ପରେ ଘଟଣାସ୍ଥଳରେ ବ୍ରଜରାଜନଗର ଥାନା ଆଇଆଇସି ଧବଳେଶ୍ୱର ସାହୁ ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି ମୃତଦେହ ଗୁଡ଼ା ହୋଇଥିବା ଜରି ଖୋଲିବା ପରେ ଶବଟିର ବହୁ ଦୁର୍ଗନ୍ଧ ହେବାରୁ ଯୁବକଙ୍କୁ ଦୁଇ ତିନି ଦିନ ଆଗରୁ କେହି ହତ୍ୟା କରି ଏଠାରେ ଫିଙ୍ଗି ଦେଇଥିବା ଜାଣିବାକୁ ପାଇଥିଲେ। ଘଟଣାସ୍ଥଳରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଗୁନ୍ଦଲା ରେଡ୍ଡୀ ରାଘବେନ୍ଦ୍ର ଓ ବ୍ରଜରାଜନଗର ଏସଡିପିଓ ଚ଼ିନ୍ତାମଣି ପ୍ରଧାନ ଥାନା ଅଧିକାରୀ ଧବଳେଶ୍ୱର ସାହୁ ରାମପୁର ଫାଣ୍ଡି ଅଧିକାରୀ ସୁଦର୍ଶନ ବେହେରା ଉପସ୍ଥିତ ରହି ତଦନ୍ତ ଆରମ୍ଭ କରିଛନ୍ତି। ଶବ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ପୋଲିସ ୩ ଜଣଙ୍କୁ ଅଟକ ରଖି ପଚ଼ରାଉଚ଼ରା କରୁଥିବା ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସୂଚ଼ନା ଦେଇଛନ୍ତି। ଶବଟି ୧୯ ବର୍ଷୀୟ ସାହିଲ ସାହିସ ବୋଲି ଜଣାପଡ଼ିଛି।

## ବ୍ୟବସାୟୀଙ୍କ ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ



**କୋକସରା: ଏକ୍ସପ୍ରେସ ନ୍ୟୁଜ୍**

ବ୍ୟବସାୟୀଙ୍କ ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ। ଘରୁ ଲକ୍ଷାଧିକ ଟଙ୍କା ଓ ସୁନାଗହଣା ଚୋରି ଅଭିଯୋଗ। କଳାହାଣ୍ଡି ଜିଲ୍ଲା ଆମପାଣି ଥାନା ଅଞ୍ଚଳରୁ ଏହି ଘଟଣା ସାମ୍ନାକୁ ଆସିଛି।

ସୂଚ଼ନା ମୁତାବକ, ଗତ ବିଳମ୍ବିତ ରାତିରେ ଆମପାଣିର ବ୍ୟବସାୟୀ ସନ୍ତୋଷ କୁମାର ସାହୁଙ୍କ ଘରୁ ବଡ଼ ଧରଣ ଚୋରି ହୋଇଛି। ଘରେ କେହି ନଥିବା ସୁଯୋଗ ନେଇ ଘରେ କଳାକାନା ବୁଲାଇଛନ୍ତି ଦୁର୍ବୃତ୍ତ। ବୁଧବାର ପରିବାର ଲୋକେ ବିବାହ କାର୍ଯ୍ୟରେ ଯୋଗଦେବାକୁ ଯାଇଥିବା ବେଳେ ଏହାର ସୁଯୋଗ ନେଇ ରାତିରେ ଘରେ ପଶି ଥିଲେ ଦୁର୍ବୃତ୍ତ। ରାତିରେ ଘର ମାଲିକ ଫେରିବା ପରେ ଘରେ ଚୋରି ହୋଇଥିବା ଦେଖି ସ୍ଥାନୀୟ ଆମପାଣି ପୋଲିସକୁ ସୂଚ଼ନା ଦେଇଥିଲେ। ଚୋରମାନେ ଘର ପଛପଟ ଲୁହା କବାଟ ତାଡି ଘରେ ପଶିଥିଲେ। ଘରର ଦୁଇଟି କୋଠରୀରେ ଥିବା ଆସବାବପତ୍ର ଛିନଛତ୍ର କରି ଘରେ ଥିବା ୩/୪ ଆଲମିରା ଭାଙ୍ଗି ନଗଦ ୩ ଲକ୍ଷ ଓ ୧୦ ଭରି ସୁନାଗହଣା ଚୋରି ହୋଇଥିବା ନେଇ ଘର ମାଲିକ ଆମପାଣି ଥାନାରେ ଅଭିଯୋଗ କରିଛନ୍ତି।

### ବାଣିଜ୍ୟ

## ବଦଳିଲା ୟୁପିଆଇ ଟ୍ରାଞ୍ଜାକ୍ସନ ପଦ୍ଧତି

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**

ଭାରତରେ ଡିଜିଟାଲ ପେମେଣ୍ଟ ଆମ ଦୈନନ୍ଦିନ ଜୀବନର ଏକ ଅବିଚ୍ଛେଦ୍ୟ ଅଂଶ ପାଲଟିଛି। ପନିପରିବା କିଣିବା ଠାରୁ ଆରମ୍ଭ କରି ଅନଲାଇନ ସପିଂ, ବିଦ୍ୟୁତ୍ ବିଲ ପୈଠ କରିବା ଏବଂ ବନ୍ଧୁମାନଙ୍କୁ ଟଙ୍କା ପଠାଇବା ପର୍ଯ୍ୟନ୍ତ, ୟୁପିଆଇ ସବୁଠି ବ୍ୟବହାର କରାଯାଏ। ତେଣୁ, ୟୁପିଆଇ ନିୟମରେ ଯେକୌଣସି ପରିବର୍ତ୍ତନ ଲକ୍ଷ ଲକ୍ଷ ଲୋକଙ୍କୁ ପ୍ରଭାବିତ କରେ।

ଏହାକୁ ଧ୍ୟାନରେ ରଖି ସରକାର, ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଏବଂ ଏନପିସିଆଇ ଫେବୃଆରୀ ୨୦୨୬ରୁ ନୂତନ ୟୁପିଆଇ ନିୟମ ଲାଗୁ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ନୂତନ ନିୟମଗୁଡ଼ିକର ଲକ୍ଷ୍ୟ ହେଉଛି କାରବାରକୁ ଦ୍ରୁତ କରିବା, ଠକେଇ ସୁରକ୍ଷାକୁ ବୃଦ୍ଧି କରିବା ଏବଂ ବ୍ୟବହାରକାରୀଙ୍କୁ ସେମାନଙ୍କ ଟଙ୍କା ଏବଂ ପେମେଣ୍ଟ ଉପରେ ଅଧିକ ନିୟନ୍ତ୍ରଣ ଦେବା। ଯଦି ଆପଣ ଗୁଗୁଲ୍ ପେ, ଫୋନ୍‌ପେ, ପେଟିଏମ୍, କିମ୍ବା ଅନ୍ୟ କୌଣସି ୟୁପିଆଇ ଆପ ବ୍ୟବହାର କରନ୍ତି, ତେବେ ଆସନ୍ତୁ ଆମେ ଆପଣଙ୍କୁ ଫେବୃଆରୀରେ କାର୍ଯ୍ୟକାରୀ ହେବାକୁଥିବା ନୂତନ ୟୁପିଆଇ ନିୟମ ବିଷୟରେ କହିବୁ।




ନୂତନ ନିୟମ ଅନୁଯାୟୀ, ୟୁପିଆଇ କାରବାର ଏବଂ ଏପିଆଇ ପ୍ରତିକ୍ରିୟା ୧୦ ସେକେଣ୍ଡ ମଧ୍ୟରେ ସମାପ୍ତ ହେବା ଆବଶ୍ୟକ। ପୂର୍ବରୁ, ଏହି ସମୟ ସୀମା ୩୦ ସେକେଣ୍ଡ ଥିଲା, ଯାହା ପ୍ରାୟତଃ ପେମେଣ୍ଟ ଅଟକିଯାଉଥିଲା କିମ୍ବା ବିଳମ୍ବ ହେଉଥିଲା। ଏହାର ଲାଭ ହେବ ଦ୍ରୁତ ପେମେଣ୍ଟ, କମ ପେଣ୍ଡିଂ କିମ୍ବା ପ୍ରକ୍ରିୟାକରଣ କାରବାର, ଏବଂ ବ୍ୟସ୍ତ ସମୟରେ (ଯେପରିକି ବିକ୍ରୟ କିମ୍ବା ମାସ ଶେଷରେ) ମଧ୍ୟ ସିଷ୍ଟମ ଭଲ ଭାବରେ କାମ କରିବ। ଏହା ଗ୍ରାହକ ଏବଂ ବ୍ୟବସାୟୀ ଉଭୟଙ୍କୁ ଆଶ୍ୱସ୍ତି ପ୍ରଦାନ କରିବ।

ଏପିଆଇ, କିମ୍ବା ଆପ୍ଲିକେସନ ପ୍ରୋଗ୍ରାମିଂ ଇଣ୍ଟରଫେସ, ଦୁଇଟି ଆପ କିମ୍ବା ସିଷ୍ଟମ ମଧ୍ୟରେ ଯୋଗାଯୋଗର ଏକ ମାଧ୍ୟମ ଭାବରେ ବୁଝିହେବ। ଯେତେବେଳେ ଆପଣ ଏକ ୟୁପିଆଇ ପେମେଣ୍ଟ କରନ୍ତି, ଆପଣଙ୍କର ୟୁପିଆଇ ଆପ ଆପଣଙ୍କ ବ୍ୟାଙ୍କକୁ ପଚ଼ାରିଥାଏ ଯେ ଆପଣଙ୍କ ଆକାଉଣ୍ଟରେ ଟଙ୍କା ଅଛି କି ନାହିଁ, ତା'ପରେ ଅନ୍ୟ ବ୍ୟାଙ୍କକୁ ପେମେଣ୍ଟ ଗ୍ରହଣ କରିବାକୁ କୁହେ। ଏହି ସମ୍ପୂର୍ଣ୍ଣ ଯୋଗାଯୋଗ ଏପିଆଇ ମାଧ୍ୟମରେ ହୁଏ। ବର୍ତ୍ତମାନ ଏପିଆଇ ଦ୍ରୁତ ହୋଇଥିବାରୁ, ସମ୍ପୂର୍ଣ୍ଣ ପେମେଣ୍ଟ ଦ୍ରୁତ ଏବଂ ସୁଗମ ହେବ।



### ସିନେମାଫିନେମା ଟିଭିଫିଭି

## ୬ ବର୍ଷ ପରେ ବଲିଉଡ୍‌କୁ ଫେରିଲେ ପ୍ରିୟଙ୍କା

ଗ୍ଲୋବାଲ ଷ୍ଟାର ପ୍ରିୟଙ୍କା ଚୋପ୍ରା। ୬ ବର୍ଷର ଅପେକ୍ଷା ପରେ ଭାରତୀୟ ସିନେମାକୁ କମ୍‌ବ୍ୟାକ୍ କରିବାକୁ ଯାଉଛନ୍ତି। ପ୍ରଶଂସକମାନେ ଏସଏସ ରାଜାମୌଳିଙ୍କ ପରବର୍ତ୍ତୀ ପ୍ରମୁଖ ଚଳଚ୍ଚିତ୍ର 'ବାରାଣସୀ' ସହ କମ୍‌ବ୍ୟାକ୍ କରିବେ। ଯାହାକୁ ଫ୍ୟାନ୍ସ ଉତ୍ସାହର ସହ ଅପେକ୍ଷା କରିଛନ୍ତି। ଏହି ଚଳଚ୍ଚିତ୍ରରେ ସେ ତେଲୁଗୁ ସୁପରଷ୍ଟାର ମହେଶ ବାବୁ ଏବଂ ପୃଥ୍ୱୀରାଜ ସୁକୁମାରନଙ୍କ ସହ ନଜର ଆସିବେ। ଏହା ସହ ଆଗାମୀ ଫିଲ୍ମ 'ଡନ୍' ଏବଂ 'କ୍ରିସ' ଫ୍ରାଞ୍ଚାଇଜ ଆସିବାକୁ ଥିବାବେଳେ ପ୍ରିୟଙ୍କା ଏହି ଫିଲ୍ମରେ ଅଭିନୟ କରିବେ ବୋଲି ଚ଼ର୍ଚ୍ଚା ଜୋର ଧରିଛି। 'ବାରାଣସୀ'ର ପ୍ରମୋସନ ସମୟରେ ଏକ ସାକ୍ଷାତକାରରେ, ସେ ତାଙ୍କ କ୍ୟାରିଅରର ଏହି ନୂତନ ଅଧ୍ୟାୟ ପାଇଁ ପ୍ରସ୍ତୁତି ବିଷୟରେ କହିଛନ୍ତି ପ୍ରିୟଙ୍କା ଚୋପ୍ରା। ଏହି ସମୟରେ ସେ 'ଡନ୍ ୩' ଏବଂ 'କ୍ରିଶ୍ ୪'ରେ ଅଭିନୟ ଚର୍ଚ୍ଚା ନେଇ ପ୍ରତିକ୍ରିୟା ଦେଇଛନ୍ତି।

ସାକ୍ଷାତକାରରେ, ପ୍ରିୟଙ୍କା ଚୋପ୍ରା ତାଙ୍କର ପୂର୍ବ ଫ୍ରାଞ୍ଚାଇଜ, 'କ୍ରିସ ୪' ଏବଂ 'ଡନ୍ ୩' ସମେତ ଅନ୍ୟ ବଲିଉଡ୍ ଫିଲ୍ମ ବିଷୟରେ ମଧ ସୂଚ଼ନା ଦେଇଛନ୍ତି। ଏହି ଖବର ତାଙ୍କ ଭାରତୀୟ ପ୍ରଶଂସକମାନଙ୍କ ପାଇଁ ଭଲ ଖବର ହୋଇପାରେ, କିନ୍ତୁ ଅଭିନେତ୍ରୀ ଅଧିକ କିଛି ପ୍ରକାଶ ନକରି ନିଜର ଗୁପ୍ତ କଥା ରଖିଥିଲେ, ତଥାପି ଏହା ଏବେ ବି ଆକର୍ଷଣୀୟ। ପ୍ରିୟଙ୍କାଙ୍କୁ ଦୁଇଟି ଭିନ୍ନ ଚଳଚ୍ଚିତ୍ର ଶିଳ୍ପରେ କାମ କରିବାର ଚ଼୍ୟାଲେଞ୍ଜ ବିଷୟରେ ପଚ଼ରାଯାଇଥିଲା। ସେ ଭାରତୀୟ ଚଳଚ୍ଚିତ୍ର ଶିଳ୍ପକୁ ଫେରିବା ବିଷୟରେ ତାଙ୍କର ଉତ୍ସାହ ପ୍ରକାଶ କରିଥିଲେ। ଦେଶୀ ଗର୍ଲ କହିଛନ୍ତି, 'ହଁ, ମୁଁ ବହୁତ ଖୁସି ଏବଂ ପ୍ରାୟ ୬ ବର୍ଷ ପରେ ଭାରତରେ ଫେରି ଏଠାରେ କାମ କରି ବହୁତ ଭଲ ଲାଗୁଛି। ଏଠାକାର ସଂସ୍କୃତି ମୋ ଜୀବନର ପ୍ରିୟ ଅଂଶ ଏବଂ ଆପଣ ଜାଣନ୍ତି, ମୁଁ ଏହି ଚଳଚ୍ଚିତ୍ର ଭାରତରେ ନିର୍ମାଣ କରୁଛି କାରଣ ଯଦି ଭାରତୀୟ ସିନେମାକୁ ଫେରିବାର ଅନ୍ୟ କୌଣସି ଉପାୟ ଥାଆନ୍ତା, ତେବେ ଏହା ହିଁ ହୋଇଥାନ୍ତା।'

ସାକ୍ଷାତକାରରେ, ତାଙ୍କୁ କ୍ରିସ ଏବଂ ଡନ୍ ଫ୍ରାଞ୍ଚାଇଜ୍‌କୁ ଫେରିବା ଗୁଜବ ବିଷୟରେ ପଚ଼ରାଯାଇଥିଲା। ସେ ପ୍ରଯୋଜନା ବିବରଣୀ ନିଶ୍ଚିତ ନକରି ଉଭୟ ଫିଲ୍ମ ସହିତ ତାଙ୍କର ସମ୍ପର୍କକୁ ସ୍ୱୀକାର କରିଥିଲେ। ସେ କହିଥିଲେ ଯେ ସେ ଏପରି ଚ଼ରିତ୍ର ଏବଂ ଦୁନିଆକୁ ଫେରିବାକୁ ଖୋଲା ରହିବେ ଯେଉଁଠାରେ ଏକ ଭଲ କାହାଣୀ କହିବାର ସମ୍ଭାବନା ଥାଏ। ସେ କହିଛନ୍ତି, 'ମୁଁ ଜାଣିନାହିଁ ମୁଁ ସେମାନଙ୍କ ବିଷୟରେ ମଧ କଥା ହୋଇପାରିବି କି ନାହିଁ।' ତାଙ୍କ ବାରାଣାସୀର ସହ-କଳାକାର ମହେଶ ବାବୁ ତାଙ୍କ ମନ୍ତବ୍ୟର ଉତ୍ତର ଦେଇ ମଜାରେ କହିଲେ, 'ତା'ପରେ କିଛି ଘଟୁଛି।' ଅଭିନେତ୍ରୀ ଆହୁରି କହିଛନ୍ତି ଯେ ଭାରତୀୟ ସିନେମାକୁ ଫେରିବା ତାଙ୍କୁ ଅଭିନୟର ସେହି ଦିଗଗୁଡ଼ିକୁ ପୁନଃ ଆବିଷ୍କାର କରିବାର ସୁଯୋଗ ଦେବ ଯାହାକୁ ସେ ଏତେ ବର୍ଷ ଧରି ହରାଇଥିଲେ। ସେ କହିଛନ୍ତି, 'ମୋର ପ୍ରିୟ ଅଂଶ ନାଚ଼ିବା। ମୁଁ ପୁଣି ନାଚ଼ିବାକୁ ପାଇଲି। ମୁଁ ମୋର କୌଣସି ହଲିଉଡ୍ ପ୍ରଡକ୍ସନରେ ଏହା କରିନାହିଁ, ତେଣୁ ମୁଁ ପ୍ରକୃତରେ ଉତ୍ସାହିତ ଥିଲି।

## ଗାନ୍ଧୀ ମାର୍କେଟରୁ ଜବରଦଖଲ ହଟାଇବାକୁ ଦାବି

**କେନ୍ଦୁଝର: ଏକ୍ସପ୍ରେସ ନ୍ୟୁଜ୍**

କେନ୍ଦୁଝର ସହରରେ ଜନ ସଂଖ୍ୟା ହୁ ହୁ ହୋଇ ବଢିଚ଼ାଲିଛି। ଏପରି ବେଳେ ସହର ମଧ୍ୟସ୍ଥଳ ଗାନ୍ଧୀ ଛକ ତଥା ଗାନ୍ଧୀ ମାର୍କେଟ ଚ଼ାରିପଟେ ଜବରଦଖଲ ବଢିଥିବା ଅଭିଯୋଗ ବହୁତ ଦିନରୁ ହେଇ ଆସୁଛି। ଏହି ଛକରେ ଦୁର୍ଘଟଣା ଘଟି ପୂର୍ବରୁ ବହୁ ଧନଜୀବନ ହାନୀ ହୋଇଥିବାର ନଜିର ରହିଛି। ସୂଚ଼ନା ଯୋଗ୍ୟ କି ଅତୀତରେ ଅଶୀ ଦଶକରେ କେନ୍ଦୁଝରଗଡ ନଗରପାଳିକା ଏକ ପୋଖରୀକୁ ବେଆଇନ ଭାବେ ପୋତି ଏକ ମାର୍କେଟ କମ୍ପ୍ଲେକ୍ସ କରିଥିଲା। ଏହି ବଜାର ନିର୍ମାଣ ଓ ଡିଜାଇନରେ ତ୍ରୁଟି ଥିବାରୁ ଦୋକାନ ଭଲ ନଚ଼ାଲିବାରୁ ଏଠାରେ କୁକୁଡା, ଛେଳି ଖାସି କଟା ଅବାଧ ଭାବେ ଚ଼ାଲିଥିଲା। ତେଣୁ ସେହି ପାଖରେ ଖଣ୍ଡମଣ୍ଡଳ ପଚ଼ା ଦୁର୍ଗନ୍ଧ ହେଉଥିଲା। ଏପରି ପରିସ୍ଥିତିରେ ଲଜ୍ଜାରେ ପ୍ରଶାସନ ସେଠାରୁ ଗାନ୍ଧୀ ମୂର୍ତ୍ତି ଅପସାରଣ କରିନେଇଥିଲା। ସେଠାରେ ଜୁଆ ଖେଳ ମଦୁଆ ନାଟ ହେଉଥିବାର ଅଭିଯୋଗ ଆସୁଥିଲା। ତେବେ ୨୦୧୬ରେ ପୂର୍ତ୍ତ ବିଭାଗ ଏଠାରେ ଥିବା ଘର ଗୁଡିକୁ ବିପଦପୂର୍ଣ୍ଣ ଘୋଷଣା କରି ଭାଙ୍ଗିବାକୁ ସୁପାରିଶ କରିଥିଲା। ତେବେ ତଥାପି ଅନସେଫ ଦୋକାନ ଘରୁ ଦଶ ବର୍ଷ ଧରି ନଗରପାଳିକା ଭଡା ଆଦାୟ କରୁଥିଲା। ଏବେ କିନ୍ତୁ ବହୁ ଦିନର ପ୍ରତୀକ୍ଷା ପରେ ଏହି ଅସ୍ୱାସ୍ଥ୍ୟକର ବଜାରକୁ ଭଙ୍ଗାଯାଇଛି। କିନ୍ତୁ ଏଠାରେ ଥିବା ପ୍ରଭାବଶାଳୀ ଜବରଦଖଲକାରୀଙ୍କ ଘର ଆଉ ଦୋକାନ ସବୁକୁ ଭଙ୍ଗାଯାଇନି। ଅତୀତରେ ଜିଲ୍ଲାପାଳ କେନ୍ଦୁଝର ଅତିରିକ୍ତ ଜିଲ୍ଲାପାଳଙ୍କ ଦ୍ୱାରା ତଦନ୍ତ କରାଇ ଜବରଦଖଲ ଥିବାରୁ ନଗରପାଳିକାକୁ ଭତ୍ସନା କରି ରିପୋର୍ଟ ଦେଇଥିଲେ। ପୁଣି ପୌର ନିର୍ବାହୀ ଅଧିକାରୀ ଏଠାରେ ଜବରଦଖଲ ଥିବା ସ୍ୱୀକାର କରି ସେସବୁ ହଟାଯିବ ବୋଲି ଲିଖିତ ସୂଚ଼ନା ଦେଇଥିଲେ। ତେଣୁ ଏବେ ସେଠାରେ ପ୍ରକୃତ ମୂଲ୍ୟବାନ ସରକାରୀ ଜମିରୁ ଜବରଦଖଲ ହଟାଇବାକୁ ସମାଜସେବୀ ଦିଲୀପ କୁମାର ସାହୁ ସବୁ ତଥ୍ୟ କାଗଜପତ୍ର ସହ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ପ୍ରଶାସନ ନିଜ ତଦନ୍ତ ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦରଖାସ୍ତ ପୁଣି ଦେଇଛନ୍ତି। ଜିଲ୍ଲା ପ୍ରଶାସନ ଏହାକୁ ଗୁରୁତର ଭାବେ ଗ୍ରହଣ କରି କେନ୍ଦୁଝରଗଡ ପୌର ନିର୍ବାହୀ ଲଳିତ ନାୟକ ମଧ କୌଣସି ଜବରଦଖଲକାରୀଙ୍କୁ ଛଡା ଯିବନି ନିଶ୍ଚିତ ସେଠାରେ ଅଭିଯାନ ଆରମ୍ଭ ହେବ କହିଛନ୍ତି।

# ସରକାରଙ୍କ ଦୃଷ୍ଟି ଆଢୁଆଳରେ ଆଞ୍ଚଳିକ କୁଷ୍ଟ ତାଲିମ ଓ ଗବେଷଣା ପ୍ରତିଷ୍ଠାନ

**୫।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଗଞ୍ଜାମ ଜିଲ୍ଲାର ଆସିକା ସହର ବାବନପୁର ଗ୍ରାମରେ ଅବସ୍ଥିତ ରାଜ୍ୟର ଏକମାତ୍ର ଆଞ୍ଚଳିକ କୁଷ୍ଠ ଗବେଷଣା ଓ ତାଲିମ ପ୍ରତିଷ୍ଠାନ ସରକାରଙ୍କ ଦୃଷ୍ଟି ଅଢୁଆଳରେ ରହିଛି । କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅଧୀନରେ ଥିବା ଏହି ପ୍ରତିଷ୍ଠାନରେ ଅସଜଡ଼ା ଭିତ୍ତିଭୂମି, ଡାକ୍ତର ଓ ସେବିକାଙ୍କ ଅଭାବ ରୋଗୀ ସେବାରେ ପ୍ରତିବନ୍ଧକ ସାଜିଛି । ତଥାପି ଏହି କେନ୍ଦ୍ର କୁଷ୍ଠ ଆକ୍ରାନ୍ତଙ୍କ ପାଇଁ ଏକମାତ୍ର ସାହାଭରସା ପାଲଟିଛି । ଗତ ପାଞ୍ଚବର୍ଷରେ ଆଉଟ୍‌ଡୋର୍ ରୋଗୀଙ୍କ ସଂଖ୍ୟା ୮୫୨୭ ଥିବାବେଳେ ୨୦୨୪-୨୫ରେ ଇନ୍‌ଡୋର୍ ରୋଗୀଙ୍କ ସଂଖ୍ୟା ୧୭୫ ଓ ୨୦୨୫-୨୬ରେ ୧୫୫ ରହିଛି ।




ପୂର୍ବରୁ ଏଠାରେ ଡାକ୍ତର ଓ ସେବିକାଙ୍କୁ ମିଶାଇ ୬୨ ପଦ ମଞ୍ଜୁର ଥିଲା । ସମୟକ୍ରମେ ସେଥିରୁ ୨୬ଟି ପଦ ଉଚ୍ଛେଦ କରିଦିଆଯିବା ପରେ ଏବେ ତାହା ୩୬ରେ ସୀମିତ ରହିଛି । ସେଥିରୁ ମାତ୍ର ୨୨ ଜଣ କାମ କରୁଥିବା ବେଳେ ୧୪ଟି ପଦ ଖାଲିପଡ଼ିଛି । ମାତ୍ର ୩ ଜଣ ସେବିକା କାର୍ଯ୍ୟ କରୁଛନ୍ତି । ୨୦୦୨ରୁ ଏହି କେନ୍ଦ୍ରରେ କେହି ନିୟମିତ ନିର୍ଦ୍ଦେଶକ ନାହାନ୍ତି । ଆବଶ୍ୟକ ୬ ଡାକ୍ତରଙ୍କ ବଦଳରେ ମାତ୍ର ୩ ଜଣ ଡାକ୍ତର ଥିବାବେଳେ ଜଣଙ୍କୁ କେନ୍ଦ୍ରର ଭାରପ୍ରାପ୍ତ ନିର୍ଦ୍ଦେଶକ ସହିତ ପାରାଦୀପ ପିଏଚ୍‌ଓ ଓ ଭୁବନେଶ୍ୱର ଏପିଏଚ୍‌ଓ ଦାୟିତ୍ୱ ଦିଆଯାଇଛି । ବରିଷ୍ଠ ଡାକ୍ତର ଭି.ଶାନ୍ତାରାମ ରିସୋର୍ସ ପର୍ସନ୍ ଭାବେ ବାହାରକୁ ଗଲେ ମାତ୍ର ଜଣେ ଡାକ୍ତରଙ୍କୁ ଦାୟିତ୍ୱ ସମ୍ଭାଳିବାକୁ ପଡୁଛି ।

ଅନ୍ୟପଟେ ରାଜ୍ୟରେ ହାରାହାରି ୧୦ ହଜାରରୁ ଅଧିକ କୁଷ୍ଠ ରୋଗୀ ଚିହ୍ନଟ ହେଉଛନ୍ତି । ବୌଦ୍ଧ ଓ ସୋନପୁର ଜିଲ୍ଲାରୁ ଅଧିକ ଆକ୍ରାନ୍ତ ହେଉଛନ୍ତି । ଏହା ଏକ ରେଫରାଲ୍ ହସ୍ପିଟାଲ ହୋଇଥିବାରୁ ଗୁରୁତର ରୋଗୀ ଏଠାକୁ ଆସୁଛନ୍ତି । ବ୍ରହ୍ମପୁର ଏମ୍‌କେସିଜି ସହିତ ଗଞ୍ଜାମ, ଗଜପତି, କନ୍ଧମାଳ ଓ ନୟାଗଡ଼ ଜିଲ୍ଲାର ରୋଗୀ ଏହି ପ୍ରତିଷ୍ଠାନ ଉପରେ ନିର୍ଭର କରୁଛନ୍ତି । ହେଲେ ଭିତ୍ତିଭୂମି, ଉନ୍ନତମାନର ଉପକରଣ ଅଭାବ ଓ ଅନେକ ପଦ ଖାଲି ପଡ଼ିଥିବାରୁ ରୋଗୀ ସେବା, ଡାକ୍ତର, ଆଶାକର୍ମୀଙ୍କୁ ତାଲିମ ଓ ଗବେଷଣା ଆଦି ପ୍ରଭାବିତ ହେଉଛି । ବହୁବର୍ଷ ହେଲା ଏଠି କେହି ବିଶେଷଜ୍ଞ ଡାକ୍ତର ନିଯୁକ୍ତି ପାଇନାହାନ୍ତି । ରୋଗୀଙ୍କ ବଡ଼ ଅସ୍ତ୍ରୋପଚାର ପାଇଁ ବାହାରୁ ବିଶେଷଜ୍ଞ ଡାକ୍ତରଙ୍କୁ ଡକାଯାଉଛି କିମ୍ୱା ଅନ୍ୟ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଉଛି । ୧୯୬୮ରେ ଡେନ୍‌ମାର୍କର ଡେନିସ୍ ସେଭ୍ ଦି ଚିଲ୍‌ଡ୍ରେନ୍ ନାମକ ସଂସ୍ଥା ପକ୍ଷରୁ ୧୫ ଏକର ବିସ୍ତୃତ ଅଞ୍ଚଳରେ ଏହି କେନ୍ଦ୍ର ସ୍ଥାପିତ ହୋଇଥିଲା । ଏଥିରେ ହସ୍ପିଟାଲ, ଡାକ୍ତର, ସେବିକାଙ୍କ ରହଣି, ପ୍ରଶାସନିକ ଓ ତାଲିମ କେନ୍ଦ୍ର ଚାଲିଛି । ୧୯୭୨ରେ ଏହାର ପରିଚାଳନା ଭାର ରାଜ୍ୟ ସରକାର ଓ 'ହିନ୍ଦ୍ କୁଷ୍ଠ ନିବାରଣ ସଂସ୍ଥା ନେଇଥିଲେ । ୧୯୭୭ରେ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏହାକୁ ହାତକୁ ନେଇଥିଲା । ୫୦ ରୋଗୀଙ୍କ ପାଇଁ ସୁବିଧାସୁଯୋଗ ରହିଥିବା ବେଳେ ଏବେ ଏଠାରେ ୨୫ରୁ ଅଧିକ ରୋଗୀ ଚିକିତ୍ସିତ ହେଉଛନ୍ତି ।

ସୂଚନାଥାଉକି, ୨୦୦୫-୦୬ରେ ତତ୍କାଳୀନ ସରକାର ଓଡ଼ିଶାକୁ କୁଷ୍ଠମୁକ୍ତ ଘୋଷଣା କରିଥିଲେ । ସେତେବେଳେ ରାଜ୍ୟରେ ୫୦୮୮ କୁଷ୍ଠ ରୋଗୀ ଥିଲେ । ୨୦୧୦ -୧୧ରେ ଏହି ସଂଖ୍ୟା ବୃଦ୍ଧି ପାଇ ୬୭୪୨ରେ ପହଞ୍ଚିଥିଲା । ୨୦୧୧-୧୨ରେ ୮୨୨୬, ୨୦୧୩-୧୪ରେ ୧୦ ହଜାର ୬୪୫ ଓ ୨୦୧୪-୧୫ରେ ୧୦ ହଜାର ୧୭୪ ରୋଗୀ ଚିହ୍ନଟ ହୋଇଥିବା ବେଳେ ୨୦୨୩-୨୪ରେ ହ୍ରାସ ପାଇ ୮୩୯୬ ଓ ୨୦୨୪-୨୫ରେ ୭୩୪୯ରେ ପହଞ୍ଚିଛି । ତଥାପି ପ୍ରତିବର୍ଷ ନୂଆ ରୋଗୀ ଚିହ୍ନଟ ହେଉଛନ୍ତି ।

## ଆଜିର ରାଶିଫଳ

| ତାରିଖ | ଶୁକ୍ରବାର- ପଞ୍ଚମୀ |
|---|---|
| ୬.୨.୨୦୨୬ | ନକ୍ଷତ୍ର- ହସ୍ତା, କନ୍ୟାଚନ୍ଦ୍ର |



| | |
|---|---|
| **ମେଷ** | : ଭ୍ରମଣରୁ ଖୁସି ପାଇବେ । |
| **ବୃଷ** | : ଆର୍ଥିକ ଚିନ୍ତା ଦୂର ହେବ । |
| **ମିଥୁନ** | : ଅପମାନ ଯୋଗ ରହିଛି । |
| **କର୍କଟ** | : ଆର୍ଥିକ ଖୁସି ପାଇବେ । |
| **ସିଂହ** | : ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବ । |
| **କନ୍ୟା** | : ନୂତନ ଆୟର ସୁଯୋଗ ପାଇବେ । |
| **ତୁଳା** | : ଅପମାନିତ ହୋଇପାରନ୍ତି । |
| **ବିଛା** | : ବନ୍ଧୁ ସହଯୋଗ ପାଇବେ । |
| **ଧନୁ** | : କର୍ମକ୍ଷେତ୍ରରେ ପଦୋନ୍ନତି ଆଶା । |
| **ମକର** | : ଭାତୃକଳହ ଦେଖାଦେବ । |
| **କୁମ୍ଭ** | : ସ୍ୱାସ୍ଥ୍ୟ ଚିନ୍ତାରେ ଦିନଟି କଟିବ । |
| **ମୀନ** | : ଧନପ୍ରଦ ଦିନ ହେବ । |

## କୃଷି ଜିଲ୍ଲାରେ ଧାନକିଣା ମନ୍ଥର

**ଜଳେଶ୍ୱର, ୫।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଜଳେଶ୍ୱର ନିୟନ୍ତ୍ରଣ ବଜାର କମିଟି ଅଧୀନରେ ଥିବା ଜଳେଶ୍ୱର, ଭୋଗରାଇ, ବାଲିଆପାଳ ବ୍ଲକର ୫୪ଟି ପ୍ୟାକ୍ସ ଜରିଆରେ ଅଦ୍ୟାବଧି ୮୨୮୦ ଜଣ ଚାଷୀଙ୍କ ଠାରୁ ୨ ଲକ୍ଷ ୨୧ ହଜାର କ୍ୱିଣ୍ଟାଲ ଧାନ କ୍ରୟ ହୋଇଥିବାର ଜଣାଯାଇଛି । ଧାନ କିଣା ପ୍ରକ୍ରିୟା ମନ୍ଥର ହେଉଥିବା ଓ ଆକାଶରେ ମେଘ ଦେଖି ଚିନ୍ତାରେ ଚାଷୀକୁଳ । ଚଳିତ ବର୍ଷ ଜଳେଶ୍ୱର ବ୍ଲକରେ ୧୧୨୨୭ଜଣ ଚାଷୀ ଧାନ ବିକ୍ରି ପାଇଁ ୧୯ଟି ସେବା ସମବାୟ ସମିତି ନାମ ପଞ୍ଜୀକରଣ କରିଥିଲେ । ଭୋଗରାଇ ବ୍ଲକ ୧୨୪୯୭ଜଣ ଚାଷୀ ୧୯ଟି ସେବା ସମବାୟ ସମିତିରେ ନାମ ପଞ୍ଜୀକରଣ କରିଥିଲେ । ବାଲିଆପାଳ ବ୍ଲକ ୧୦୨୬୫ ଜଣ ଚାଷୀ ୧୬ଟି ସେବା ସମବାୟ ସମିତିରେ ନାମ ପଞ୍ଜୀକରଣ କରିଥିଲେ । କିନ୍ତୁ ସରକାରଙ୍କ ଟାଳଟୁଳ ନୀତି ଯୋଗୁଁ ଧାନ କିଣା ଅମଳର ୨ ମାସ ପରେ ମଧ ଏବେ ସୁଦ୍ଧା ଏକ-ଚତୁର୍ଥାଂଶ ଚାଷୀଙ୍କ ନିକଟକୁ ଟୋକନ ଆସିପାରି ନାହିଁ । ଧାନ ବିକିବା ପାଇଁ ଚାଷୀମାନେ ଅପେକ୍ଷା କରିଥିବାବେଳେ ଟୋକନ ଆସି ନ ଥିବାରୁ ଘୋର ଅସନ୍ତୋଷ ବ୍ୟକ୍ତ କରୁଛନ୍ତି । ଜଳେଶ୍ୱର ବ୍ଲକ-୨୨୦୫ ଚାଷୀଙ୍କ ଠାରୁ ୭୪୭୬୬.୪୭ କ୍ୱିଣ୍ଟାଲ, ଭୋଗରାଇ-୩୦୭୮ ଚାଷୀଙ୍କ ଠାରୁ ୬୮୧୦୪,୧୯ କ୍ୱିଣ୍ଟାଲ ଓ ବାଲିଆପାଳ-୨୯୯୭ ଚାଷୀଙ୍କ ଠାରୁ ୭୮୦୬୮.୪୫ କ୍ୱିଣ୍ଟାଲ ଧାନ କିଣା ଯାଇଥିବା ଜଣାଯାଇଛି । ଧାନ କିଣାରେ କଟନୀ ଛଟନୀ ସଲାସୁତୁରାରେ ଚାଲିଥିଲାବେଳେ ଧାନ ବିକ୍ରି କରି ନ ପାରି ଚାଷୀମାନେ ହଇରାଣ ହରକତ ହେଉଛନ୍ତି । ଗତ ବର୍ଷ ଉପରୋକ୍ତ ୩ଟି ବ୍ଲକରେ ପ୍ରାୟ ୨୭ ହଜାର ଚାଷୀଙ୍କ ଠାରୁ ୬ ଲକ୍ଷ ୫୧ ହଜାର କ୍ୱିଣ୍ଟାଲ ଧାନ କ୍ରୟ ହୋଇଥିବାବେଳେ ଚଳିତ ବର୍ଷ ଅଦ୍ୟାବଧି ୮୨୮୦ ଚାଷୀଙ୍କ ଠାରୁ ୨ ଲକ୍ଷ ୨୧ ହଜାର କ୍ୱିଣ୍ଟାଲ ଧାନ ମାତ୍ର କ୍ରୟ ହୋଇଛି । ଧାର କରଜ କରି ଚାଷୀମାନେ ଖରିଫ ଧାନ ଚାଷ କରିଥିଲାବେଳେ ଏବେ ରବି ଧାନ ଚାଷ ଆରମ୍ଭ ହୋଇଛି । ମାତ୍ର ହାତରେ ପଇସା ନ ଥିବାରୁ ଅଭାବି ବିକ୍ରିର ଶିକାର ହେଉଛନ୍ତି । ଏପଟେ ଆକାଶରେ ମେଘ ଦେଖି ଧାନ ବିକି ନପାରି ଚାଷୀମାନେ ଆଶଙ୍କା ଭିତରେ ଅଛନ୍ତି । ପଞ୍ଜିକୃତ ସମସ୍ତ ଚାଷୀଙ୍କ ଠାରୁ ଅମଳ ହୋଇଥିବା ସମସ୍ତ ଧାନ ଶିଘ୍ର କ୍ରୟ କରିବାକୁ ସାଧାରଣରେ ଦାବି ହେଉଛି ।

## ନିଜ ସର୍ଭିସ ବନ୍ଧୁକରୁ ଗୁଳି କରି ଆତ୍ମହତ୍ୟା କନେଷ୍ଟବଳ

**ନୟାଗଡ଼, ୫।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ନୟାଗଡ଼ ରିଜର୍ଭ ପୁଲିସ୍ ବ୍ୟାରକରେ ଜଣେ କନେଷ୍ଟବଳ ନିଜ ରିଭଲବଲରୁ ଗୁଳି କରି ଆତ୍ମହତ୍ୟା କରିଛନ୍ତି । ମୃତ କନେଷ୍ଟବଳ ୨୭ ବର୍ଷୀୟ ସୁନିଲ ସେଠୀ ବୋଲି ଜଣାପଡ଼ିଛି । ତାଙ୍କ ଘର ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ବେରୁଆବାରି ଗ୍ରାମରେ । ଗତକାଲି ବିଳମ୍ୱିତ ରାତିରେ ବ୍ୟାରକ ଛାତ ଉପରେ ନିଜ ରିଭଲବଲରୁ ମୁଣ୍ଡକୁ ଗୁଳି କରି ଆତ୍ମହତ୍ୟା କରିଥିବା ଜଣାପଡ଼ିଛି । ସେ ରହୁଥିବା ବାରାକ୍‌ର ଛାତ ଉପରେ ତାଙ୍କର ରକ୍ତ ଜୁଡୁବୁଡୁ ମୃତଦେହ ପଡିଥିବା ଆଜି ସକାଳୁ ଦେଖିବାକୁ ମିଳିଥିଲା । ନିକଟରେ ତାଙ୍କର ନିଜର ରିଭଲଭର ପଡିଥିଲା । ବନ୍ଧୁକରେ ସୁନିଲ୍ ନିଜ ମୁଣ୍ଡର ଡାହାଣ ପଟକୁ ଗୁଳିକରିଛନ୍ତି । ଗୁଳିଟି ମୁଣ୍ଡର ବାମପଟେ ବାହାରିଯାଇଛ । ଛାତର ପାଣିଟାଙ୍କି ପାଖରେ ତାଙ୍କର ମୃତଦେହ ପଡିଥିଲା । ଗତ ଜାନୁଆରୀ ୨୫ତାରିଖରେ ସେ ଭଲ ପାଉଥିବା ଯୁବତୀଙ୍କ ସହିତ ନିର୍ବନ୍ଧ ହୋଇଥିଲା । କିଛି ଦିନ ପରେ ବାହାଘର ହୋଇଥାନ୍ତା । ପ୍ରାଥମିକ ତଦନ୍ତରୁ ଜଣାପଡିଛି ତାଙ୍କ ନିର୍ବନ୍ଧକୁ ପରିବାରଲୋକେ ବିରୋଧ କରିଥିଲେ । ଆଉ ପରିବାର ଲୋକଙ୍କ ଚାପରେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଥିବା ନୟାଗଡ଼ ଏସପି କହିଛନ୍ତି ।

## କଂଗ୍ରେସ ଉପସଭାପତିଙ୍କ ଟ୍ରକ୍ ଧକ୍କାରେ ମୃତ୍ୟୁ

**କଳିଙ୍ଗନଗର, ୫।୨ : ଏକ୍ସପ୍ରେସ୍ ନ୍ୟୁଜ୍**



କଳିଙ୍ଗନଗର ଥାନା ଢୁବୁରି ଗୋଲେଇ ଛକରେ ବୁଧବାର ଅପରାହ୍ଣରେ ଟ୍ରକ୍ ଧକ୍କାରେ ଯାଜପୁର ଜିଲ୍ଲା କଂଗ୍ରେସ ଉପସଭାପତି ରଞ୍ଜିତ ରାଜ (୫୧)ଙ୍କ ମୃତ୍ୟୁ ଘଟିଛି । ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିବାରୁ ଢୁବୁରି-ଢେଙ୍କାନାଳ ଓ ଢୁବୁରି-ଚଣ୍ଡିଖୋଲ ରାସ୍ତାରେ ବହୁ ଗାଡ଼ିମୋଟର ଅଟକି ରହିଥିଲା । ରଞ୍ଜିତଙ୍କ ଘର ସ୍ଥାନୀୟ ବାରାଗାଡ଼ିଆ ଗ୍ରାମରେ । ସେ ଆଜି ଅପରାହ୍ଣରେ କଳିଙ୍ଗନଗର ଢୁବୁରି ଛକକୁ ଆସିଥିଲେ । ଗୋଲେଇ ଛକରେ ଚାଲିଚାଲି ରାସ୍ତା ପାର ହେଉଥିବାବେଳେ ଏକ ଷୋହଳଚକିଆ କୋଇଲା ବୋଝେଇ ଟ୍ରକ୍ ତାଙ୍କ ଉପରେ ମାଡ଼ିଯିବା ସହ କିଛି ବାଟ ଘୋଷାରି ନେଇଥିଲା । ରଞ୍ଜିତ ପୂର୍ବରୁ ସୁକିନ୍ଦା କଂଗ୍ରେସ ସଭାପତି ଭାବେ କାର୍ଯ୍ୟ କରିଥିଲେ । ଯୁବ ବୟସରୁ ଜଣେ ଦୃ ସଂଗଠକ ଭାବେ ପରିଚିତ ଥିଲେ । ଦୁର୍ଘଟଣା ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଲୋକେ ତଥା ତାଙ୍କ ସମର୍ଥକମାନେ ପହଞ୍ଚି ରାସ୍ତାରୋକ କରିଥିଲେ । ଏହା କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖ୍ୟ ରାସ୍ତା ହୋଇଥିବାରୁ ଶତାଧିକ ଭାରୀଯାନ ଅଟକି ରହିଥିଲା । କଳିଙ୍ଗନଗର ପୁଲିସ ଉତ୍ତ୍ୟକ୍ତ ଲୋକମାନଙ୍କୁ ବୁଝାସୁଝା କରିଥିଲା । ଶେଷଦର୍ଶନ ପାଇଁ ମରଶରୀରକୁ ସ୍ଥାନୀୟ କଂଗ୍ରେସ କାର୍ଯ୍ୟାଳୟକୁ ନିଆଯାଇଥିବାବେଳେ ସେଠାରେ ବରିଷ୍ଠ କଂଗ୍ରେସ ନେତା ଶରତ ରାଉତ, ପୂର୍ବତନ କଂଗ୍ରେସ ବିଧାୟକ ପ୍ରାର୍ଥୀ ବିଭୁଭୂଷଣ ରାଉତ, ବରିଷ୍ଠ କଂଗ୍ରେସ ନେତା ମହେନ୍ଦ୍ର ଦାସ, ଦାନଗଦୀ ବ୍ଲକ୍ କଂଗ୍ରେସ ସଭାପତି ଦୟାନିଧି ପଲେଇ, ରାଇଚରଣ ମହାନ୍ତି, ଅଜୟ ବେହେରା, ଗୋବର୍ଦ୍ଧନପୁର ସରପଞ୍ଚ ଶୁକଦେବ ମହାନ୍ତି, ପ୍ରଭାତୀ ବଳ, ସଞ୍ଜୁଲତା ଦାସ, ଉମାକାନ୍ତ ଜେନାମଣି, ଦାମୋଦର ପୁହାଣ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସମବାୟ ମନ୍ତ୍ରୀ ଡ. ପ୍ରଦୀପ ବଳସାମନ୍ତ ଦାନଗଦୀ ଡାକ୍ତରଖାନାରେ ପହଞ୍ଚି ଶେଷଦର୍ଶନ କରିଥିଲେ ।

## ଟ୍ରଲରକୁ ଧକ୍କା ଦେଲା ଟ୍ରକ : ୨ ମୃତ, ୨ ଗୁରୁତର

**ସୋର, ୫।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ତଳନଗର ନିକଟରେ ଟ୍ରଲରକୁ ପଛରୁ ଏକ ଆଇଚର ଟ୍ରକ ଧକ୍କା ଦେବା ଫଳରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ଦୁଇ ଜଣ ଗୁରୁର ଆହତ ହୋଇ ବାଲେଶ୍ୱର ମେଡିକାଲରେ ଚିକିତ୍ସିତ ହେଉଛନ୍ତି । ସୂଚନା ଅନୁସାରେ ଗତକାଲି ବିଳମ୍ୱିତ ରାତିରେ ଜେଏଚ ୦୧ ଏଫଆର ୦୧୨୧ ନମ୍ବର ବିଶିଷ୍ଟ ଏକ ଆଇଚର ଟ୍ରକ ଭୁବନେଶ୍ୱରରୁ ଘରୋଇ ସାମଗ୍ରୀ ଲୋଡ଼ କରି ରାଞ୍ଚି ଅଭିମୁଖେ ଆସୁଥିବା ବେଳେ ତଳନଗର ନିକଟରେ ଆଗରେ ଯାଉଥିବା ଏକ ଟ୍ରଲର ପଛରୁ ଧକ୍‌କା ଦେଇଥିଲା। ଟ୍ରକ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ବିହାର ପାଟଣା ଅଞ୍ଚଳର ଶ୍ରମିକ ସଞ୍ଜୟ ଯାଦବ, ଅନିଲ ଯାଦବ, ରାଞ୍ଚି ହରମୋ, ବିଦ୍ୟାନଗର ଅଞ୍ଚଳର ପଙ୍କଜ କୁମାର ରୟ(୨୭), ବୈଶାଳି ଜିଲ୍ଲା ରାଘବପୁର, ହଜପରୁଆ ଅଞ୍ଚଳର ରାକେଶ ଯାଦବ (୩୨) ଟ୍ରକ ମଧ୍ୟରେ ଚାପି ହୋଇ ରହିଥିଲେ। ଖବର ପାଇ ଜାତୀୟ ରାଜପଥ ପାଟ୍ରୋଲିଂ ପୁଲିସ, ସୋର ଥାନା ଏସଆଇ ପ୍ରୀତିଜିତ ମହାନ୍ତି, ଏଏସଆଇ ସୁନୀଲ ରାଜ, ମୀନକେତନ ପାଢ଼ୀ ଘଟଣାସ୍ଥଳରେ ପହଞ୍ଚି ଅଡା ଦମକଳ ବାହିନୀ ସହାୟତାରେ ସମସ୍ତଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାରୁ ବାଲେଶ୍ୱର ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରାକେଶ ଏବଂ ପଙ୍କଜଙ୍କର ମୃତ୍ୟୁ ହୋଇଯାଇଛି। ଖବରପାଇ ମୃତକଙ୍କ ପରିବାର ଲୋକେ ସୋର ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ଯାଇଥିବା ଜଣାପଡିଛି। ପୁଲିସ ଦୁର୍ଘଟଣାଗ୍ରସ୍ତ ଟ୍ରକ ଟିକୁ ଜବତ କରି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି ।

## ବିବାଦୀୟ ସ୍ଥିତିରେ କବିସୂର୍ଯ୍ୟନଗର ନୂଆ ମ୍ୟୁନିସିପାଲିଟି

**କବିସୂର୍ଯ୍ୟନଗର, ୫।୨**
**ଏକ୍ସପ୍ରେସ୍ ନ୍ୟୁଜ୍**



ନାହାନ୍ତି ଅଧିକାରୀ, ବାଜିଲାଣି ନିର୍ବାଚନ ବିଗୁଲ । ପ୍ରଶାସନିକ ଅବ୍ୟବସ୍ଥା, ଏକଚାଟିଆ ନୀତି, ଗାଁ ମିଶ୍ରଣକୁ ନେଇ ବିବାଦ ଘନୀଭୂତ ହେଲାଣି ଯାହାକି ବିବାଦୀୟ ସ୍ଥିତିରେ ଏବେ କବିସୂର୍ଯ୍ୟନଗର ନୂଆ ମ୍ୟୁନିସିପାଲିଟି ନିର୍ବାଚନ । ପୌର ନିର୍ବାଚନ ପାଇଁ ବାଜିଲା ବିଗୁଲ । ଓଡ଼ିଶାରେ ନୂତନ ଭାବେ ଗଠିତ ପୌର ପରିଷଦ ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ । ନୂଆ ୨୮ ଏନଏସି ଓ ୭ ପୌରପାଳିକାରେ ସୀମା ପୁନଃ ନିର୍ଦ୍ଧାରଣ, ସଂରକ୍ଷଣ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ଚିଠି । ଜିଲ୍ଲାପାଳମାନଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଲା ଗୃହ ଓ ନଗର ଉନ୍ନୟନ ବିଭାଗ । ସବୁ ସହରାଞ୍ଚଳରେ ନିର୍ବାଚନ ପ୍ରକ୍ରିୟା ଶେଷ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି । ଯାହା ସୂଚନା ରହିଛି, ୨୦୨୫ ଶେଷ ଭାଗ ଏବଂ ୨୦୨୬ ଆରମ୍ଭରେ ଘୋଷଣା ହୋଇଥିବା ଏହି ନୂଆ ସହରାଞ୍ଚଳ ସଂସ୍ଥାଗୁଡ଼ିକରେ ଏପର୍ଯ୍ୟନ୍ତ ୱାର୍ଡ ଭାଗ ହୋଇନାହିଁ । ନିର୍ବାଚନ କମିଶନଙ୍କ ସହିତ ଆଲୋଚନା ପରେ ସରକାର ଜିଲ୍ଲାପାଳମାନଙ୍କୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କାମ ଶେଷ କରିବାକୁ କହିଛନ୍ତି । ସରକାରଙ୍କ ପକ୍ଷରୁ ଜାରି ନୂଆ ନିର୍ଦ୍ଦେଶ ଅନୁଯାୟୀ ଫେବୃଆରୀ ୧୨ ସୁଦ୍ଧା ୱାର୍ଡ ସୀମା ନିର୍ଦ୍ଧାରଣ ଏବଂ ଆସନ ସଂରକ୍ଷଣ ପାଇଁ ପ୍ରାଥମିକ ବିଜ୍ଞପ୍ତି ପ୍ରକାଶ ପାଇବ ।

ଫେବୃଆରୀ ୨୧ ଆପତ୍ତି ବା ଅଭିଯୋଗ ଦାଖଲ କରିବାର ଶେଷ ତାରିଖ ରହିଛି । ମାର୍ଚ୍ଚ ୩୧ ସୁଦ୍ଧା ସମସ୍ତ ଅଭିଯୋଗର ଶୁଣାଣି ପରେ ଜିଲ୍ଲାପାଳମାନଙ୍କ ଦ୍ୱାରା ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ ପାଇବଛ ନୂଆ ଏନଏସି ଓ ପୌରପରିଷଦ ଗଠନ ହୋଇଥିବା ୧୮ ଜିଲ୍ଲାର ଜିଲ୍ଲାପାଳଙ୍କୁ ଏହି ନିର୍ଦ୍ଦେଶ ଦିଆଯାଇଛି ।

ହେଲେ ନିର୍ବାଚନ କରିବାକୁ ପ୍ରସ୍ତୁତି ଆରମ୍ଭ ହୋଇଥିବା ବେଳେ ଏନଏସି କିମ୍ୱା ମ୍ୟୁନିସିପାଲିଟିରେ ଅଧିକାରୀ ପଦବୀ ଖାଲି ପଡିଛି । ସେହିପରି ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଏନଏସି ତଥା ନୂଆ ଘୋଷିତ ମ୍ୟୁନିସିପାଲିଟିରେ ବହୁ ଦିନ ଧରି କାର୍ଯ୍ୟନିର୍ବାହୀ ଅଧିକାରୀ କେହି ନାହାନ୍ତି, ନୂଆ ୱାର୍ଡ, ସୀମା ନିର୍ଦ୍ଧାରଣ, ସଂରକ୍ଷଣ ପ୍ରକ୍ରିୟା କିଏ କରିବ, ତାହାକୁ ନେଇ ପ୍ରଶ୍ନ ଉଠୁଥିବା ବେଳେ ଏକତରଫା ଲୁକାୟିତ ଭାବେ ମ୍ୟୁନିସିପାଲିଟି ଘୋଷଣା କରି ବିବାଦିୟ ସ୍ଥିତି ରେ ରହିଛି କବିସୂର୍ଯ୍ୟନଗର । ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଅଭିଯୋଗ ଏବଂ ଲୋକେ ବୁଝିବାକୁ ଏନଏସିକୁ ଯାଇ ଅଧିକାରୀଙ୍କୁ ଖୋଜୁଛନ୍ତି । କାହାକୁ କରିବେ ଅଭିଯୋଗ ଜିଲ୍ଲାପାଳ ଓ ନଗର ଉନ୍ନୟନ ସଚିବ ଉତ୍ତର ରଖିବେ କି ବୋଲି ଏବେ ଲୋକେ ପ୍ରଶ୍ନ କଲେଣି ।

## କଫ ସିରପ ଜବତ : ଜଣେ ଗିରଫ

**ଭଦ୍ରକ, ୫।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଭଦ୍ରକ ଜିଲା ବାସୁଦେବପୁର ବଜାରର ହାଇସ୍କୁଲ ଛକରେ ଥିବା ଦୁର୍ଗା ମେଡିସିନ ଦୋକାନରେ ବେଆଇନି ଭାବରେ ବିକ୍ରି ହେଉଥିବା ୭ପେଟି ( ୮୪୦ ଟି ବୋତଲ) କଫସିରପ ଜବତ କରିଛି କରିବା ସହ ଜଣକୁ ଗିରଫ କରିଛି ବାସୁଦେବପୁର ଅବକାରୀ ବିଭାଗ ।

## ଅଗ୍ନିକାଣ୍ଡରେ ଜଳିଗଲା ୩ ବଖରା

**ସୋର, ୫।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ସୋର ପୌରାଞ୍ଚଳ ଅଧୀନ ଘୋଡାସାହିରେ ଅଗ୍ନିକାଣ୍ଡ ଘଟିବାରୁ ତିନି ବଖରା ଘର ଜଳିଯାଇଥିବା ଜଣାପଡିଛି । ସୂଚନା ଅନୁସାରେ ବୁଧବାର ମଧ୍ୟାହ୍ନରେ ସୋର ପୌରପାଳିକା ଅଧିନ ଘୋଡାସାହି ଗ୍ରାମର ରାମଚନ୍ଦ୍ର ବେହେରାଙ୍କ ଚାଳ ଘରକୁ ମରାମତି କରାଯାଉଥିବା ବେଳେ ହଠାତ ଅଗ୍ନିକାଣ୍ଡ ଘଟିଥିଲା। ସ୍ଥାନୀୟ ଲୋକେ ନିଆଁକୁ ଆୟ କରିବାକୁ ଚେଷ୍ଟା କରିବା ସହିତ ସୋର ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ଖବର ପାଇ ସୋର ଅଗ୍ନିଶମ ବିଭାଗ କର୍ମଚାରୀମାନେ ଦୁଇଟି ଦମକଳ ସହ ଘଟଣାସ୍ଥଳରେ ପହଁଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ ସେତେବେଳକୁ ତିନି ବଖରା ଘର ସମେତ ଆସବାପତ୍ର ପୋଡିଜଳି ପାଉଁଶ ହୋଇଯାଇଥିଲା । ରାମଚନ୍ଦ୍ର ଜଣେ ଗରିବ ଶ୍ରେଣୀର ବ୍ୟକ୍ତ ହୋଇଥିବାରୁ ତାଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇବାକୁ ଗ୍ରାମବାସୀ ମାନେ ଦାବି କରିଛନ୍ତି ।

## ନଦୀରେ ବୁଡ଼ି ଯୁବକ ମୃତ

**ପୋଲସରା, ୫।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଗଞ୍ଜାମ ଜିଲ୍ଲା ପୋଲସରା ଥାନା ଅନ୍ତର୍ଗତ ଧନେଇ ନଦୀ ଲେମ୍ବୁଘାଇରେ ପଡି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ଯୁବକ ଜଣକ ହେଲେ ପୋଲସରା ଥାନା ରାଣୀପଡ଼ା ଗ୍ରାମର ଜୟସେନ ବେହେରା । ସେ ବୃତ୍ତିରେ ମାଛ ବ୍ୟବସାୟୀ । ମାଛ ବେପାର ସାରି ଘରକୁ ଆସି ରାଣୀପଡ଼ା ସ୍ଥିତ ଲେମ୍ବୁଘାଇକୁ ଗାଧୋଇବାକୁ ଯାଇଥିବା ବେଳେ ସେଠାରେ ଶିଉଳି ପଡ଼ିଥିବା ଯୋଗୁଁ ହଠାତ୍ ଗୋଡ଼ ଖସିଯିବାରୁ ମୁଁହକୁ ମାଡ଼ି ପଡ଼ିଯାଇଥିଲେ । ପଡ଼ିଯିବା ଫଳରେ ପୁଣି ଉଠିବାକୁ ଚେଷ୍ଟା ଜାରି ରଖିଥିବା ବେଳେ ପୁଣିଥରେ ଗୋଡ଼ଖସି ପଡ଼ିଯାଇ ପଛମୁଣ୍ଡକୁ ମାଡ ହୋଇ ମୃତ୍ୟୁ ଘଟିଛି । ଘଟଣାର କିଛି ସମୟ ପରେ ଅନ୍ୟ ଲୋକମାନେ ଗାଧୋଇବାକୁ ଯାଇଥିବା ବେଳେ ହଠାତ୍ ଲୋକଟିକୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଦେଖି ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ । ଘଟଣାସ୍ଥଳରେ ପୋଲସରା ପୁଲିସ ଓ ଫାୟାର୍ ଟିମ୍ ପହଞ୍ଚି ମୃତ ଶରୀରକୁ ଉଧାର କରିଥିଲେ । ମୃତ ଜୟସେନ ଅତ୍ୟନ୍ତ ଗରିବ ପରିବାରର ଥିବାବେଳେ ମାଛ ବିକ୍ରି କରି ନିଜର ଗୁଜରାଣ ମେଣ୍ଟାଉଥିଲେ ।

## ବାଲି ବୋଝେଇ ହାଇୱା ଜବତ

**ସୋର, ୫।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ସୋର ତହସିଲ ପକ୍ଷରୁ ଚଢାଉ କରାଯାଇ ଏକ ବାଲି ବୋଝେଇ ହାଇୱା ଜବତ କରାଯାଇଥିବା ବେଳେ ଏହାର ଚାଳକ ଫେରାର ହୋଇଯାଇଥିବା ଜଣାପଡିଛି । ସୂଚନା ଅନୁସାରେ ବୁଧବାର ଚୋରା ବାଲି ଚାଲାଣ ହେଉଥିବାର ଖବର ପାଇ ସୋର ତହସିଲଦାର ଦୈତାରୀ ମଲ୍ଲିକ ଏକ ଟିମ ସହ ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥରେ ଚଢାଉ କରିଥିଲେ । ଏହି ସମୟରେ ଭଦ୍ରକରୁ ବାଲେଶ୍ୱର ଅଭିମୁଖେ ଯାଉଥିବା ଓଡି ୦୪ ଡି ୮୮୪୫ ନମ୍ବର ବିଶିଷ୍ଟ ଏକ ବାଲି ବୋଝେଇ ହାଇୱାକୁ ଜବତ କରିଥିବା ବେଳେ ଏହାର ଚାକଳ ଫେରାର ହୋଇଯାଇଥିଲା । ଚଢାଉ ହେଉଥିବା ଜାଣିପାରି ଅନେକ ବାଲି ଗାଡି ରାସ୍ତା ବଦଳାଇ ଫେରାର ହୋଇଯାଇଥିବା ବେଳେ ଜବତ ବାଲି ଗାଡିକୁ ସୋର ତହସିଲ ପରିସରରେ ରଖାଯାଇଥିବା ଜଣାପଡିଛି ।

## ରାସ୍ତା କାର୍ଯ୍ୟ ନସରୁଣୁ ଉଠିଗଲାଣି ପିଚୁ

**ବାଙ୍କୀ, ୫।୨**
**ଏକ୍ସପ୍ରେସ୍ ନ୍ୟୁଜ୍**



କଟକ ଜିଲ୍ଲା ଡମପଡ଼ା ବ୍ଲକ ଅନ୍ତର୍ଗତ ସାମନ୍ତରାୟ ପୁର ଠାରୁ ଡମପଡ଼ା ପର୍ଯ୍ୟନ୍ତ ରାସ୍ତା କାର୍ଯ୍ୟ ଅତି ନିମ୍ନମାନର ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ବାଙ୍କୀ ପୂର୍ତ୍ତ ବିଭାଗ ଅଧିନରେ ଡମପଡ଼ା ଠାରୁ ସାମନ୍ତରାୟପୁର ପର୍ଯ୍ୟନ୍ତ ପ୍ରାୟ ୧୩କି.ମି. ରାସ୍ତା କାର୍ଯ୍ୟ ୨୯କୋଟି ଟଙ୍କାର ବ୍ୟୟ ବରାଦରେ ନିର୍ମାଣ ଚାଲିଛି । ପୂର୍ବରୁ ଜାତମୁଣ୍ଡିଆ ଠାରୁ ଡମପଡ଼ା ପର୍ଯ୍ୟନ୍ତ ରାସ୍ତା କାର୍ଯ୍ୟ ସରିଯାଇଥିବା ବେଳେ ଡମପଡ଼ା ନିକଟ ଆଦର୍ଶ ବିଦ୍ୟାଳୟ ଠାରୁ କାର୍ଯ୍ୟ ଆରମ୍ଭ ହୋଇଛି । ପ୍ରାୟତଃ ତାଳବସ୍ତ ଫାଣ୍ଡି ପର୍ଯ୍ୟନ୍ତ ଏହି ରାସ୍ତା କାର୍ଯ୍ୟ ସରିବା ଉପରେ। କିନ୍ତୁ କାର୍ଯ୍ୟ ନସରୁଣୁ ରାସ୍ତାର ଅନେକ ଜାଗାରୁ ପିଚୁ ଉଠିଯାଇଥିବା ଦେଖିବାକୁ ମିଳିଲାଣି । କିଛି କିଛି ସ୍ଥାନରେ ମଧ ଗୋଡି ବାହାରି ଯାଇଥିବା ବେଳେ ଏହା ଯାତ୍ରୀଙ୍କ ପାଇଁ ବିପଦ ସୃଷ୍ଟି ହୋଇଛି ।

ସୂଚନା ଅନୁଯାୟୀ ଜାତମୁଣ୍ଡିଆ-ଡମପଡ଼ା ସମନ୍ତରାପୁର ରାସ୍ତାର ସୁଦୃଢ଼ିକରଣ ଓ ପ୍ରଶସ୍ତିକରଣ ପାଇଁ ଅରପୁର ଠାରେ ୨ ଫେବୃୟାରୀ ୨୦୨୪ ରିଖରେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀଙ୍କ ଦ୍ୱାରା ଭୂମି ପୂଜନ କରାଯାଇଥିଲା । ପାଖାପାଖି ଦୁଇବର୍ଷ ପରେ ବାଙ୍କୀ ପୂର୍ତ୍ତବିଭାଗ ତତ୍ତ୍ୱାବଧାନରେ ଏବେ ଏହି କାର୍ଯ୍ୟ ଆରମ୍ଭ ହୋଇଛି। କିନ୍ତୁ ଅତି ନିମ୍ନମାନର କାର୍ଯ୍ୟ ହେଉଥିବାରୁ ସ୍ଥାନୀୟ ବାସୀନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ସେପଟେ କାର୍ଯ୍ୟର ସୂଚନା ଫଳକ ଲଗାଯାଇନଥିବା ବେଳେ କାର୍ଯ୍ୟର ଅଟକଳ ମୂଲ୍ୟ ମଧ ସଠିକ୍ ଜଣାପଡି ନାହିଁ । କିନ୍ତୁ ବିଭାଗୀୟ ଅଧିକାରୀଙ୍କ ସୂଚନା ଅନୁଯାୟୀ ୨୯କୋଟି ଟଙ୍କାର କାର୍ଯ୍ୟକୁ କେଉଁ ଠିକାଦାର କରୁଛି ତାହା ବି ଅସ୍ପଷ୍ଟ ରହୁଛି। ଏସଂକ୍ରାନ୍ତରେ ପୂର୍ତ୍ତବିଭାଗ ଯନ୍ତ୍ରୀଙ୍କୁ ପଚାରିବାରେ ସେ କହିଛନ୍ତି କାର୍ଯ୍ୟ ଉପରେ ସେ ନଜର ରଖିଛନ୍ତି ଏବଂ ଖୁବ୍ ଶୀଘ୍ର ଉଠିଯାଇଥିବା ପିଚୁକୁ ପୁନର୍ବାର କାର୍ଯ୍ୟକରାଯିବ ବୋଲି ପ୍ରକାଶ କରିଛନ୍ତି ।

## ବୁଲା କୁକୁରଙ୍କ ବନ୍ଧ୍ୟାକରଣ : ୧୬ ଦିନରେ ୨୬୭ ଅସ୍ତ୍ରୋପଚାର

**ବ୍ରହ୍ମପୁର, ୫।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ବ୍ରହ୍ମପୁର ସହରରେ ବୁଲା କୁକୁର ସମସ୍ୟାକୁ ନେଇ ଦୀର୍ଘଦିନ ଧରି ଚାଲିଥିବା ଆଶଙ୍କା ଓ ଅସନ୍ତୋଷ ମଧ୍ୟରେ ବ୍ରହ୍ମପୁର ମହାନଗର ନିଗମ (ବିଇଏମ୍‌ସି) ପକ୍ଷରୁ ଆରମ୍ଭ ହୋଇଥିବା ବୁଲା କୁକୁର ବଂଶ ନିୟନ୍ତ୍ରଣ କାର୍ଯ୍ୟକ୍ରମ (ଏବିସି ପ୍ରୋଗ୍ରାମ) ସହରବାସୀଙ୍କ ମନରେ ଆଶ୍ୱସ୍ତି ଆଣି ଦେଇଛି । ଗତ ଜାନୁଆରୀ ୧୬ ତାରିଖରୁ ମେୟର ସଂଘମିତ୍ରା ଦଳେଇ ଓ ବିଇଏମ୍‌ସି କମିଶନର ପ୍ରଥମେଶ ଅରବିନ୍ଦ ରାଜେଶିର୍କେଙ୍କ ତତ୍ତ୍ୱାବଧାନରେ ଏହି ଅଭିଯାନ ଆରମ୍ଭ ହୋଇ ଗତ ୧୬ ଦିନ ମଧ୍ୟରେ ସମୁଦାୟ ୨୮୪ଟି ବୁଲା କୁକୁରକୁ ଧରାଯାଇଥିବା ବେଳେ, ସେମାନଙ୍କ ମଧ୍ୟରୁ ୧୧୧ଟି ମାଈ ଓ ୧୫୬ଟି ପୁରୁଷ, ମୋଟ ୨୬୭ଟି କୁକୁରଙ୍କ ବନ୍ଧ୍ୟାକରଣ ଅସ୍ତ୍ରୋପଚାର ସଫଳତାର ସହିତ ସମ୍ପନ୍ନ ହୋଇଛି । ବୁଲା କୁକୁରଙ୍କ ବନ୍ଧ୍ୟାକରଣ ପରେ ଅପସାରଣ କରାଯାଇଥିବା ପୁନରୁତ୍ପାଦନ ଅଙ୍ଗଗୁଡ଼ିକର ସଠିକ୍ ଯାଞ୍ଚ ଓ ନିୟମାନୁସାରେ ବିନାଶ ପାଇଁ ଅଙ୍ଗ ଯାଞ୍ଚ ଓ ଅଙ୍ଗ ବିନାଶ କମିଟି ଗଠନ କରାଯାଇଥିଲା । କମିଟିର ଅଧ୍ୟକ୍ଷ ମୁଖ୍ୟ ଜିଲ୍ଲା ପ୍ରାଣୀସମ୍ପଦ ଚିକିତ୍ସାଧିକାରୀ ଡ଼. ଅଞ୍ଜନ ଦାସ ଥିବାବେଳେ, ଉପଖଣ୍ଡ ପ୍ରାଣୀସମ୍ପଦ




ଚିକିତ୍ସାଧିକାରୀ ଡ଼. ଅରବିନ୍ଦ ବେହେରା ଓ ରାଜ୍ୟ ପଶୁ କଲ୍ୟାଣ ବୋର୍ଡର ପ୍ରତିନିଧି ଲଲାଟେନ୍ଦୁ ଚୌଧୁରୀ ସଦସ୍ୟ ଭାବେ ମନୋନୀତ ହୋଇଥିଲେ । ସଦସ୍ୟମାନଙ୍କ ଉପସ୍ଥିତିରେ ଯାଞ୍ଚ କାର୍ଯ୍ୟ ସମ୍ପାଦନ କରାଯାଇ, ପରେ ଉକ୍ତ ଅଙ୍ଗଗୁଡ଼ିକୁ ନିୟମାନୁସାରେ ପୋତା ଯାଇଥିବା ଜଣାପଡ଼ିଛି । ଦୈନିକ ୨୦ରୁ ୨୫ଟି କୁକୁରଙ୍କୁ ଧରି ବନ୍ଧ୍ୟାକରଣ ସହ ଜଳାତଙ୍କ (ରେବିଜ୍) ଓ ଅନ୍ୟାନ୍ୟ ରୋଗ ପ୍ରତିରୋଧ ପାଇଁ ଟିକାକରଣ କରାଯାଉଛି । ପ୍ରଥମ ପର୍ଯ୍ୟାୟରେ ସହରର ୪୨ଟି ୱାର୍ଡ ମଧ୍ୟରୁ ୧୫ଟି ୱାର୍ଡରେ ଏହି ଅଭିଯାନ ଚାଲିଥିବା ବେଳେ, ହସ୍ପିଟାଲ, ଶିକ୍ଷାନୁଷ୍ଠାନ, ବଜାର ଓ ଭିଡ଼ଭାଡ଼ ଅଞ୍ଚଳଗୁଡ଼ିକୁ ପ୍ରାଥମିକତା ଦିଆଯାଇଛି । ବେଙ୍ଗାଲୁରୁ ସ୍ଥିତ ଏନିମାଲ ୱେଲଫେୟାର ଅର୍ଗାନାଇଜେସନ୍ (ଆଶ୍ରା) ନାମକ ଘରୋଇ ସଂସ୍ଥା ସହ ବିଇଏମ୍ସି ଚୁକ୍ତି କରି ସହରରେ ଥିବା ପ୍ରାୟ ୧୧ ହଜାରରୁ ଅଧିକ ବୁଲା କୁକୁରଙ୍କୁ ବନ୍ଧ୍ୟାକରଣ କରିବା ଲକ୍ଷ୍ୟ ନିଆଯାଇଛି । ପ୍ରତିମାସରେ ପାଖାପାଖି ୫ ଶହରୁ ୬ ଶହ କୁକୁରଙ୍କ ବନ୍ଧ୍ୟାକରଣ ଓ ଟିକାକରଣ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଅସ୍ତ୍ରୋପଚାର ପରେ କୁକୁରଙ୍କ କାନରେ ସ୍ୱତନ୍ତ୍ର ଚିହ୍ନ ଦିଆଯାଇ ୩ ଦିନ ପରେ ସେମାନଙ୍କୁ ପୁଣି ନିଜ ନିଜ ଅଞ୍ଚଳରେ ଛାଡ଼ି ଦିଆଯାଉଛି । ଆଗାମୀ ୨ ବର୍ଷ ଧରି ଏହି ଅଭିଯାନ ଜାରି ରହିଲେ ସହରରେ ବୁଲା କୁକୁରଙ୍କ ସଂଖ୍ୟା ବୃଦ୍ଧି ନିୟନ୍ତ୍ରଣ ସହ ଜଳାତଙ୍କ ରୋଗର ଆଶଙ୍କା ହ୍ରାସ ପାଇବ ବୋଲି ଆଶା କରାଯାଉଛି ।

: ଶିଶୁକନ୍ୟା ଜନ୍ମହାର କମିବାର ମୂଳ କାରଣଟି ହେଉଛି ଦେଶରେ ଏବେବି ସୁରକ୍ଷିତ ନୁହଁନ୍ତି, ଆଉ ଯଦି ସ୍ୱାଭାବିକ ଭାବରେ ଶିଶୁକନ୍ୟା ଜନ୍ମହାର କମୁଥାଏ ଏହାର କାରଣ ଖୋଜାଯିବା ଦରକାର । ପ୍ରଜନନ ବିଜ୍ଞାନ ଏହା ଉପରେ ଗବେଷଣା କରିବାର ସମୟ ଆସିଛି । କନ୍ୟା ଭ୍ରୂଣ ସଂଚାର କମିବାର କାରଣ ଖୋଜିବା ଦରକାର । ପରିବେଶ ପ୍ରଦୂଷଣ, ଜଳବାୟୁ ପରିବର୍ତ୍ତନ ଏବଂ ଜୀନବଶୈଳୀର ପରିବର୍ତ୍ତନର କିଛି ପ୍ରଭାବ ପ୍ରଜନନ ଏବଂ କନ୍ୟାଭ୍ରୂଣ ସଂଚାର ଉପରେ ପଡୁଛି କି ନାହିଁ ଏହା ଉପରେ ଗବେଷଣା କରାଯିବା ଦରକାର ।

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ ଭୁବନେଶ୍ୱର | ୬ ଫେବୃଆରୀ, ୨୦୨୬ | ଶୁକ୍ରବାର

ଓଡ଼ିଶା ଏକ୍ସପ୍ରେସ୍

## ଝିଅଙ୍କ ସଂଖ୍ୟା କମୁଛି

ଭାରତ ସରକାରଙ୍କ ସଦ୍ୟ ପ୍ରକାଶିତ ଆର୍ଥିକ ସର୍ଭେ ରିପୋର୍ଟର ତଥ୍ୟ ମୁତାବକ-୨୦୨୩ ମସିହାରେ ଓଡ଼ିଶାରେ ଯେତେ ଶିଶୁ ଜନ୍ମ ହୋଇଛନ୍ତି ସେମାନଙ୍କ ଭିତରୁ ପୁତ୍ର ସନ୍ତାନଙ୍କ ତୁଳନାରେ କନ୍ୟା ସନ୍ତାନଙ୍କ ସଂଖ୍ୟା ଢେର କମ୍ । ଓଡ଼ିଶାରେ ପ୍ରତି ୧ହଜାରରେ ଶିଶୁକନ୍ୟାଙ୍କ ସଂଖ୍ୟା ୯୨୩ ରହିଛି । କିନ୍ତୁ ଆଶ୍ୱାସନାର ବିଷୟ ହେଉଛି ସାରା ଦେଶର ସ୍ଥିତି ଅପେକ୍ଷା ଆମ ରାଜ୍ୟର ସ୍ଥିତି ସେତେଟା ଗମ୍ଭୀର ନୁହେଁ । ସମଗ୍ର ଦେଶରେ ଏ ହାର ୧ହଜାର ପୁଅରେ ଝିଅଙ୍କ ସଂଖ୍ୟା ୯୧୭ ରହିଛି । ଓଡ଼ିଶାଠାରୁ ଆହୁରି ଅନେକ ରାଜ୍ୟର ସ୍ଥିତି ଅଧିକ ଖରାପ । ଉତ୍ତରପ୍ରଦେଶରେ ୧ହଜାର ସନ୍ତାନଙ୍କ ଭିତରୁ କନ୍ୟା ସନ୍ତାନ ଜନ୍ମହାର ୯୧୬ ଥିବାବେଳେ ଏହା ରାଜସ୍ଥାନରେ ୯୧୯ ଓ ପଞ୍ଜାବରେ ୯୦୬ ରହିଛି । ମଧ୍ୟପ୍ରଦେଶରେ ଏହା ୯୧୭ ।

ଯଦି ଝିଅ ଜନ୍ମହାର କମିବା ଧାରା ବଜାଏ ରହେ ଏହା ଆଗକୁ ଅନେକ ସମସ୍ୟା ସୃଷ୍ଟି କରିପାରେ । ଜନସଂଖ୍ୟା ବୃଦ୍ଧି ଉପରେ ଏହାର ଅଧିକ ପ୍ରଭାବ ପଡ଼ିବ । ଝିଅ ସଂଖ୍ୟା କମିଲେ ଜନ୍ମହାର ମଧ୍ୟ କମିବ ।

ପ୍ରଶ୍ନ ଉଠିପାରେ କନ୍ୟା ଶିଶୁ ଜନ୍ମହାର କମୁଛି କାହିଁକି? ଏହା ମଧ୍ୟରେ ସାମାଜିକ କାରଣ ରହିଛି ନା ଶରୀରରେ କନ୍ୟାଭ୍ରୂଣ ସଞ୍ଚାର ଭଳି ସମସ୍ୟା ରହିଛି?

ସାମାଜିକ କାରଣ ଭିତରେ ରହିଛି- ଝିଅମାନେ ଆମ ଦେଶରେ ଏବେବି ସୁରକ୍ଷିତ ନୁହଁନ୍ତି । ମହିଳା ଏବଂ ଝିଅଙ୍କ ପ୍ରତି ବଳାତ୍କାର, ଦୁଷ୍କର୍ମ ଖବର ଏବେବି ପ୍ରତିଦିନ ଖବରକାଗଜ ଓଲଟାଇଲେ ଆଖିରେ ପଡୁଛି । ତେଣୁ ବାପା ମା' ଝିଅଟିଏ ହେଉ ବୋଲି ଚାହୁଁନାହାନ୍ତି । ଶିକ୍ଷିତ ବାପା ମା' ଏ ଦିଗରେ ଟିକେ ଅଧିକ ବିଚାରବନ୍ତ । ସେମାନେ ପୁଅ-ଝିଅଙ୍କ ଭିତରେ ଥିବା ଲିଙ୍ଗଗତ ବୈଷମ୍ୟକୁ ଗୁରୁତ୍ୱ ଦିଅନ୍ତି ନାହିଁ । ଗୋଟିଏ ସନ୍ତାନ ଚାହୁଁଥିବା ଦମ୍ପତିଙ୍କ ପ୍ରଥମ ସନ୍ତାନଟି ଯଦି ଝିଅ ହୁଏ ସେଥିରେ ମଧ୍ୟ ସେମାନେ ଖୁସି ହୋଇ ଆଉ ପୁଅଟିଏ ଚାହୁଁନାହାନ୍ତି, କିନ୍ତୁ ଏଭଳି ମାନସିକତା ଗ୍ରାମାଞ୍ଚଳ ଲୋକଙ୍କ ପାଖରେ ଦେଖିବାକୁ ମିଳୁନାହିଁ । ଝିଅ ହେଲେ ମନ ମରିଯାଉଛି ଘରଲୋକଙ୍କର ।

ଝିଅଟିଏ ଏକ ବୋଝ ଏବଂ ସମସ୍ୟା ବୋଲି ଏବେବି ଅନେକ ବାପା ମା' ଅନୁଭବ କରୁଛନ୍ତି । ଗାନ୍ଧିଜୀଙ୍କ ସ୍ୱପ୍ନର ଭାରତବର୍ଷ ସାକାର ହୋଇନି ଆଜିବି । ଝିଅଟିଏ ସ୍କୁଲ୍, କଲେଜ ଏବଂ ଅଫିସରୁ ଘରକୁ ନ ଫେରିବା ଯାଏଁ ବାପା ମା' ନିଶ୍ଚିନ୍ତ ହୋଇପାରୁନାହାନ୍ତି । ବିବାହ ଯୋଗ୍ୟା ଝିଅଟିଏ ଘରେ ରହିଲେ ତା'ର ବିବାହ ଚିନ୍ତା ମଧ୍ୟ ବାପା ମା'ଙ୍କୁ ଚାପଗ୍ରସ୍ତ କରାଉଛି । ଯୋଗ୍ୟ ବରପାତ୍ରଟିଏ ପାଇଲେ ଯେ ସମସ୍ୟାର ଅନ୍ତ ଘଟୁଛି ଏକଥା ମଧ୍ୟ ନୁହେଁ । ଝିଅ ବିବାହ ଦିନକୁ ଦିନ ଅଧିକ ବ୍ୟୟ ସାପେକ୍ଷ ହୋଇପଡ଼ିଲାଣି । ଯୌତୁକ ସମସ୍ୟା ଆଜି ବି ରହିଛି । ଉଚ୍ଚଶିକ୍ଷିତ ଯୋଗ୍ୟ ବରପାତ୍ର ହୋଇଥିଲେ ଯୌତୁକ ଖର୍ଚ୍ଚ ବଢ଼ିଯାଉଛି । ବରଘର ନମାଗିଲେ ମଧ୍ୟ କନ୍ୟା ବାପା ମା' ନିଜ ସମ୍ମାନ ରକ୍ଷା କରିବା ପାଇଁ ଏବଂ ଝିଅର ଖୁସି ପାଇଁ ଦେବାକୁ ବାଧ ହେଉଛନ୍ତି । ଅନେକ ସମୟରେ ଝିଅର ବିବାହ ଖର୍ଚ୍ଚ ଉଠେଇବାକୁ ଯାଇ ବାପା ମା'ଙ୍କର ସବୁ ସଂଚୟ ଶେଷ ହୋଇଯାଉଛି । ଏସବୁ ସମସ୍ୟାଠାରୁ ମୁକ୍ତି ପାଇବା ପାଇଁ ଝିଅଟିଏ ହେଉ ଏକଥା ଆଗ୍ରହର ସହ ଚାହୁଁନାହାନ୍ତି ଅନେକ ବାପା ମା' । ତେଣୁ ଗର୍ଭପାତ ସଂଖ୍ୟା ବଢୁଛି । ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ମଧ୍ୟ ଗର୍ଭପାତ କରାଉଛନ୍ତି ଅନେକ ଦମ୍ପତି । କନ୍ୟା ଭ୍ରୂଣ ନିରୂପଣ ଏବଂ ହତ୍ୟା ଅପରାଧ ହେଲେ ମଧ୍ୟ ବିଭିନ୍ନ ଆଳରେ ଏହା ଆଜିବି ବଳବତ୍ତର ରହିଛି, ଲୁଚାଛପାରେ ମଧ୍ୟ ଚାଲିଛି ।

ଆଜିକାଲି ଉଚ୍ଚଶିକ୍ଷିତ ଯୁବ ଦମ୍ପତି ନିଜ ନିଜ କ୍ୟାରିଅର ଏବଂ ଉଚ୍ଚଶିକ୍ଷା ପାଇଁ ସନ୍ତାନ ଚାହୁଁନାହାନ୍ତି । ଏଇଭଳି ଭାବରେ ସେମାନଙ୍କ ବୟସ ବଢ଼ିଯାଉଛି ଏବଂ ସନ୍ତାନ ଜନ୍ମ ବିପଜ୍ଜନକ ହେବାର ସମ୍ଭାବନାରେ ଅନେକେ ଆଉ ସନ୍ତାନ ଚାହୁଁନାହାନ୍ତି । ତେଣୁ ଜନ୍ମହାର କମୁଛି । ଏହା ମଧ୍ୟ ଶିଶୁକନ୍ୟା ଜନ୍ମହାର କମିବାର ଆଉ ଏକ କାରଣ । ଜନ୍ମହାର କମିବା ଆଗକୁ ସମସ୍ୟା ସୃଷ୍ଟି କରିପାରେ । ବିବାହ ନହୋଇ ଅନେକ ଯୁବକ ରହିଯିବାର ସମ୍ଭାବନା ରହିଛି ।

ଶିଶୁକନ୍ୟା ଜନ୍ମହାର କମିବାର ମୂଳ କାରଣଟି ହେଉଛି ଦେଶରେ ଏବେବି ସୁରକ୍ଷିତ ନୁହଁନ୍ତି, ଆଉ ଯଦି ସ୍ୱାଭାବିକ ଭାବରେ ଶିଶୁକନ୍ୟା ଜନ୍ମହାର କମୁଥାଏ ଏହାର କାରଣ ଖୋଜାଯିବା ଦରକାର । ପ୍ରଜନନ ବିଜ୍ଞାନ ଏହା ଉପରେ ଗବେଷଣା କରିବାର ସମୟ ଆସିଛି । କନ୍ୟା ଭ୍ରୂଣ ସଂଚାର କମିବାର କାରଣ ଖୋଜିବା ଦରକାର । ପରିବେଶ ପ୍ରଦୂଷଣ, ଜଳବାୟୁ ପରିବର୍ତ୍ତନ ଏବଂ ଜୀନବଶୈଳୀର ପରିବର୍ତ୍ତନର କିଛି ପ୍ରଭାବ ପ୍ରଜନନ ଏବଂ କନ୍ୟାଭ୍ରୂଣ ସଂଚାର ଉପରେ ପଡୁଛି କି ନାହିଁ ଏହା ଉପରେ ଗବେଷଣା କରାଯିବା ଦରକାର ।

# ବିଗୁଡୁଛି ସମାଜ ଓ ଯାଉଛି ଜୀବନ



ଜିଜ୍ଞାସା

ନିରଞ୍ଜନ ଶତପଥୀ

ସମଗ୍ର ଦେଶ ଆଜି ନିଶା କବଳରେ କବଳିତ । ଏହି ନିଶା କବଳରୁ ମୁକ୍ତ ପାଇବା ଏତେ ସହଜ କଥା ନୁହେଁ । ଥରେ ଏହି ନିଶା କବଳରେ ପଡ଼ିଲେ ପରବର୍ତ୍ତୀ ସମୟରେ ଏହା ଏକ ଅଭ୍ୟାସରେ ପରିଣତ ହୋଇଯାଏ । ପରିଶେଷରେ ଏହାର ପରିଣାମ ଅତିବ ଭୟଙ୍କର ହୋଇଯାଏ । ଏପରିକି ନିଶା ସେବନକାରୀଙ୍କୁ ଏହା ମୃତ୍ୟୁମୁଖକୁ ଟାଣିନେଇଥାଏ । ମଣିଷ ଜୀବନ ସବୁଠାରୁ ମୂଲ୍ୟବାନ । ଏହି ଧରାପୃଷ୍ଠରେ ମାନବ ଜୀବନ ଏକ ଦୁର୍ଲଭ ଜୀବନ । ଈଶ୍ୱର ହେଉଛନ୍ତି ସର୍ବଶକ୍ତିମାନ । ଏ ବିଶାଳ ସୃଷ୍ଟିର ସେ ହେଉଛନ୍ତି ଏକମାତ୍ର ସୃଷ୍ଟିକର୍ତ୍ତା । ତାଙ୍କରି ଏହି ସୃଷ୍ଟି ମଧ୍ୟରେ ଛପନ କୋଟି ଜୀବ ମଧ୍ୟରେ ମନୁଷ୍ୟ ହେଉଛି ସର୍ବଶ୍ରେଷ୍ଠ ଜୀବ । ସେ ହେଉଛି ଅମୃତର ସନ୍ତାନ । ପ୍ରାଚୀନ ଯୁଗ ଥିଲା ମୁନୀଋଷୀମାନଙ୍କ ଯୁଗ । ମନୁଷ୍ୟମାନେ ଥିଲେ ଈଶ୍ୱର ବିଶ୍ୱାସୀ । ମୁନୀଋଷିମାନଙ୍କ ଦ୍ୱାରା ପ୍ରଣୀତ ନୀତିନିୟମଗୁଡ଼ିକ ସମାଜରେ ପ୍ରଚଳିତ ଥିଲା । ଲୋକମାନେ ସୁଖଶାନ୍ତିରେ ବାସ କରୁଥିଲେ । ପାରିବାରିକ ଓ ସାମାଜିକ ଜୀବନ ଥିଲା ଆନନ୍ଦମୟ ।

ଆଉ ସେ ପୂର୍ବ ସମୟ ନାହିଁ । ସମୟ ବଦଳିଗଲାଣି । ପୂର୍ବପରି ସମାଜର ସୁଖଶାନ୍ତି ଆଉ ଦେଖିବାକୁ ମିଳୁନାହିଁ । ବର୍ତ୍ତମାନ ଯୁଗ ହେଉଛି ମଦ'ର ଯୁଗ କହିଲେ ଭୁଲ୍ ହେବନାହିଁ । ଆମ ଓଡ଼ିଶା ସେଥିରୁ ବାଦ ପଡ଼ିନି । ଓଡ଼ିଶାରେ ମଦ'ର ପ୍ରସାର ଘଟିଚାଲିଛି । ଦିନକୁ ଦିନ ମଦ୍ୟପଙ୍କ ସଂଖ୍ୟା କ୍ରମାଗତ ଭାବେ ବୃଦ୍ଧି ପାଇଚାଲିଛି । ଅନେକ ଉଚ୍ଚଶିକ୍ଷିତ ଓ ସଂଭ୍ରାନ୍ତ ବଂଶଧରର ପିଲାମାନେ ମଧ୍ୟ ଏହି ମଦ କବଳରେ କବଳିତ । ମଦ୍ୟପାନ କଲାପରେ ମାନସିକ ସ୍ତରରେ ବିରାଟ ପରିବର୍ତ୍ତନ ଘଟିଥାଏ । ସେ ସମସ୍ତ ଜ୍ଞାନ-ଗାରିମା, ନ୍ୟାୟ-ଅନ୍ୟାୟ ସବୁକିଛି ଭୁଲିଯାଏ । ସେ କ'ଣ କରୁଛି ଓ କ'ଣ କହୁଛି କିଛି ଜାଣିପାରେ ନାହିଁ । କେତେକ ଅତ୍ୟଧିକ ମଦ୍ୟପାନ କରି ଉଗ୍ର ଆଚରଣ ପ୍ରଦର୍ଶନ କରନ୍ତି ଯାହା ଫଳରେ ଜନସାଧାରଣ ଭୟଭୀତ ହୋଇପଡ଼ନ୍ତି । ସେମାନଙ୍କ ପାଇଁ ଲୋକମାନେ ନିଜକୁ ନିରାପଦ ମଣିନଥାନ୍ତି । ବର୍ତ୍ତମାନ ସମାଜରେ ମଣିଷପଣିଆର ଘୋର ଅଭାବ ଦେଖାଦେଲାଣି । ବଜାର ସହର ଓ ଗ୍ରାମାଞ୍ଚଳମାନଙ୍କରେ ମଦ'ର ପ୍ରସାର ବୃଦ୍ଧି ପାଇବାରେ ଲାଗିଛି । ଦୁଃଖରେ ସୁଖରେ ସବୁଥିରେ ମଦ'ର ବ୍ୟବହାର କରାଯାଉଛି । ନୂଆବର୍ଷ ପାଳନରେ ମଧ୍ୟ ମଦ'ର ବ୍ୟବହାର କରାଯାଇଛି । ଭୁବନେଶ୍ୱରରେ ନୂଆବର୍ଷକୁ ସ୍ୱାଗତ କରିବା ପାଇଁ ମଦ'ର ସ୍ରୋତ ପ୍ରବାହିତ ହୋଇଛି । ମାତ୍ର ସାତଦିନ ମଧ୍ୟରେ କେବଳ ରାଜଧାନୀରେ ୩୨କୋଟି ଟଙ୍କାର ମଦ ବିକ୍ରି କରାଯାଇଛି । ବର୍ତ୍ତମାନ ମଦ ଯୁବପିଢ଼ିଙ୍କୁ ବେଶ୍ ଆକୃଷ୍ଟ କରୁଛି । ୨୦୨୫ ମସିହା ଡିସେମ୍ବର ୨୫ ତାରିଖଠାରୁ ନୂଆବର୍ଷ ପର୍ଯ୍ୟନ୍ତ ୩୨ କୋଟି ଟଙ୍କାର ମଦ, ଭୁବନେଶ୍ୱରରେ ବିକ୍ରି ହୋଇଛି ବୋଲି ଗଣମାଧ୍ୟମରୁ ଜଣାଯାଇଛି । ସେଥିମଧ୍ୟରୁ ୨ କୋଟି ୮୧ ଲକ୍ଷ ଲିଟର ବିଦେଶୀ ମଦ ଏବଂ ୨ କୋଟି ୭୮ ଲକ୍ଷ ଲିଟର ବିଅର ବିକ୍ରି ହୋଇଛି । ଏହା ସମାଜର ଅଧପତନର ଏକ ଭୟଙ୍କର ଚିତ୍ର ଦେଖାଉଛି । କଲେଜରେ ପାଠ ପଢୁଥିବା ଛାତ୍ରଛାତ୍ରୀ ଓ ଯୁବଗୋଷ୍ଠୀମାନେ ମଦ୍ୟପାନ କରୁଛନ୍ତି । ଏପରିକି ଝିଅମାନେ ମଧ୍ୟ ମଦ୍ୟପାନ କରିବା ଆରମ୍ଭ କଲେଣି । ଲୋକମାନେ ମଦକୁ ପାନୀୟ ଭଳି ବ୍ୟବହାର କଲେଣି । ଲୋକମାନେ ରାସ୍ତାଘାଟ ଓ ସର୍ବସାଧାରଣ ସ୍ଥାନରେ ମଦ୍ୟପାନ କରିବାକୁ ଆଉ ଲଜ୍ଜାବୋଧ କରୁନାହାନ୍ତି ।

ମଦ୍ୟପାନର ଅପକାରିତା ବିଷୟରେ ଜାଣିବା ପରେ ମଧ୍ୟ ଯୁବପିଢ଼ି ସେଥିରୁ ନିବୃତ୍ତ ହେଉନାହାନ୍ତି । ଅନେକ ମଦ୍ୟପାନ କରି କଠିନ ରୋଗରେ ଆକ୍ରାନ୍ତ ହୋଇ ଯନ୍ତ୍ରଣା ଜର୍ଜରିତ ଜୀବନ ଅତିବାହିତ କରୁଛନ୍ତି । ଅନେକ ମଧ୍ୟ ମଦ୍ୟପାନ ଜନିତ ଅସାଧ ରୋଗରେ ପୀଡ଼ିତ ହୋଇ ମୃତ୍ୟୁବରଣ କରୁଛନ୍ତି । ଡାକ୍ତରମାନେ ମଦ୍ୟପାନ ନ କରିବାକୁ ଉପଦେଶ ପ୍ରଦାନ କରୁଥିଲେ ମଧ୍ୟ ତାହା ପାଳନ କରିବା ସେମାନଙ୍କ ପକ୍ଷରେ କଷ୍ଟକର ହୋଇପଡୁଛି । ଇତିମଧ୍ୟରେ ମଦ ନେଲାଣି ଅନେକ ଜୀବନ । ଯୁବଗୋଷ୍ଠୀଙ୍କ ମଧ୍ୟରେ ଏ ବିଷୟରେ ଚୈତନ୍ୟ ଉଦୟ ହେଉନାହିଁ । ଯୁବକମାନେ ଓ ଛାତ୍ରଛାତ୍ରୀମାନେ ହେଉଛନ୍ତି ଦେଶ ଓ ରାଜ୍ୟର ଭବିଷ୍ୟତ । ଦେଶ ଓ ରାଜ୍ୟ ସେମାନଙ୍କ ଉପରେ ଅନେକ କିଛି ଆଶା ଭରସା ରଖିଛି । ଯୁବକ ଯୁବତୀମାନେ ଆଜି ନିଶା କବଳରେ କବଳିତ ହୋଇ ପଥଭ୍ରଷ୍ଟ ହୋଇପଡ଼ିଛନ୍ତି । ମଦ ଜୀବନକୁ ଅନ୍ଧକାର ଆଡ଼କୁ ଠେଲି ଦେଉଛି । ପାରିବାରିକ ଜୀବନ ଦୁଃଖମୟ ହୋଇପଡୁଛି । ମଦ୍ୟପାନ ଜନିତ ମୃତ୍ୟୁ ସମ୍ବାଦ ମିଳିଲେ ମଧ୍ୟ ତା'ର ପ୍ରଭାବ ବିଶେଷ କିଛି ପଡୁନଥିବାର ଦେଖାଯାଉଛି । ପିଲାଟିଏ ବାହାରକୁ ଯାଇ ନିର୍ଦ୍ଧାରିତ ସମୟରେ ଘରକୁ ନ ଫେରିଲେ ପିତାମାତାଙ୍କ ଚିନ୍ତା ବଢୁଛି । ବର୍ତ୍ତମାନ ସମାଜରେ କେହି କାହା କଥା ମାନିବାକୁ ପ୍ରସ୍ତୁତ ନାହାନ୍ତି । ସମସ୍ତେ ମାୟାରେ ବାୟା ନ୍ୟାୟରେ ଜୀବନ ଅତିବାହିତ କରୁଛନ୍ତି । ମାଆ ପୁଅର ସମ୍ପର୍କ ବିଷମୟ ହୋଇପଡୁଛି । ପୁଅ ମାଆକୁ ମଦ ପିଇବାକୁ ଟଙ୍କା ମାଗି ନିରାଶ ହେଲେ ମାଆକୁ ହତ୍ୟା କରିବାକୁ ପଛାଉନାହିଁ । ଠିକ୍ ସେହିପରି ସ୍ୱାମୀ ମଦ ପିଇବାକୁ ସ୍ତ୍ରୀ ଟଙ୍କା ନଦେଲେ କ୍ରୋଧାନ୍ୱିତ ହୋଇ ସ୍ତ୍ରୀକୁ ହତ୍ୟା କରୁଛି । ମଦ ଅନେକ ଜୀବନ ନେଲାଣି । କେବଳ ସହର ନୁହେଁ ଗ୍ରାମାଞ୍ଚଳମାନଙ୍କରେ ମଧ୍ୟ ମଦ'ର ସ୍ରୋତ ବଢୁଛି । ମଦ ବିନା କୌଣସି ଉତ୍ସବ ପାଳନ କରିବା ସମ୍ଭବ ହେଉନାହିଁ । ବିବାହ, ବ୍ରତ, ମେଳା ମହୋତ୍ସବ ଆଦି ଶୁଭକାର୍ଯ୍ୟଗୁଡ଼ିକରେ ମଦ ବିନା ସମ୍ପନ୍ନ ହୋଇପାରୁନାହିଁ । ଅଶୁଭ କାର୍ଯ୍ୟରେ ମଧ୍ୟ ମଦ'ର ଆବଶ୍ୟକତା ପଡୁଛି । ସବୁଠୁ ଦୁଃଖର ବିଷୟ ହେଉଛି ପରିବାରରେ ଯଦି କାହାର ମୃତ୍ୟୁ ଘଟେ ତେବେ ଶ୍ମଶାନକୁ ନେଇ ଶବଦାହ କରିବାକୁ ମଦ ମଗାଯାଉଛି । ପରିବାରରେ ଶୋକରେ ମୁହ୍ୟମାନ ହୋଇପଡ଼ିଥିବା ବେଳେ ସମସ୍ତଙ୍କୁ ସମବେଦନା ଜଣାଇ ଦିଆଯାଏ । ଏ କ୍ଷେତ୍ରରେ ମଧ୍ୟ ମଦ'ର ବ୍ୟବହାର ଅତ୍ୟନ୍ତ ଦୁଃଖଦାୟକ ଘଟଣା । ପରିବାରରେ ପିଲାମାନଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ପାଇଁ ସଞ୍ଚିତ ଥିବା ଅର୍ଥ ମଦ ପାଇଁ ବିନିବ୍ୟୟ ହେଉଛି ।

ମଦ ନିଶା ହେଉଛି ସବୁଠାରୁ ଉତ୍କଟ ନିଶା । ମଦ ନିଶାରେ ଜଘନ୍ୟ ଅପରାଧ ଘଟାଇବାରେ ମଦ୍ୟପମାନେ ପଛାନ୍ତି ନାହିଁ । ମଦ ପାଇଁ ପାରିବାରିକ ହିଂସା ବୃଦ୍ଧି ପାଇବାରେ ଲାଗିଛି । ଏହି ମଦ ନିଶାରେ ହତ୍ୟା, ବଳାତ୍କାର, ଚୋରି, ଡକାୟତି, ଲୁଟ୍, ପକେଟମାର ଆଦି ଘଟଣାମାନ ଘଟିଚାଲିଛି । ସମାଜରେ ଘଟୁଥିବା ବିଶୃଙ୍ଖଳା ଗୁଡ଼ିକର କାରଣ ମଦ ବୋଲି କୁହାଯାଇଛି । ସେଥିପାଇଁ ଗତ ନୂଆବର୍ଷରେ ଗଞ୍ଜାମ ଜିଲ୍ଲାର ମାଆ ଅଧିଷ୍ଠାତ୍ରୀ ଦେବୀ ତାରାତାରିଣୀ ପୀଠରେ ମଦ୍ୟପମାନଙ୍କୁ ବାରଣ କରାଯାଇଥିଲା । ଏହା ଏକ ପର୍ଯ୍ୟଟନସ୍ଥଳ ହୋଇଥିବା ହେତୁ ବହୁ ପର୍ଯ୍ୟଟକଙ୍କ ସମାଗମକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଥିଲା । ଆମ ଓଡ଼ିଶାରେ ଉତ୍କଟ ନିଶା କାରବାର ବ୍ୟାପକ ଭାବରେ ବୃଦ୍ଧି ପାଇବାରେ ଲାଗିଛି । ବିଶେଷ କରି ମହିଳା, ଶିଶୁ, ଯୁବପିଢ଼ି, ଶ୍ରମିକ ଓ ଛାତ୍ରଛାତ୍ରୀମାନେ ଏହି ନିଶା କବଳିତ ହୋଇପଡ଼ିଛନ୍ତି । ସରକାରୀ ଲାଇସେନ୍ସ ପ୍ରାପ୍ତ ମଦ ଦୋକାନଗୁଡ଼ିକରୁ ପ୍ରାୟ ବର୍ଷକୁ ୨୫ କୋଟିରୁ ଊର୍ଦ୍ଧ୍ୱ ଲିଟର ମଦ ବିକ୍ରି କରାଯାଉଥିବାର ଜଣାଯାଇଛି । ଏହାଛଡ଼ା ଓଡ଼ିଶାର ବିଭିନ୍ନ ସ୍ଥାନରେ ଚୋରା ମଦ, ଗଞ୍ଜେଇ, ବାଉନସୁଗାର ଇତ୍ୟାଦି ବିଭିନ୍ନ କିସମର ନିଶା ସାମଗ୍ରୀମାନ ଖୋଲା ବଜାରରେ ବିକ୍ରି କରାଯାଉଛି । ଦୈନନ୍ଦିନ ଏହି ଚୋରା ନିଶା ସାମଗ୍ରୀର କାରବାର ବିଷୟରେ ଖବରକାଗଜ ପୃଷ୍ଠାରୁ ପଢ଼ିବାକୁ ମିଳୁଛି । ଏହି ଚୋରା ନିଶା କାରବାର କରୁଥିବା ଅନେକ ବ୍ୟକ୍ତି ଗିରଫ ହୋଇ ନିଶା ସାମଗ୍ରୀ ଜବତ ହୋଇଥିବାର ସମ୍ବାଦ ମିଳୁଛି । ଗତ ଆର୍ଥିକ ବର୍ଷରେ ୨୩ ବର୍ଷରୁ ଊର୍ଦ୍ଧ୍ୱ ଲିଟର ମଦ ଜବତ ହୋଇଥିଲା । ୨୦୨୩-୨୪ ମସିହାରେ ଚୋରା ନିଶା କାରବାର ଅଭିଯୋଗରେ ୫୯ ହଜାର ମାମଲା ଧରପଡ଼ିଥିଲା ଓ ୪୭ ହଜାର ୫୭୯ ଜଣଙ୍କୁ ଗିରଫ କରାଯାଇଥିଲା । ଠିକ୍ ସେହିପରି ୨୦୨୪-୨୫ ମସିହାରେ ୬୦ହଜାର ୫୯୮ଟି ନିଶା କାରବାର ସମ୍ପର୍କିତ ମାମଲା ରୁଜୁ କରାଯାଇଥିଲା ଓ ୪୮ ହଜାର ୧୧୫ ଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିଲା । ଏହି ଦୁଇବର୍ଷ ମଧ୍ୟରେ ୭ହଜାରରୁ ଊର୍ଦ୍ଧ୍ୱ ମଟର ଯାନ ଜବତ କରାଯାଇଥିଲା । ଏହାଛଡ଼ା ଗତବର୍ଷ ୨୫ ହଜାର କିଲୋ ଗଞ୍ଜେଇ, ୨୫ କିଲୋରୁ ଊର୍ଦ୍ଧ୍ୱ ବ୍ରାଉନ୍‌ସୁଗର ମଧ୍ୟ ଜବତ କରାଯାଇଥିଲା । ଆମ ରାଜ୍ୟରେ ଗତ ୨୦୨୫ ମସିହା ଜାନୁଆରୀ ମାସ ଶେଷ ସୁଦ୍ଧା ୨ ହଜାର ୯୭୮ଟି ବିଭିନ୍ନ କିସମର ସରକାରୀ ମଞ୍ଜୁରୀ ପ୍ରାପ୍ତ ମଦ ଦୋକାନ ଥିଲା । ସେଥିମଧ୍ୟରୁ ୨୪୧ ମଦ ଦୋକାନ ବନ୍ଦ ରହିଥିଲା । ଇତିମଧ୍ୟରେ ଏହି ମଦ ଦୋକାନର ସଂଖ୍ୟାରେ ବୃଦ୍ଧି ଘଟିବା ସହିତ ବନ୍ଦ ଥିବା ମଦ ଦୋକାନ ଖୋଲିବାକୁ ଉଦ୍ୟମ କରାଯାଉଥିବାର ଶୁଣିବାକୁ ମିଳୁଛି । ରାଜ୍ୟରେ ନିଶାକାରବାର ହ୍ରାସ ହେବା ପରିବର୍ତ୍ତେ ବୃଦ୍ଧି ପାଇବାକୁ ଲାଗିଛି । ଫଳରେ ଅପରାଧଜନିତ ସମସ୍ୟା ବୃଦ୍ଧି ପାଇବାରେ ଲାଗିଛି । ସାଧାରଣ ଲୋକ ସମାଜରେ ନିଜକୁ ଆଉ ନିରାପଦ ମଣୁନାହାନ୍ତି । ଓଡ଼ିଶା ଆଜି ନିଶାରେ କବଳିତ । ପାରିବାରିକ ବିଶୃଙ୍ଖଳାର କାରଣ ମଦ । ନିଶାମୁକ୍ତ ଓଡ଼ିଶା ଗଠନ ଆଜିର ଆହ୍ୱାନ । ଜାତିର ଜନକ ମହାତ୍ମା ଗାନ୍ଧିଙ୍କ ନିଶାମୁକ୍ତ ଦେଶ ଗଠନର ସ୍ୱପ୍ନ ଆଜି ସ୍ୱପ୍ନରେ ରହିଯାଇଛି । ଯେଉଁ ପରିମାଣରେ ନିଶା ସାମଗ୍ରୀର ବ୍ୟବହାର ବୃଦ୍ଧି ପାଉଛି ଯଦି ଏହା ରୋକାନଯାଏ ତେବେ ସମାଜର ଅବସ୍ଥା ଆହୁରି ଉଦ୍‌ବେଗଜନକ ହେବାର ସମ୍ଭାବନାକୁ ଏଡାଇ ଦିଆଯାଇନପାରେ । ଆମ ଦେଶର ଗୁଜରାଟ ଓ ବିହାର ଭଳି କେତେକ ରାଜ୍ୟରେ ନିଶା ନିବାରଣ ଆଇନ୍ ପ୍ରଣୟନ କରିଛନ୍ତି । କିନ୍ତୁ ଆମ ଓଡ଼ିଶାରେ ସେପରି ଆଇନ୍ ପ୍ରଣୟନ କରାଯାଉନାହିଁ । ଓଡ଼ିଶାରେ ନବକୃଷ୍ଣ ଚୌଧୁରୀଙ୍କ ଶାସନ କାଳରେ ନିଶା ନିବାରଣ ଆଇନ୍ ୧୯୫୬ ପ୍ରଣିତ ହୋଇଥିଲା । ଦୀର୍ଘଦିନ ବିତିଯାଇଥିଲେ ମଧ୍ୟ ତାହା ଏଯାବତ୍ କାର୍ଯ୍ୟକାରୀ ହୋଇପାରୁନାହିଁ । କେବଳ ସରକାର ଚାହିଁଲେ ଯଥେଷ୍ଟ ହେବନାହିଁ । ଏଥିପାଇଁ ଜନ ସହଯୋଗର ଆବଶ୍ୟକତା ରହିଛି । ଓଡ଼ିଶାର ଯୁବଗୋଷ୍ଠୀ, ଛାତ୍ରଛାତ୍ରୀ, ଶ୍ରମିକମାନେ ନିଶା ବ୍ୟବହାରର ଭୟାବହତାକୁ ଅନୁଭବ କରି ନିଶା ବ୍ୟବହାର ନ କରିବା ପାଇଁ ବଜ୍ର ଶପଥ ନେବା ଉଚିତ୍ । ପିତାମାତାମାନେ ମଧ୍ୟ ସେମାନଙ୍କ ସନ୍ତାନମାନଙ୍କୁ ଠିକଣା ରାସ୍ତାରେ ଯିବାକୁ ଉଦ୍ୟମ କରିବା ଉଚିତ୍ । ନିଶାମୁକ୍ତ ଓଡ଼ିଶା ଗଠନ ପାଇଁ ସବୁ ସ୍ତରରୁ ଉଦ୍ୟମ ହେବା ଆବଶ୍ୟକ । ବର୍ତ୍ତମାନ ଓଡ଼ିଶାରେ ରାଜସ୍ୱ ସଂଗ୍ରହ ବଡ଼ ମାଧ୍ୟମ ହେଉଛି ମଦ । ତେଣୁ ଅବକାରୀ ରାଜସ୍ୱ ଲୋଭରେ ସରକାର ନିରବ । ଏ ବାବଦରେ ଯେତିକି ରାଜସ୍ୱ ସଂଗ୍ରହ ହେଉଛି ମଦ ନିଶାରେ ତାଠୁ ଅଧିକ ଧନ ଜୀବନ ନଷ୍ଟ ହେଉଛି । ମଦ ବ୍ୟବହାର ନ କରିବାକୁ ଓଡ଼ିଶାର ଅନେକ ଜ୍ଞାନୀଗୁଣୀ ଲୋକମାନେ ଗଣମାଧ୍ୟମ ଜରିଆରେ ଅନୁରୋଧ କରୁଛନ୍ତି । ସେମାନଙ୍କ ଉପଦେଶକୁ ସମ୍ମାନ ଦେଇ ଗ୍ରହଣ କରିବା ଉଚିତ୍ । ଲୋକଭାଷାରେ 'ମଦ'ର ସଂଜ୍ଞା ହେଉଛି 'ମ'ର ଅର୍ଥ ମରିବା, 'ଦ'ର ଅର୍ଥ ଦରିଦ୍ର ହେବା । ତେଣୁ ସରକାର ନିଶା ବିରୋଧରେ ଦୀର୍ଘ ଭାଷଣ ନ ଦେଇ କଠୋର ଆଇନ୍ ପ୍ରଣୟନ କରିବା ଜରୁରୀ ହୋଇପଡ଼ିଛି । ମଦ ଭାଙ୍ଗି ଦେଉଛି ଅନେକଙ୍କ ସୁନାର ସଂସାରକୁ । ବର୍ତ୍ତମାନ ସରକାର କେତେ ନିଶାଦ୍ରବ୍ୟର ସେବନ ଉପରେ କଟକଣା କରିଛନ୍ତି । ଏ ଦିଗରେ ବ୍ୟାପକ ଜନସଚେତନତା ସୃଷ୍ଟି ହେବା ଆବଶ୍ୟକ ।

**କୁରୁଣ୍ଡି, ରାଜନଗର, କେନ୍ଦ୍ରାପଡ଼ା**
**ମୋ. ୮୯୧୭୨୧୩୦୭୩**

# ସୁଦୃଢ଼ ଅଭିବୃଦ୍ଧିଶୀଳ ଆମ ଅର୍ଥନୀତି

■ ଯୁଧିଷ୍ଠିର ମହାରଣା ■

ଖବରକାଗଜ ଦେଖନ୍ତୁ, ଦିନକୁଦିନ ଆମେରିକାର ରାଷ୍ଟ୍ରପତିଙ୍କ ମନମାନୀ ଓ ହାମବଡ଼ା ନିର୍ଦ୍ଦେଶାବଳୀ ସମଗ୍ର ବିଶ୍ୱ ଅର୍ଥନୀତି ଓ ସମ୍ପର୍କକୁ ବଡ଼ ଚର୍ଚ୍ଚା ଭିତରକୁ ଠେଲି ଦେଉଛି । ଭାରତ ସହିତ ଋଷର ଦୀର୍ଘ ଦିନର ବନ୍ଧୁତ୍ୱ ଓ ନିବିଡ଼ ସମ୍ପର୍କ ରହିଛି । ତେବେ ଭାରତ ଓ ଋଷ ଏହି ମହାନ ସମୃଦ୍ଧ ସମ୍ପର୍କ ପାଇଁ ଆମେରିକା ଈର୍ଷାନ୍ୱିତ ହୋଇ ଭାରତ ଓ ଋଷର ଅର୍ଥନୀତିକୁ ଡେଡ ଇକୋନୋମିକ୍ ବା ମୃତ ଅର୍ଥନୀତି ଭାବେ ମନ୍ତବ୍ୟ ଦେବାକୁ ପଛାଇ ନାହାଁନ୍ତି । ଆମ ଶତ୍ରୁଦେଶ ମାନେ ଟ୍ରମ୍ପଙ୍କ ଏହି ବାଚାଳାମିପୂର୍ଣ୍ଣ ମନ୍ତବ୍ୟ ପାଇଁ ଆମୋଦିତ ହେଉଥିଲେ ମଧ୍ୟ ଟ୍ରମ୍ପଙ୍କ ମନ୍ତବ୍ୟ ଯେ ଅପରିପକ୍ୱ ଓ ମିଛ ଏହା ସମସ୍ତଙ୍କୁ ଜଣା। ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି ଖୋଦ ଭାରତର ଅର୍ଥନୀତିକୁ ବିଶ୍ୱର ଚତୁର୍ଥ ବୃହ ଅର୍ଥନୈତିକ ଶକ୍ତିରୂପେ ଘୋଷଣା କରିବା ପରେ ଭାରତ ବାସ୍ତବିକ ବିଶ୍ୱର ଚତୁର୍ଥ ଶକ୍ତିଶାଳୀ ଗୌରବପୂର୍ଣ୍ଣ ଅଭିବୃଦ୍ଧିଶୀଳ ରାଷ୍ଟ୍ରଭାବେ ଈର୍ଷଣୀୟ ସଫଳତା ପାଇଛି । ଟ୍ରମ୍ପ ସମ୍ଭବତଃ ଭୁଲି ଯାଉଛନ୍ତି ଯେ ଭାରତର ବିଶାଳ ଖାଉଟି ବଜାର ରହିଥିବାରୁ ଏଠାରେ ଆମେରିକା ବ୍ୟବସାୟିକ କ୍ଷେତ୍ର ଖୋଲିବା ପାଇଁ ଅତ୍ୟନ୍ତ ବ୍ୟାକୁଳ ହୋଇପଡ଼ିଛି ।

୧୯୯୧ ମସିହାରେ ଭାରତୀୟ ଅର୍ଥନୀତିର ନୂତନ ସଂସ୍କାର ଓ ସଂରଚନା ତାହାର ମୌଳିକ ଭିତ୍ତିଭୂମିକୁ ଏତେ ସୁଦୃଢ଼ କରିଛି ଯେ ୨୦୦୮ ବିଶ୍ୱ ଆର୍ଥିକ ମାନ୍ଦାବସ୍ଥା ମଧ୍ୟ ଦୋହଲାଇ ପାରିନାହିଁ । ଭାରତର ଅର୍ଥନୀତିକୁ ଡେଡ଼ ଇକୋନୋମୀ ଆଖ୍ୟା ଦେବା ପୂର୍ବରୁ ଟ୍ରମ୍ପ ମହାଶୟ ଅନ୍ତତଃ ଥରେ ସ୍ମରଣକୁ ଆଣିବା ଆବଶ୍ୟକ ଥିଲା ଯେ ତାଙ୍କ ଦେଶରୁ ସ୍ୱଷ୍ଟ ଆର୍ଥିକ ଅନିୟମିତତା (ସବପ୍ରାଇମ୍ ଲୋନର ପରିଚାଳନାରେ ତ୍ରୁଟି ଯୋଗୁଁ ବୃହତ୍ ଆର୍ଥିକ ସଂସ୍ଥା ଲେହମ୍ୟାନ ବ୍ରଦର୍ସ ଓ ମେରିଲ୍ ଲିଞ୍ଚ ଭୁଶୁଡ଼ି ପଡ଼ିଥିଲା) ସାରା ବିଶ୍ୱ ସମେତ ଆମେରିକାର ଅର୍ଥନୀତି ମଧ୍ୟ ପ୍ରଭାବିତ ହୋଇଥିଲା, ଯାହାର ପ୍ରଭାବପରୁ ଅନେକ ଦେଶ ଦୀର୍ଘବର୍ଷ ପର୍ଯ୍ୟନ୍ତ ମୁକୁଳି ପାରି ନଥିଲେ। ଅପରପକ୍ଷରେ ଭାରତୀୟ ଅର୍ଥନୀତି କେବଳ ସଦର୍ପେ ଠିଆ ହୋଇ ନଥିଲା, ୨୦୦୮-୦୯ ଆର୍ଥିକ ବର୍ଷର ଅର୍ଥନୈତିକ ଅଭିବୃଦ୍ଧି ହାର ଦୁଇ ଅଙ୍କ ପାଖାପାଖି ପହଞ୍ଚିଥିଲା ।

ଆଇଏମ୍‌ଏଫ ତରଫରୁ ପ୍ରକାଶିତ ବିଗତ ୩୦ ବର୍ଷର ଅର୍ଥନୈତିକ ଦ୍ରୁତ ଅଭିବୃଦ୍ଧି ତାଲିକାର ପ୍ରଥମ ତିନି ସ୍ଥାନରେ ଯଥାକ୍ରମେ ଚୀନ, ଭାରତ ଓ ରୁଷିଆ ରହିଛନ୍ତି। ସେହି ସମୟ ମଧ୍ୟରେ ବିକଶିତ ଦେଶ ଇଂଲଣ୍ଡ, ଜର୍ମାନୀ ଓ ଜାପାନର ଅର୍ଥନୈତିକ ଅଭିବୃଦ୍ଧି ହାରରେ ହ୍ରାସ ଘଟିଛି। ୧୯୯୫ରେ ଆମେରିକୀୟ ଅର୍ଥନୀତି ତୁଳନାରେ ଭାରତୀୟ ଅର୍ଥନୀତିର ଆକାର ମାତ୍ର ୫% ଥିବାବେଳେ ୩୦ ବର୍ଷ ଭିତରେ ୧୪% ପ୍ରତିଶତରେ ପହଞ୍ଚିପାରିଛି। ଆଇଏମ୍‌ଏଫର ଗତ ୨୯ ତାରିଖରେ ପ୍ରକାଶିତ ସଂଶୋଧିତ ୱାର୍ଲ୍ଡ ଇକୋନୋମିକ୍ ଆଉଟଲୁକ୍ ୨୦୨୫ରେ ଆମେରିକାର ଅର୍ଥନୀତି ମାତ୍ର ୧% ହାରରେ ଏବଂ ଭାରତର ଅର୍ଥନୀତି ୬.୪ ହାରରେ ବଢ଼ିବ ବୋଲି ଆକଳନ କରିଛି। ତେଣୁ ଭାରତର ଏହି ଈର୍ଷଣୀୟ ଅର୍ଥନୈତିକ ସଫଳତାର ଟ୍ରମ୍ପ ମହାଶୟ ଈର୍ଷାନ୍ୱିତ ହୋଇ ଏଭଳି ପିଲାଳିଆମୀ ମନ୍ତବ୍ୟ ଟିଏ ଦେଇଥାଇପାରନ୍ତ ।

ଆମେରିକାର ବିଶିଷ୍ଟ ଅର୍ଥନୀତିଜ୍ଞ ଜେଫ୍ରି ସାକ୍ସଙ୍କ ମତରେ ଅମେରିକା କେବେ ମଧ୍ୟ ଚାହେଁ ନାହିଁ ଯେ ଭାରତ ଅର୍ଥନୈତିକ ଶକ୍ତି ଭାବେ ଉଭା ହେଉ। କେବଳ ଚୀନର ଆଧିପତ୍ୟକୁ ପ୍ରତିହତ କରିବା ପାଇଁ ଭାରତ ସହିତ ଆମେରିକା ଛଳନା କରୁଛି । ଏପରିକି ଆମେରିକା ଭାରତର ଅର୍ଥନୀତିକୁ ଭୟ କରୁଛି। ତେଣୁ ନିକଟ ଭବିଷ୍ୟତରେ ଭାରତୀୟ ଅର୍ଥନୀତିକୁ ସୁହାଇବା ଭଳି କୌଣସି ବାଣିଜ୍ୟ ଚୁକ୍ତି ଆମେରିକାର ଅର୍ଥନୀତିଜ୍ଞ ସନ୍ଦୀହାନ, ଆମେ ଭାରତୀୟ ହୋଇ ଡେଡ୍ ଇକୋନୋମି ମନ୍ତବ୍ୟକୁ ସମର୍ଥନ କରିବା କେତେ ସମୀଚୀନ ତାହା ବିଚାର୍ଯ୍ୟ।

ଗଣତାନ୍ତ୍ରିକ ରାଷ୍ଟ୍ରରେ ବିରୋଧାଭାସା ଓ ସମାଲୋଚନା ଅପରିହାର୍ଯ୍ୟ। ତ୍ରୁଟିବିଚ୍ୟୁତି ସୁଧାରି ଶାସନ ବ୍ୟବସ୍ଥାକୁ ସୁସଂହତ ଓ ଲୋକାଭିମୁଖୀ କରିବାରେ ଶାସକଙ୍କ ପାଇଁ ଏହା ଏକ ଦର୍ପଣ ଭଳି କାର୍ଯ୍ୟ କରେ। ଏହା ମଧ୍ୟ ଅସ୍ୱୀକାର କରାଯାଇପାରିବ ନାହିଁ ଯେ ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥନୈତିକ ଶକ୍ତି ହେବା ସତ୍ତ୍ୱ ଭାରତରେ ଅର୍ଥନୈତିକ ବୈଷମ୍ୟ ଉତ୍କଟ ଏବଂ ଏବେ ମଧ୍ୟ ଦେଶରେ ୮୦ କୋଟି ପରିବାର ରିହାତି ଯୋଜନା ଉପରେ ନିର୍ଭରଶୀଳ। କିନ୍ତୁ ଏ ସମ୍ପର୍କିତ ଆଲୋଚନା ସମାଲୋଚନା ପାଇଁ ଦେଶର ଆଭ୍ୟନ୍ତରୀଣ ମଞ୍ଚରେ ବିଶାଳ ସୁଯୋଗ ରହିଛି। ଦଳୀୟ ରାଜନୀତି ଓ ଆଦର୍ଶଗତ ଅସୂୟା ଆଧାରରେ ବିରୋଧ କରିବା ଓ ମନ୍ତବ୍ୟକୁ ଆଧାର କରିବା ଆଦୌ ଦେଶଭକ୍ତିର ପରିଚୟ ନୁହେଁ। ଅଧିକନ୍ତୁ ଟ୍ରମ୍ପ ବାରମ୍ବାର ଦେଉଥିବା ଭାରତ ବିରୋଧୀ ମନ୍ତବ୍ୟକୁ ବିରୋଧ କରି ସଂସଦରେ ଏକ ନିନ୍ଦା ପ୍ରସ୍ତାବ ଆଗତ କରାଯାଇ ପାରିଥାନ୍ତା। ଶାସକ ଦଳକୁ ଦୋଛକିରେ ଛାଡ଼ିବା ପାଇଁ ବିରୋଧୀ ଦଳ ଏହାକୁ ଏକ ଅଭେଦ୍ୟ ଅସ୍ତ୍ର କରିପାରିଥାନ୍ତା । ଏହାଦ୍ୱାରା ମଧ୍ୟ ବିରୋଧୀ ଦଳର ରାଷ୍ଟ୍ରପ୍ରୀତି ଭାବମୂର୍ତ୍ତି ଆହୁରି ଉଜ୍ଜ୍ୱଳ କରିଛି। ତା'ସହିତ ଟ୍ରମ୍ପଙ୍କ ଡେଡ୍ ଇକୋନୋମୀ ମତକୁ ସମର୍ଥନ କରି ଅଯଥା ରାଷ୍ଟ୍ରହିତ ପରିପନ୍ଥୀ ଅପବାଦ ମୁଣ୍ଡାଇବା ସାର ହୋଇଛି ।

ଆମ ଭାରତୀୟ ଅର୍ଥନୀତି ବାସ୍ତବିକ ଯେଉଁପରି ଶକ୍ତିଶାଳୀ ଓ ସୁଦୃଢ଼ ଏହା ଆମ ଅସୂୟା ଭାବ ରଖୁଥିବା ପଡ଼ୋଶୀ ବା ଅନ୍ୟ ଦେଶ ମାନଙ୍କ ପାଇଁ କା ସଦୃଶ ହୋଇଛି। ଆମ ଦେଶର ଦୂରଦୃଷ୍ଟି ସମ୍ପନ୍ନ ଅର୍ଥନୀତି ବ୍ୟବସ୍ଥା ଏହାସହ ଗତ ୭୫ ବର୍ଷର ଆର୍ଥିକ ସୁଦୃଢ଼ ଯୋଜନାବଦ୍ଧ ରଣନୀତି ଆମ ଅର୍ଥନୀତିକୁ ଅତ୍ୟନ୍ତ ଶକ୍ତିଶାଳୀ କରିଛି। ଶାସନ ବ୍ୟବସ୍ଥା କେଉଁ ରାଜନୈତିକ ଭାବନା, ଦଳ, ମତବାଦ ଦ୍ୱାରା ପରିଚାଳିତ ହୋଇପାରେ ସତ କିନ୍ତୁ ସମସ୍ତେ ହିଁ ଏହିଥରେ ଏକମତ ଯେ ଆମ ଅର୍ଥନୀତି ଅତ୍ୟନ୍ତ ସୁଦୃଢ଼ ସମୃଦ୍ଧ ଓ ବାସ୍ତବିକ ବିଶ୍ୱର ଏକ ଅଭିବୃଦ୍ଧିଶୀଳ ରାଷ୍ଟ୍ର ଭାବେ ଭାରତ ଆଜି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିପାରିଛି ।

ମୋ. ୯୪୩୭୧୬୩୫୨୮,

# କିଡ଼୍‌ଜି ବାର୍ଷିକ ଉତ୍ସବ ସେ ନେଇ ଏକ ନିର୍ଲିପ୍ତ ଆକଳନ



ଦୁନିଆର ହାଲ୍

ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି

ମୁଁ ଯେଉଁଠି ରହେ, ଯେଉଁବାଟେ ମୁଁ ସଭ୍ୟ ଥିବା ରୋଟାରୀ କ୍ଲବକୁ ଯାଇଥାଏ, ମୋ ଯିବା ବାଟରେ କିଡଜ ସ୍କୁଲଟିଏ ଅଛି ବୋଲି ବିଜ୍ଞାପନଟି ଦେଖେ । ବେଳେବେଳେ ସେଥିପ୍ରତି ଆକୃଷ୍ଟ ହୁଏ, ବେଳେବେଳେ ସିଆଡକୁ ନଜର ନଥାଏ । ହଠାତ ପ୍ରାୟ ଦେଢ ମାସରୁ ଉପରେ ହେଇଗଲାଣି, ସେଇ ସ୍କୁଲର ମ୍ୟାନେଜମେଣ୍ଟ ପକ୍ଷରୁ ଦୁଇଜଣ ମୋତେ ଦେଖାକଲେ ଓ ଅନୁରୋଧ ଜଣାଇଲେ ତାଙ୍କର ବାର୍ଷିକୋତ୍ସବରେ ଯୋଗଦେବା ପାଇଁ । ସେମାନେ ମୋ ସହିତ ପରିଚିତ ହେବା ସମୟରେ ମୋତେ ଆଗରୁ ଜାଣନ୍ତି ବୋଲି କହିଲେ । କିନ୍ତୁ ଖୋର୍ଦ୍ଧାରେ ସେମାନଙ୍କ ସହିତ ପରିଚିତ ହେବାର ଅବକାଶ ନଥିଲା । ମୁଁ ଅସୁସ୍ଥ, କୁଆଡକୁ ଯାଉନାହିଁ, ମୋ ପକ୍ଷେ ପେଣ୍ଡାଲ ଉପରକୁ ଯିବାର ଶକ୍ତି ନାହିଁ, ମଞ୍ଚ ଉପରେ ସଜ୍ଜା ହୋଇଥିବା ଭଗବାନଙ୍କୁ ପ୍ରାର୍ଥନା କରିପାରେ ନାହିଁ । ଏସବୁ ଏତେ କଥା ତ କହିପାରିବି ନାହିଁ । ଅତୀତର ପରିଚିତ । ହଁ ମାରିଲି, ଯିବିବୋଲି କହିଲି। ଗୋଟିଏ ଶିକ୍ଷାନୁଷ୍ଠାନର ନିମନ୍ତ୍ରଣ ମୋତେ ସବୁବେଳେ ଆକର୍ଷିତ କରିଥାଏ । ୪୦ ବର୍ଷ ଶିକ୍ଷକତା କରିଛି । ଏଣୁ ଗୋଟିଏ ଶିକ୍ଷାନୁଷ୍ଠାନକୁ ସେଠିକୁ ନଯିବି କେମିତି? ସଭା ଠିକ ସମୟରେ ଆରମ୍ଭ ହେବବୋଲି କହିଥିଲେ। ଘଣ୍ଟାକ ଭିତରେ ସଭା ସରିଯିବ । ଛୋଟ ଛୋଟ ଛାତ୍ରଛାତ୍ରୀ ଶୀଘ୍ର ଫେରିଯିବେ । ଥଣ୍ଡା ଯେପରି ବାଧକ ନସାଜେ ।

ସ୍କୁଲରେ ପାଖାପାଖି ୨୦୦ ଛାତ୍ରଛାତ୍ରୀ ସଭାସ୍ଥଳରେ ଉପସ୍ଥିତ ଥିଲେ । ସେମାନଙ୍କର ପିତା, ମାତା ଓ ଅଭିଭାବକ ଆସିଛନ୍ତି । ଛାତ୍ର ଛାତ୍ରୀମାନଙ୍କ ପାଇଁ ଉର୍ଦ୍ଦିଷ୍ଟ ସ୍ଥାନ ଛୋଟଥିଲା । ଭବିଷ୍ୟତକୁ ଏହାକୁ ପ୍ରଶସ୍ତ କରିବା କଥା । କର୍ତ୍ତୃପକ୍ଷ କହିଥିଲେ ଉତ୍ସବଟି ଗୋଟିଏ ଘଣ୍ଟାରେ ସୀମିତ ରଖାଯିବ, ତାକୁ ବର୍ଦ୍ଧିତ କରିବାର ଆବଶ୍ୟକତା ନାହିଁ ।

ଛାତ୍ରଛାତ୍ରୀମାନେ ସେମାନଙ୍କର ଅଭିନୟକୁ ଭିତ୍ତିକରି ପୋଷାକ ପତ୍ର ପିନ୍ଧିଥାଆନ୍ତି । ସମସ୍ତଙ୍କର ଆଗ୍ରହ ମଞ୍ଚ ଉପରକୁ ଆସି ସେମାନଙ୍କୁ ପ୍ରଦର୍ଶିତ କରିବେ । ସେମାନଙ୍କର ଉତ୍କଣ୍ଠା ଓ ଆଗ୍ରହକୁ ଅଭିନନ୍ଦନ । ସମୟକ୍ରମେ ସେମାନେ ସ୍କୁଲ ଛାଡି ଚାଲିଯିବେ । ବଡ଼ ସ୍କୁଲରେ ପଢିବେ । ତଥାପି ଏଠି ଯାହା ପଢୁଛନ୍ତି, ଯାହା ପ୍ରଦର୍ଶିତ କରୁଛନ୍ତି, ସେମାନଙ୍କର ସବୁଦିନ ପାଇଁ ମନେ ରହିବ । ହଠାତ ଦେଖିଲି ଗୋଟିଏ ଗ୍ରୁପରେ, ଗ୍ରୁପ ଭିତରେ ସାମିଲ ହୋଇଥିବା କୁନି ଅଭିନେତା ଓ ଅଭିନେତ୍ରୀମାନଙ୍କର ଉଚ୍ଚତା ନେଇ ସମନ୍ୱୟ ନଥିଲା । ଏସବୁ ନିର୍ଭୁଲ ହେବାକଥା । ସ୍କୁଲକୁ ଆସିଛନ୍ତି, ଅଭିନୟ କରୁଛନ୍ତି, ସେତିକି ଯଥେଷ୍ଟ । ତଥାପି ସେମାନଙ୍କର ପ୍ରୟାସ ଠିକ ହେବାକଥା । ମୁଁ ଅସୁସ୍ଥ ଥିଲି । କହିବାର ଇଚ୍ଛାଥିଲେ ବି କହିଲି ନାହିଁ । ମୁଁ ଭାବିଲି ସେମାନଙ୍କର ଅଧ୍ୟକ୍ଷା, ଶିକ୍ଷକ, ଶିକ୍ଷୟିତ୍ରୀ ଶ୍ରେଣୀ ନେବା ଅବସରରେ ଏସବୁ କହୁଥିବେ । ସମସ୍ତେ ବିଧବା ମା'ର ପୁଅ ଅନନ୍ତା କଥା ଜାଣିଥିବେ । ଅନନ୍ତା ଚଗଲା ହୋଇ ବୁଲୁଥିଲା । ସମସ୍ତଙ୍କ ବାଡିରୁ ପିଜୁଳି, କାକୁଡି ଚୋରି କରି ଖାଏ । ତାକୁ ସମସ୍ତେ ଦୂର ଦୂର ମାରମାରି କରନ୍ତି । ଦିନେ ତାଙ୍କ ଗାଁ ପାଖ ନଈରେ ବନ୍ୟା ଆସିଲା । ଗାଁର ଲୋକମାନେ ଭୟଭୀତ ହେଲେ । ଗାଁ ପାଖରୁ ବସ୍ତା ବସ୍ତା ବାଲିଆଣି ପକାଇଲେ । କିଛି କାମଦେଲା ନାହିଁ । ସମସ୍ତେ ଆତଙ୍କିତ ହେଲେ । ଅନନ୍ତା ଶେଷକୁ ସବୁକଥାକୁ ତା' ହୃଦୟକୁ ନେଇ ନଈବନ୍ଧର ମଝିରେ ଠିଆ ହୋଇଗଲା, ତା' ଚାରିପାଖରେ ଲୋକେ ବାଲି ପକାଇଲେ । କେଉଁଠି ବାଲି ପକାଉଛନ୍ତି କେହି ଜାଣି ନାହାନ୍ତି । ତା' ବିଧବା ମା' ଅନନ୍ତାକୁ ଖୋଜିଖୋଜି ଆସିଲା, ସବୁ ଜାଣିଲାବେଳକୁ ଅନନ୍ତା ଶେଷ । ଅନନ୍ତା ନିଜେ ଖୁଣ୍ଟହୋଇ ବାଲି ବସ୍ତାକୁ ସମ୍ଭାଳିଛି । ତା ମା' କାନ୍ଦିକାନ୍ଦି ଗାଁ ଦାଣ୍ଡରେ ଗଡୁଥାଏ ଅନନ୍ତା ଅନନ୍ତା ବୋଲି ଚିତ୍କାର କରୁଥାଏ । କିଡଜି ସ୍କୁଲର ଶିକ୍ଷକମାନେ ଏ ଗପଟି ଅଭିନୟ ସହିତ ଦେଖାଇଲେ ଭଲ ହୁଅନ୍ତା । ମୁଁ ନିଜ ଅଭିଜ୍ଞତାରୁ କହୁଛି । କଲେଜ ଓ ବିଶ୍ୱବିଦ୍ୟାଳୟ ସ୍ତରରେ ଏକଥା ଛାତ୍ରଛାତ୍ରୀମାନେ ଜାଣନ୍ତି ନାହିଁ । ଏବେବି ସେମାନେ ଅଭିନୟ ମାଧ୍ୟମରେ ପ୍ରଦର୍ଶିତ କଲେ ସେମାନେ କାନ୍ଦି ପକାନ୍ତି । ସେମିତି ଆଉ ଗୋଟିଏ ଦୃଷ୍ଟାନ୍ତ ମନକୁ ଛୁଇଁଛି । ବାରଶହ ବଢେଇଙ୍କର ନେତୃତ୍ୱ ନେଇ ବିଶୁ ମହାରଣା କୋଣାର୍କ ମନ୍ଦିର ଗଢୁଥିଲେ । କାମ ନସାରିଲେ ବଢେଇମାନେ ଗାଁ'କୁ ଯାଇପାରିବେ ନାହିଁ । ବିଶୁ ଘରୁ ଆସିଛି, ଘରକୁ ଯାଇନାହିଁ । ଏହା ଭିତରେ ତା'ର ପୁଅ ଜନ୍ମହୋଇ ବଡ଼ ହୋଇଛି । ମା' ସାଙ୍ଗରେ ଜିଦକରିଛି ବାପାଙ୍କୁ (ବିଶୁ ମହାରଣା) ଭେଟିବାକୁ । ମା' ତାକୁ ବାଡିର ବରକୋଳି ଦେଇଛି କାରଣ ବାରି ବରକୋଳି ଚିହ୍ନି ବିଶୁ ମହାରଣା ତାଙ୍କ ପୁଅକୁ ଚିହ୍ନ ପାରିବେ । ଧରମା ବାପାଙ୍କଠୁ ଶୁଣିଛି ଯେ କେହି ଦେଉଳର ମୁଣ୍ଡି ମାରିପାରୁ ନାହନ୍ତି । ରାଜା କହିଛନ୍ତି କାମ ନହେଲେ ଫାଶି ଦିଆଯିବ । ଏକଥା ଭାବିକି ଦେଉଳର ମୁଣ୍ଡି ଧରମା ମାରିଛି । କାଳେ ରାଜା ଭାବିବେ ୧୨୦୦ ବଢେଇ ଠକୁଥିଲେ ଗୋଟିଏ ବାରବର୍ଷର ପିଲା ମୁଣ୍ଡିମାରି ପାରିଲା । ଧରମା ଏସବୁ ଭାବିଭାବି କୋଣାର୍କ ମନ୍ଦିରରୁ ଡେଇଁ ଆତ୍ମହତ୍ୟା କଲା । ତା' କାନରେ ବାପାଙ୍କର ବନ୍ଧୁମାନଙ୍କ କଥା ପଡିଲା । ପୁଅର ଦାଏନା ବାରଶହ ବଢେଇରେ ଦାଏ । ଧରମା ଏପରି ବକ୍ତବ୍ୟରେ ଗଭୀର ଭାବରେ ପ୍ରଭାବିତ ହୋଇଥିଲା । ଏସବୁ କଥାକୁ ଛାତ୍ରଛାତ୍ରୀମାନେ ଜାଣିବା ଉଚିତ । ସେମାନଙ୍କୁ ବହୁକଥାରେ ପରାମର୍ଶ ଦେବା ଆବଶ୍ୟକ । ଅନେକ ଭାବୁଛନ୍ତି ସେମାନଙ୍କୁ ଠିକ ପରାମର୍ଶ ଆମେ ଦେଇପାରି ନାହୁଁ । ବାଟ ହୁଡି ଯାଉଛନ୍ତ । ଶୁଭ୍ରାଂଶୁ ଶୁକ୍ଳା ମହାକାଶରୁ ଫେରିଆସିଲେ । ସାହସ ଦେଖାଇ ସେ ମହାକାଶକୁ ଗଲେ, ପୁଣି ଫେରିଆସିଲେ । ଆମ କିଡଜି ଛାତ୍ରଛାତ୍ରୀ ଏ ବିଷୟରେ ଟିକନିଖି ଜାଣିବା କଥା ଶ୍ରୀ ଶୁକ୍ଳା ତ ସମସ୍ତଙ୍କ ପାଇଁ ଦୃଷ୍ଟାନ୍ତ ହେବେ । ଆମ ଛାତ୍ରଛାତ୍ରୀ ଶ୍ରୀ ଶୁକ୍ଳାକୁ ଦେଖନ୍ତୁ । ସେମାନେ ତ ଏପରି ଦୃଷ୍ଟାନ୍ତରେ ମହାକାଶକୁ ଯିବାପାଇଁ ଉଦବୁଦ୍ଧ ହେବେ । ସେଦିନ ସାଧାରଣତନ୍ତ୍ର ଦିବସ ନୂଆଦିଲ୍ଲୀରେ ପାଳିତ ହେଉଥିଲା । ପ୍ରଥମ କାର୍ଯ୍ୟକ୍ରମ ଥିଲା ଆମର ମହାମହିମ ରାଷ୍ଟ୍ରପତି ଶ୍ରୀ ଶୁକ୍ଳାକୁ ମେଡାଲ ଦେଇ ସମ୍ବର୍ଦ୍ଧିତ କରିଥିଲେ । ସମସ୍ତଙ୍କର ମୁଣ୍ଡନଇଁ ଯାଉଥିଲା । ପିଲାମାନେ ନିଶ୍ଚିତ ଭାବରେ ଏନେଇ ଉତ୍ସାହିତ ହୋଇଥିବେ ।

ସେଦିନ ଉତ୍ସବ ସ୍ଥଳକୁ ଫେରିଆସିଲା ବେଳକୁ ମନରେ ଆସିଲା ଏକଥା ସବୁ ଗୋଟିଏ ଅଗ୍ରଲେଖାରେ ଲେଖିବି । କିଡଜି ସ୍କୁଲରୁ ଫେରିବା ବାଟରେ ମୋର ଜଣେ ଅନ୍ତରଙ୍ଗ ବନ୍ଧୁ ଦେଖାହେଲେ । ସେମାନେ (ସ୍ୱାମୀ ଓ ସ୍ତ୍ରୀ) ବଡ଼ପାଟିରେ ହାତ ହଲାଇ ମୋତେ ଡାକିଲେ । ମୁଁ ଅଟକି ପାରିଲି ନାହିଁ । ସେମାନଙ୍କର ନାତି/ନାତୁଣୀ ସ୍କୁଲକୁ ଆସିଛନ୍ତି ସେମାନେ ସାଙ୍ଗରେ ଆସିଛନ୍ତି । ମୁଁ ଆଉ କିଛି ସମୟ ଅଟକି ପାରିନଥାନ୍ତି କାରଣ ଏବେ ବାହାରେ ବେଶି ସମୟ ରହିପାରୁ ନାହିଁ । କିଡଜି ଛାତ୍ରଛାତ୍ରୀଙ୍କର ସର୍ବ ଶୁଭକାମନା କରୁଛି ।

ଜେଲରୋଡ଼, ଖୋର୍ଦ୍ଧା,
ମୋ ୯୪୩୭୩୦୨୪୧୭

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୬ ଫେବୃଆରୀ ୨୦୨୬ ଶୁକ୍ରବାର ପୃଷ୍ଠା ୫

ଫୋବିୟା ହେଉଛି କୌଣସି ସ୍ଥାନ, ବସ୍ତୁ, କାର୍ଯ୍ୟ ବା ପରିସ୍ଥିତି ପ୍ରତି ଅହେତୁକ ଭୟ । ଯେପରିକି କେତେକ ଲୋକ ଉଚ୍ଚ ସ୍ଥାନକୁ ଯିବାକୁ ଭୟ କରନ୍ତି, ଘରୁ ରାସ୍ତାକୁ ଯିବାକୁ ଭୟ କରନ୍ତି, କୌଣସି ଜୀବଜନ୍ତୁ କିଛି କ୍ଷତି କରିବ ନାହିଁ ଜାଣି ମଧ୍ୟ ତାକୁ ଭୟ କରନ୍ତି । ସେଥିଯୋଗୁଁ ସେମାନେ ସେହି ସ୍ଥାନ, ବସ୍ତୁ ବା କାର୍ଯ୍ୟଠାରୁ ଦୂରେଇ ରହିବାକୁ ଚାହାନ୍ତି । ପ୍ରାୟ ପ୍ରତ୍ୟେକ ଲୋକଙ୍କ ଠାରେ ଏକପ୍ରକାର ଭୟ ଉଣା ଅଧିକେ ଥାଏ ମାତ୍ର ଯେତେବେଳେ ଅତ୍ୟଧିକ ହୋଇ ମାନସିକ ବ୍ୟଥା ଦିଏ ଏବଂ ନିଜର ଦୈନନ୍ଦିନ କାର୍ଯ୍ୟରେ ବାଧା ସୃଷ୍ଟି କରେ ସେତେବେଳେ ଏହା ଏକ ରୋଗ ବୋଲି ଧରାଯାଏ । ଅସ୍ୱାଭାବିକ ପରିସ୍ଥିତିର ଭୟାବହତାକୁ ଆଶଙ୍କା କରି ଲୋକଟିର ମନରେ କଷ୍ଟ ହୋଇଥାଏ । ତେଣୁ ସେ ଏପରି ପରିସ୍ଥିତି ଠାରୁ ଦୂରେଇ ରହିବାକୁ ଚେଷ୍ଟା କରେ ଏବଂ ଏହାର ସାମନା କଲେ ଆତଙ୍କିତ ହୋଇଯାଏ ।





# ଭୟର ରୋଗ

■ ଡାକ୍ତର ସମ୍ରାଟ କର







**ଫୋବିୟାର ପ୍ରକାର**

• **ଆଗାରୋ ଫୋବିୟା :** କୌଣସି ପରିସ୍ଥିତି ପ୍ରତି ଅସ୍ୱାଭାବିକ ଭୟକୁ ଆଗାରୋ ଫୋବିୟା ବୋଲି କୁହାଯାଏ । ସାଧାରଣତଃ ଏ ପ୍ରକାର ଫୋବିୟା ଲୋକମାନଙ୍କ ଠାରେ ଅଧିକ ଦେଖାଯାଏ । ପୁରୁଷମାନଙ୍କ ତୁଳନାରେ ସ୍ତ୍ରୀ ଲୋକମାନଙ୍କ ଠାରେ ଏହା ଅଧିକ ହୋଇଥାଏ । ଏ ପ୍ରକାର ଫୋବିୟାରେ ମନୁଷ୍ୟ ଯେତେବେଳେ ନିଜ ପରିବାର ବା ଚିରାଚରିତ ପରିସ୍ଥିତିରୁ ଦୂରେଇଯାଏ ତାକୁ ଅହେତୁକ ଭୟ ଲାଗିଥାଏ । ଗୋଟିଏ ପରିସ୍ଥିତିରୁ ଆଉ ଗୋଟିଏ ପରିସ୍ଥିତିକୁ ଗଲେ ଲୋକଟି ହଠାତ୍ ବିଚଳିତ ହୋଇପଡ଼େ । ତାକୁ ସାହାଯ୍ୟ କରିବାକୁ କେହି ନଥାଆନ୍ତି । ସେହି ପରିସ୍ଥିତିକୁ ମୁକାବିଲା କରିବା ପାଇଁ ତା'ର ସାହାସ ହୁଏ ନାହିଁ କି ସେ ଉପାୟ ପାଏ ନାହିଁ । ତେଣୁ ସେ ବିବ୍ରତ ହୋଇଯାଏ । ଉଦାହରଣ ସ୍ୱରୂପ ଘର ଠାରୁ ଦୂରରେ ଏକଲା ରହିବା, ଭିଡ଼ ଭିତରେ ରହିଯିବା, ଟ୍ରେନ୍, ବସ୍ ଆଦିରେ ଏକାକୀ ବୁଲିବା ଇତ୍ୟାଦି କାର୍ଯ୍ୟଗୁଡ଼ିକୁ ସେ ସମ୍ମୁଖୀନ ହୋଇପାରେ ନାହିଁ । ଧୀରେ ଧୀରେ ପରିସ୍ଥିତି ଅଧିକ ଜଟିଳ ହୋଇଥାଏ । ଲୋକଟିର ନିଜର ଦୈନନ୍ଦିନ କାର୍ଯ୍ୟ ବାଧାପ୍ରାପ୍ତ ହୁଏ । ସେ ବାହାରକୁ ନ ଯାଇ ଘର ଭିତରେ ରହିବାକୁ ଭଲ ପାଏ । କେବଳ ଜଣେ ଦି'ଜଣ ବିଶ୍ୱସ୍ତ ଲୋକଙ୍କ ସହିତ ଘର ଛାଡ଼ିଯାଏ ।

• **ସୋସିଆଲ ଫୋବିୟା :** ଏ ପ୍ରକାର ଫୋବିୟା ହେଉଛି ଏକ ସାମାଜିକ ପରିସ୍ଥିତି ପ୍ରତି ଅସ୍ୱାଭାବିକ ଭୟ । ଲୋକଟି ଅନ୍ୟ ଲୋକଙ୍କ ସହିତ ମିଳାମିଶା କରିବା ପାଇଁ ବା କାର୍ଯ୍ୟ କରିବା ପାଇଁ ଭୟ କରିଥାଏ । ଲୋକଟିର ଧାରଣା ହୁଏ ଯେ ତା'ର ଚାଲିଚଳନକୁ ସମସ୍ତେ ଲକ୍ଷ୍ୟ କରୁଛନ୍ତି, ତେଣୁ ତାକୁ ସମସ୍ତେ ହୀନ ମନେ କରୁଛନ୍ତି । ଉଦାହରଣସ୍ୱରୂପ – ମଞ୍ଚ ଉପରେ ଅଭିନୟ କଲାବେଳେ ବା ଭାଷଣ ଦେଲାବେଳେ । ଅପରିଚିତ ଲୋକଙ୍କ ସହିତ କଥାବାର୍ତ୍ତା କଲାବେଳେ, କର୍ତ୍ତୃପକ୍ଷ ବା ମାଲିକ ସହିତ କଥା ହେଲାବେଳେ, ମୁହଁ ନାଲି ପଡ଼ିଯାଏ । ଏ ପ୍ରକାର ବ୍ୟକ୍ତି ସର୍ବସାଧାରଣ ଶୌଚାଳୟରେ ପରିସ୍ରା କଲାବେଳେ ପରିସ୍ରା ହୁଏନାହିଁ ।

• **ଆକ୍ରୋଫୋବିୟା :** ଉଚ୍ଚା ସ୍ଥାନ ଯଥା ପାହାଡ଼ ବା ଘର ଛାତ ଉପରକୁ ଯିବାର ଭୟ ।

• **ଜୁ ଫୋବିୟା :** ପଶୁମାନଙ୍କ ପ୍ରତି ଭୟ ।

• **ଜେନୋ ଫୋବିୟା :** ଅପରିଚିତ ଲୋକଙ୍କ ପ୍ରତି ଭୟ ।

• **ଆଲଗୋ ଫୋବିୟା :** ପୀଡ଼ା ବା ଦରଜ ପ୍ରତି ଭୟ, ଇଞ୍ଜେକସନ୍ ପ୍ରତି ଭୟ ।

• **କ୍ଲଷ୍ଟ୍ରୋ ଫୋବିୟା :** ସଂକୀର୍ଣ୍ଣ ଜାଗା ବା ସରୁ ଗଳି ପ୍ରତି ଭୟ ।

• **ସିଚୁୟସନାଲ ଫୋବିୟା :** ଉଡାଜାହାଜ, ଲିଫ୍ଟ ଇତ୍ୟାଦିରେ ଯିବା ପାଇଁ ଭୟ । ପାଣି ପ୍ରତି ବାତ୍ୟା ପ୍ରତି ଅଧିକ ଭୟ । ପିଲାମାନଙ୍କର ଉଚ୍ଚସ୍ୱର ପ୍ରତି ଭୟ, ଅନ୍ୟ ବେଶରେ ସଜ୍ଜିତ ହୋଇଥିବା ଲୋକଙ୍କ ପ୍ରତି ଭୟ ।

**ଲକ୍ଷଣ :** ଏ ପ୍ରକାର ରୋଗରେ ଗୋଟିଏ ନିର୍ଦ୍ଦିଷ୍ଟ ବସ୍ତୁ, ଅବସ୍ଥା, ପରିସ୍ଥିତି ବା କାର୍ଯ୍ୟ ପ୍ରତି ଅସ୍ୱାଭାବିକ ଭୟ ଉପୁଜିଥାଏ ।

• ଏହି ଭୟ ପ୍ରକୃତ ପରିସ୍ଥିତି ତୁଳନାରେ ଖୁବ୍ ଅଧିକ ହୋଇଥାଏ ।

• ଏହା ଅସଙ୍ଗତ ଓ ଯୁକ୍ତିବିରୁଦ୍ଧ ବୋଲି ଲୋକଟି ଜାଣିପାରେ ନାହିଁ ।

• ଲୋକଟି ନିଜର ଏପରି ଭୟକୁ ନିୟନ୍ତ୍ରଣ କରିପାରେ ନାହିଁ । ତେଣୁ ସେ ମାନସିକ ଯନ୍ତ୍ରଣା ପାଇଥାଏ ।

• ଏଥିପାଇଁ ଲୋକଟି ଏପରି ବସ୍ତୁ, ଅବସ୍ଥା କାର୍ଯ୍ୟରୁ ଦୂରେଇ ରହିବାକୁ ଚେଷ୍ଟା କରେ ।

• ଧୀରେ ଧୀରେ ଲୋକଟି ଏହି ବିଷୟରେ ସବୁବେଳେ ଭାବିଥାଏ ଓ ନିଜର ଦୈନନ୍ଦିନ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥାଏ ।

**ପ୍ରଭାବ :** ଏହା ସାଧାରଣତଃ ସ୍ତ୍ରୀ ଲୋକମାନଙ୍କ ଠାରେ ଅଧିକ ଦେଖାଦେଇଥାଏ । ଏ ରୋଗ ପ୍ରାୟତଃ ୨୫–୩୫ ବର୍ଷ ବୟସରେ ହଠାତ୍ ଆରମ୍ଭ ହୋଇଥାଏ । ଧୀରେ ଧୀରେ ଏହା ଅତ୍ୟଧିକ ହୋଇଥାଏ ଏବଂ ନିଜର ଦୈନନ୍ଦିନ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥାଏ ।

**କାରଣ :** ଏହା ସେରୋଟୋନିନ୍, ଗାବା, ଆଡ୍ରେନାଲିନ୍, ଡୋପାମିନ ଆଦି ନ୍ୟୁରୋଟ୍ରାନ୍ସମିଟର ବିଶୃଙ୍ଖଳତା ଯୋଗୁଁ ହୋଇଥାଏ । ନ୍ୟୁରୋଟ୍ରାନ୍ସମିଟର ହେଉଛି ଏକ ରାସାୟନିକ ଦ୍ରବ୍ୟ, ଯାହା ସ୍ନାୟୁଗୁଡ଼ିକ ମଧ୍ୟରେ ପ୍ରେରକ କାର୍ଯ୍ୟ କରେ । ଏକ ସୂତ୍ରରୁ ଜଣାପଡ଼ିଛି ଯେ ନିଜର ରକ୍ତ ସମ୍ପର୍କୀୟ ଲୋକମାନଙ୍କ ଠାରେ ଏ ରୋଗ ଥିଲେ ଅନ୍ୟମାନଙ୍କୁ ହେବାର ସମ୍ଭାବନା ଅଧିକ ଥାଏ । ତେଣୁ ଏହା ବଂଶଗତ ହୋଇପାରେ ।

**ଚିକିତ୍ସା :** ଏହି ରୋଗର ଲକ୍ଷଣ ଦେଖାଦେଲେ ଶୀଘ୍ର ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେବା ଉଚିତ । ଏହି ରୋଗର ଚିକିତ୍ସା, ଔଷଧ ଓ ସାଇକୋଥେରାପି ଦ୍ୱାରା କରାଯାଇଥାଏ । ଏହି ରୋଗରେ ମନରୁ ଅହେତୁକ ଭୟ ଦୂର କରିବା ପାଇଁ ପ୍ରୋପ୍ରାନୋଲଲ୍, କ୍ଲୋନାଜିପାମ୍ ଓ ପାରକ୍ସିଟିନ୍ ଆଦି ଦିଆଯାଇପାରେ । ସାଇକୋଥେରାପି ଦ୍ୱାରା ରୋଗୀ ମନରେ ଜନ୍ମୁଥିବା ଅହେତୁକ ଭୟକୁ ବୁଝାସୁଝା ଦ୍ୱାରା କମ୍ କରାଯାଇଥାଏ । ଫଳରେ ରୋଗୀ ମନରୁ ଭୟ କମିଯାଏ ।

ଏହି ରୋଗ ଯଦିଓ କୌଣସି କାରଣରୁ ଜନ୍ମ ନେଇ ନଥାଏ ତଥାପି ଅନେକ କ୍ଷେତ୍ରରେ ପରିସ୍ଥିତିର ଅନୁଭୂତି ହିଁ ତା'ର ଭୟର କାରଣ ହୋଇଥାଏ । ଏହାକୁ ରୋଗ ବୋଲି ଭାବି ମାନସିକ ରୋଗ ବିଶେଷଜ୍ଞଙ୍କ ସହିତ ପରାମର୍ଶ କରି ଚିକିତ୍ସା କଲେ ଏହି ରୋଗକୁ ଉପଶମ ମିଳିଥାଏ ।

---

ହିଷ୍ଟେରିଆ ରୋଗ ବିଷୟରେ ପ୍ରାୟ ସମସ୍ତେ ଅଳ୍ପ ବହୁତେ ଶୁଣିଛନ୍ତି ବା ଜାଣିଛନ୍ତି । କିନ୍ତୁ ଅଧିକାଂଶ ସମୟରେ ଏହା ମାନସିକ ରୋଗ ବଦଳରେ କାମୋତ୍ତେଜନା ଜନିତ ରୋଗ ବୋଲି ସାଧାରଣରେ ଧାରଣା ଥାଏ । ତେଣୁ ଯେଉଁମାନଙ୍କ ଠାରେ ଏହି ମାନସିକ ସମସ୍ୟା ଦେଖାଯାଏ ଅନ୍ୟମାନେ ତାଙ୍କୁ ନିମ୍ନ ଦୃଷ୍ଟିରେ ଦେଖନ୍ତି । କିନ୍ତୁ ପ୍ରକୃତରେ ଏହା ଏକ ମାନସିକ ରୋଗ । ସ୍ତ୍ରୀ–ପୁରୁଷ, ବିବାହିତ–ଅବିବାହିତ ସମସ୍ତଙ୍କ ଠାରେ ଏହି ରୋଗ ଦେଖାଯାଇପାରେ ।

# ହିଷ୍ଟେରିଆ

## ମାନସିକ ରୋଗ





ଆଧୁନିକ ମାନସିକ ରୋଗ ବିଶେଷଜ୍ଞମାନେ ବର୍ତ୍ତମାନ 'ହିଷ୍ଟେରିଆ' ଶବ୍ଦ ବ୍ୟବହାର କରୁନାହାନ୍ତି । ଏବେ ଏହାକୁ ଡିସଅର୍ଡ଼ର କୁହାଯାଉଛି । ସାଧାରଣତଃ ପୁରୁଷମାନଙ୍କ ଅପେକ୍ଷା ସ୍ତ୍ରୀ ଲୋକମାନଙ୍କ ଠାରେ ଏହି ରୋଗ ଅଧିକ ଦେଖାଯାଉଥିବାବେଳେ ଯୁବାବସ୍ଥାରେ ଉଭୟେ ପୁଅ ଓ ଝିଅମାନଙ୍କ ଠାରେ ସମାନ ଭାବରେ ଏ ପ୍ରକାର ରୋଗ ଦେଖାଯାଇଥାଏ ।

କେତେକ ମାନସିକ ଦୁର୍ବଳ ବ୍ୟକ୍ତି ନିଜ ମନର କଠିନ ସମସ୍ୟା ବା ଚିନ୍ତାକୁ ଠିକ୍ ଭାବରେ ସମାଧାନ କରି ନପାରି ନିଜକୁ ଅସହାୟ ମନେ କରନ୍ତି । ସେମାନେ ନିଜର ପରିବାରର ସଦସ୍ୟ ଓ ବନ୍ଧୁବାନ୍ଧବମାନଙ୍କ ଧ୍ୟାନ ଆକର୍ଷଣ କରି ଆଶ୍ୱାସନା ପାଇବା ପାଇଁ ମନେ ମନେ ଚାହାନ୍ତି । ମନ ଭିତରର ଏହି ଅଶାନ୍ତି ଶାରୀରିକ ରୋଗ ଭାବରେ ରୂପାନ୍ତରିତ ହୋଇଥାଏ । ରୋଗୀ ନିଜେ ଏହା ବିଷୟରେ ଜାଣିପାରେ ନାହିଁ ।

ସାଧାରଣତଃ ଏହି ରୋଗରେ ଆକ୍ରାନ୍ତ ବ୍ୟକ୍ତିମାନେ ସ୍ୱକେନ୍ଦ୍ରିକ ହୋଇଥାଆନ୍ତି । ଏମାନେ ନିଜ ମନର ଅଭିଳାଷ ପୂରଣ କରିବାକୁ ସବୁବେଳେ ଚେଷ୍ଟା କରିଥାଆନ୍ତି । ଏମାନଙ୍କୁ ଅନ୍ୟମାନଙ୍କ ସାଙ୍ଗରେ ମିଳାମିଶା କରିବାକୁ ଭଲ ଲାଗେ । ଅନ୍ୟମାନେ ତାଙ୍କ ପ୍ରତି ଧ୍ୟାନ ନଦେଲେ ନିଜକୁ ଅସହାୟ ମନେ କରନ୍ତି ଓ ଦୁଃଖ କରନ୍ତି ।

• ଏହି ରୋଗ ହଠାତ୍ ଆରମ୍ଭ ହୋଇଥାଏ ।

• ଏହି ରୋଗ ଲକ୍ଷଣ ପ୍ରାୟ ଏକ ଗୁରୁତର ମାନସିକ ଚାପ ପରେ ଦେଖାଦେଇଥାଏ ।

• ଏହି ରୋଗର ଲକ୍ଷଣଗୁଡ଼ିକ ରୋଗୀ ଇଚ୍ଛାକୃତ ଭାବରେ କରି ନଥାଏ ।

• ପ୍ରାୟତଃ ରୋଗୀଟି ନିଜର ଆତ୍ମୀୟସ୍ୱଜନମାନଙ୍କ ଧ୍ୟାନ ଆକର୍ଷଣ କରିଥାଏ ।

• ଏହି ରୋଗର ଲକ୍ଷଣଗୁଡ଼ିକୁ ଅନୁଧ୍ୟାନ କଲେ ତାହା ଏକ ଶାରୀରିକ ବା ସ୍ନାୟୁଜନିତ ରୋଗ ବୋଲି ଜଣାଯାଏ, ମାତ୍ର ଭଲ ଭାବରେ ପରୀକ୍ଷା ନିରୀକ୍ଷା କଲେ ଏହା ଶାରୀରିକ ବା ସ୍ନାୟୁଜନିତ ରୋଗ ନୁହେଁ ବରଂ ଏହା ଗୋଟିଏ ମାନସିକ ରୋଗ ବୋଲି ଜଣାପଡ଼େ ।

ଲକ୍ଷଣ : ଏହି ରୋଗର ଲକ୍ଷଣ ଅନେକ ପ୍ରକାର ଦେଖାଯାଏ ।

ଜ୍ଞାନେନ୍ଦ୍ରିୟ : ରୋଗୀ ଚେତାଶୂନ୍ୟ ହୋଇଯିବା ଓ ଶରୀରର ଅଙ୍ଗ ପ୍ରତ୍ୟଙ୍ଗ ଚଳନଶକ୍ତି ହରାଇବା ଲକ୍ଷଣ ଅଧିକ । ସାଧାରଣତଃ ହାତ ବା ଗୋଡ଼ ଚଳୁ ନଥିବାର କୁହନ୍ତି । କେତେକ ରୋଗୀ ନିଜକୁ କମ୍ ଦିଶୁଥିବାର ଓ ଶୁଭୁ ନଥିବାର ଅଭିଯୋଗ କରନ୍ତି । ମାତ୍ର ଚକ୍ଷୁ ଓ କର୍ଣ୍ଣ ପରୀକ୍ଷା କଲେ ଏଗୁଡ଼ିକ ଠିକ୍ ଥାଏ ବୋଲି ଜଣାପଡ଼େ ।

ମାଂସପେଶୀର ଲକ୍ଷଣ : ଚାଲିବାର ଅସ୍ୱାଭାବିକ ଠାଣି, ଦୁର୍ବଳ ମାଂସପେଶୀ, ଅଙ୍ଗପ୍ରତ୍ୟଙ୍ଗ, କେତେକ ଅଙ୍ଗପ୍ରତ୍ୟଙ୍ଗର କମ୍ପନ, ପକ୍ଷାଘାତ, ମୂର୍ଚ୍ଛା ହେବା ଇତ୍ୟାଦି ।

ସାଧାରଣତଃ ଅପସ୍ମାରଜନିତ ମୂର୍ଚ୍ଛା ଓ ହିଷ୍ଟେରିଆଜନିତ ମୂର୍ଚ୍ଛା ମଧ୍ୟରେ ତଫାତ୍ ଜାଣି ନପାରି ଅନେକେ ଦ୍ୱନ୍ଦ୍ୱରେ ପଡ଼ିଥାଆନ୍ତି । ତେଣୁ ଏହି ଦୁଇପ୍ରକାର ରୋଗ ବିଷୟରେ କିଛି ଜାଣିବା ଦରକାର ।

ଅପସ୍ମାରଜନିତ ମୂର୍ଚ୍ଛା :

• ମସ୍ତିଷ୍କର କୌଣସି ସ୍ଥାନରେ ଅତ୍ୟଧିକ ବିଦ୍ୟୁତ୍ ପ୍ରବାହ ହେଲେ ଏହା ଦେଖାଯାଏ ।

• ଏହି ପ୍ରକାର ମୂର୍ଚ୍ଛା ପ୍ରାୟ ସବୁବେଳେ ଏକପ୍ରକାର ହୋଇଥାଏ ।

• ଏହା ଯେକୌଣସି ସ୍ଥାନରେ ହୋଇପାରେ ।

• ଏଠାରେ ରୋଗୀଟିର ଜିଭ କଟିଯିବାର ସମ୍ଭାବନା ଥାଏ । ରୋଗୀଟି ମୂର୍ଚ୍ଛା ହେବାବେଳେ ଆଘାତ ମଧ୍ୟ ଲାଗିପାରେ ।

• ଏହା ଯେକୌଣସି ସମୟରେ ହୋଇପାରେ । ନିଦରେ ମଧ୍ୟ ହୋଇପାରେ ।





• ମୂର୍ଚ୍ଛା ହେବାବେଳେ ରୋଗୀର ଝାଡ଼ା ଓ ପରିସ୍ରା ହୋଇପାରେ ।

• ରୋଗୀ ମୂର୍ଚ୍ଛା ହେବା ବେଳେ କଥାବାର୍ତ୍ତା କରେ ନାହିଁ ।

• ରୋଗୀଟି ଅଳ୍ପ ସମୟ ପାଇଁ ମୂର୍ଚ୍ଛା ରହେ । (୧–୨ ମିନିଟ୍) ।

• ମୂର୍ଚ୍ଛା ହେବାବେଳେ ରୋଗୀଟି ପ୍ରାୟ ମୁଣ୍ଡକୁ ଗୋଟିଏ ପାଖକୁ ବୁଲାଇ ଦିଏ । ଆଖି ଖୋଲା ଥିଲେ କାବା ହୋଇ ଚାହିଁଲା ଭଳି ଲାଗେ ।

• ଇ.ଇ.ଜି. କଲେ ଏଥିରେ ଅନିୟମିତତା ଦେଖାଯାଏ ।

• ରକ୍ତରେ ପ୍ରୋଲାକ୍ଟିନ୍ ଅଂଶ ବଢ଼ିଯାଏ । (ମୂର୍ଚ୍ଛା ହେବାର ୧୫–୨୦ ମିନିଟ୍ ପରଠାରୁ ପ୍ରାୟ ୧ଘଣ୍ଟା ପର୍ଯ୍ୟନ୍ତ) ।

**ହିଷ୍ଟେରିଆଜନିତ ମୂର୍ଚ୍ଛା :**

• ଏହା ମାନସିକ ଦୁର୍ବଳ ବ୍ୟକ୍ତିମାନଙ୍କର ମନର ଅସନ୍ତୁଳନ ଯୋଗୁଁ ଦେଖାଯାଇଥାଏ ।

• ଏହା ଭିନ୍ନ ସମୟରେ ଭିନ୍ନ ପ୍ରକାର ହୋଇଥାଏ । ରୋଗୀଟି ଜାଣିଶୁଣି କଲାଭଳି ଲାଗେ ।

• ଏହା ସାଧାରଣତଃ ଘରେ ବା କୌଣସି ଏକ ନିରାପଦ ସ୍ଥାନରେ ହୁଏ ।

• ଏହାପରେ ରୋଗୀଟିର ଜିଭ କଟିବାର ସମ୍ଭାବନା ନଥାଏ । ରୋଗୀଟିକୁ ପ୍ରାୟ ଆଘାତ ଲାଗେ ନାହିଁ ।

• ଏହା ନିଦ୍ରାରେ କେବେ ବି ହୁଏ ନାହିଁ ।

• ମୂର୍ଚ୍ଛା ହେବାବେଳେ ଝାଡ଼ା ପରିସ୍ରା ହେବା ବିରଳ ।

• ରୋଗୀ ମୂର୍ଚ୍ଛା ହେବାବେଳେ କଥାବାର୍ତ୍ତା ହୋଇପାରେ ।

• ଅଧିକ ସମୟ ପାଇଁ ମୂର୍ଚ୍ଛା ରହେ (ପ୍ରାୟ ୫–୧୦ ମିନିଟ୍) ବେଳେ ବେଳେ ଘଣ୍ଟା ଘଣ୍ଟା ରହେ ।

• ରୋଗୀଟି ମୁଣ୍ଡକୁ ଏପଟ ସେପଟ ବୁଲାଉଥାଏ । ପ୍ରାୟତଃ ସାମନା ଲୋକଙ୍କ ସହିତ ଆଖି ମିଳାଏ ନାହିଁ ।

• ଇ.ଇ.ଜି.ରେ ଅନିୟମିତତା ଦେଖାଯାଏ ନାହିଁ ।

• ରକ୍ତରେ ପ୍ରୋଲାକ୍ଟିନ୍ ବଢ଼ି ନଥାଏ ।

ଚିକିତ୍ସା : ସାଧାରଣତଃ ଏହି ରୋଗରେ ଦୁଃଖ କମ୍ କରିବା ପାଇଁ ଔଷଧ ଦିଆଯାଇଥାଏ, ଯାହା ଏସ୍ ସିଟାଲୋପାମ୍, ପାରକ୍ସିଟିନ୍ ।

ଫଳରେ ରୋଗୀଟି ନିଜର ମନକୁ ଶକ୍ତ କରିପାରେ ଓ ମନର ଅସନ୍ତୁଳନତାକୁ କମାଇଥାଏ । ମାତ୍ର ଏହି ରୋଗ ପାଇଁ ବ୍ୟାବହାରିକ ଚିକିତ୍ସା ଓ ମନସ୍ତାତ୍ତ୍ୱିକ ଚିକିତ୍ସା ମୁଖ୍ୟ ଚିକିତ୍ସା ଭାବେ ସାହାଯ୍ୟ କରିଥାଏ । ମାନସିକ ରୋଗ ବିଶେଷଜ୍ଞମାନେ ରୋଗୀର ଅବଚେତନ ମନର ମାନସିକ ସମସ୍ୟାର ସମାଧାନ କରିବା ପାଇଁ ଚେଷ୍ଟା କରିଥାଆନ୍ତି । ଏହି ରୋଗ ବିଷୟରେ ପରିବାର ତଥା ଅନ୍ୟାନ୍ୟ ସମ୍ପର୍କୀୟମାନଙ୍କୁ ବୁଝାଯାଇଥାଏ । ରୋଗୀର ଏପରି ସମୟରେ ରୋଗୀ ପ୍ରତି ଅତ୍ୟଧିକ ଧ୍ୟାନ ଦେବା, ସ୍ନେହ ଶ୍ରଦ୍ଧା କରି ତା'ର ସମସ୍ତ ଇଚ୍ଛା ପୂରଣ କଲେ ରୋଗ ବଢ଼ିଯାଇଥାଏ । ବ୍ୟକ୍ତିଟିକୁ ରୋଗ ସମୟରେ ଏବଂ ରୋଗ ନଥିବା ସମୟରେ ସମାନ ଭାବରେ ବ୍ୟବହାର କରିବାକୁ ଓ ରୋଗୀ ପ୍ରତି ଅତ୍ୟଧିକ ଧ୍ୟାନ ନଦେବାକୁ ବୁଝାଯାଇଥାଏ । ପରିବାର ମଧ୍ୟରେ ଏକ ସୁସ୍ଥ ବାତାବରଣ ଆଣି ରୋଗୀଟିର ବିଷମ ସମସ୍ୟା ସମାଧାନ କରିବା ପାଇଁ ପରାମର୍ଶ ଦିଆଯାଇଥାଏ ।

***ମାନସିକ ରୋଗ ବିଶେଷଜ୍ଞ, ପୁରୀଘାଟ ରୋଡ଼, କଟକ***

---

# ଗଣ୍ଠିବାତ

ସାଧାରଣତଃ ଶରୀର ଯେକୌଣସି ଗଣ୍ଠିର ବିନ୍ଧା ଯନ୍ତ୍ରଣାକୁ ଗଣ୍ଠିବାତ ବା ଆଥ୍ରାଟିସ୍ କୁହାଯାଏ । ଶରୀରର ଅଙ୍ଗ ଚାଳନାରେ ଗଣ୍ଠିର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଗଣ୍ଠିରେ ଥିବା ହାଡ଼ ଏକ ମସୃଣ ଆବରଣ ଦ୍ୱାରା ଆଚ୍ଛାଦିତ ହୋଇଥାଏ । ଯାହାକି ତରୁଣାସ୍ଥି ଭାବେ ପରିଚିତ । ଏହା ଗଣ୍ଠିର ଚଳପ୍ରଚଳ ବା ଗତିର ଆଘାତ ଶୋଷଣକାରୀ ବା ସକ୍ଆବଜର୍ ଭାବେ କାର୍ଯ୍ୟ କରିଥାଏ । ଏହି ତରୁଣାସ୍ଥି ନଷ୍ଟ ହେବାର କାରଣ ହେଉଛି ଗଣ୍ଠିବାତର ଯନ୍ତ୍ରଣା । ଏଥିରେ ରହିଥିବା ଏକ ତରଳ ପଦାର୍ଥ ମାତ୍ରା ହ୍ରାସ ପାଇବା କାରଣରୁ ଶରୀରରେ ଗଣ୍ଠିଟି ଫୁଲିବା ସହିତ ଯନ୍ତ୍ରଣା ଆରମ୍ଭ ହୋଇଥାଏ । କେତେକ କ୍ଷେତ୍ରରେ ଗଣ୍ଠି ଟାଣ ହୋଇଯିବାର ଦେଖାଯାଇ ଥାଏ । ବିଭିନ୍ନ ପ୍ରକାର ଗଣ୍ଠିବାତ ଦେଖାଯାଇଥାଏ । ଯୁବକ ବୟସରୁ ପାଖାପାଖି ପଚାଶ ବର୍ଷ ପର୍ଯ୍ୟନ୍ତ ଗଣ୍ଠିବାତକୁ ରୁ୍ୟମାଟାଏଡ଼ ଆର୍ଥ୍ରିଟିସ୍ ଓ ୫୦ ବର୍ଷ ବୟସ ପରେ ଅଷ୍ଟିଓ ଆର୍ଥ୍ରିଟିସ୍ ଯାହାକୁ ବାର୍ଦ୍ଧକ୍ୟ ଜନିତ ଗଣ୍ଠିବାତ କୁହାଯାଏ । ଏ ରୋଗରେ ସାଧାରଣତଃ ଆଣ୍ଠୁ କଟି ଗଣ୍ଠି ବେଶୀ ପରିମାଣରେ ଆକ୍ରାନ୍ତ ହୋଇ ଯନ୍ତ୍ରଣା ଦେଇଥାଏ । ସାଧାରଣତଃ ବାର୍ଦ୍ଧକ୍ୟ ଜନିତ ଗଣ୍ଠିବାତ ଅଧିକମାତ୍ରାରେ ଦେଖାଯାଏ ।

ବାର୍ଦ୍ଧକ୍ୟ ଜନିତ ଗଣ୍ଠିବାତ କ୍ଷେତ୍ରରେ ଗଣ୍ଠିରେ ରହିଥିବା ତରଳ ପଦାର୍ଥ କମିଯିବା ସହ ତରୁଣାସ୍ଥି ଧୀରେ ଧୀରେ ନଷ୍ଟ ହୋଇଥାଏ । ଏହାଦ୍ୱାରା ଆଣ୍ଠୁରେ ଯନ୍ତ୍ରଣା ବଢ଼ିବା ସହିତ ଫୁଲିବାର ଦେଖାଯାଇଥାଏ । ଯଦିଓ ଏହା ଧୀରେ ଧୀରେ ବଢ଼ିଥାଏ ଓ କମିଥାଏ ତେବେ ପରବର୍ତ୍ତୀ ସମୟରେ ଏହା ଅଧିକ ଯନ୍ତ୍ରଣାଦାୟକ ହୋଇଥାଏ । ଆଣ୍ଠୁ ଟାଣ ହେବା ସହ ବଙ୍କା ହୋଇଯିବା କେତେକ କ୍ଷେତ୍ରରେ ଦେଖାଯାଏ ଯାହାଦ୍ୱାରା ରୋଗୀଟି ସିଧାସଳଖ ଭାବେ ଚାଲିବା ସକ୍ଷମ ନହୋଇଥିବାବେଳେ ଛୋଟେଇ ଛୋଟେଇ ଚାଲିବା ସହ ବାଡ଼ି ଧରି ଚାଲିବାକୁ ବାଧ୍ୟ ହୋଇଥାଏ । କେବଳ ସେତିକି ନୁହେଁ ନିଜର ନିୟମିତ ନିତ୍ୟ କର୍ମ ବା ଶୌଚ କର୍ମ ପାଇଁ ଆତ୍ମୀୟ ସ୍ୱଜନଙ୍କ ସାହାଯ୍ୟ ଲୋଡ଼ିଥାଏ । ତେବେ ଆଣ୍ଠୁ ଗଣ୍ଠି ଜନିତ ସମସ୍ୟା ପାଇଁ ସଂପ୍ରତି ଆଣ୍ଠୁଗଣ୍ଠି ପ୍ରତିରୋପଣ ବା ଟୋଟାଲ ରିପ୍ଲେସମେଣ୍ଟ ଅସ୍ତ୍ରୋପଚାର କରାଯାଉଛି । ତେବେ ବାର୍ଦ୍ଧକ୍ୟ ଜନିଜ ଗଣ୍ଠିବାତ ବା ଅଷ୍ଟିଓ ଆର୍ଥ୍ରିଟିସ୍‌ର ପ୍ରକୃତ କାରଣ ବୟସ ଜନିତ ସମସ୍ୟାକୁ ନେଇ ସବୁକ୍ଷେତ୍ରରେ କୁହାଯାଇନପାରେ । କେତେକ କ୍ଷେତ୍ରରେ ବଂଶଗତ କାରଣକୁ ଦାୟୀ କରାଯାଇଥିବା ବେଳେ କେତେକ କ୍ଷେତ୍ରରେ ଶରୀରରେ ମେଦବୃଦ୍ଧି ପାଇ ଅତ୍ୟଧିକ ଓଜନ ବଢ଼ିବା, କୌଣସି କାରଣରୁ ପୂର୍ବରୁ ଶରୀରର ଗଣ୍ଠିରେ ଆଘାତ ଲାଗିବା କାରଣ ମଧ୍ୟ ପରବର୍ତ୍ତୀ ବାର୍ଦ୍ଧକ୍ୟ ସମୟରେ ଗଣ୍ଠିବାତ ପାଇଁ କାରଣ ହୋଇଥାଏ ।



ଏକ ଅନୁସନ୍ଧାନରୁ ଜଣାପଡ଼ିଛି ଆମ ସମାଜରେ ଦିନକୁ ଦିନ ପରିଣତ ବୟସର ଲୋକ ବା ବାର୍ଦ୍ଧକ୍ୟ ଲୋକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ୧୯୪୭ ମସିହାରେ ଜଣେ ମଣିଷର ଜୀବନଧାରଣାର ସମୟ ସୀମା ୪୭ବର୍ଷ ଥିବାବେଳେ ୨୦୦୦ ମସିହାରେ ଏହା ୬୦ ବର୍ଷରେ ପହଞ୍ଚିଛି । ଜନସଂଖ୍ୟାର ଦୃଷ୍ଟିକୋଣକୁ ଦେଖିଲେ ଆମ ଦେଶରେ ୬୦ ବର୍ଷରୁ ଅଧିକ ଲୋକଙ୍କ ସଂଖ୍ୟା ହେଉଛି ୮ କୋଟିରୁ ଉର୍ଦ୍ଧ । ସେମାନଙ୍କ ମଧ୍ୟରୁ ପାଖାପାଖି ଦୁଇ ପ୍ରତିଶତ ଲୋକଙ୍କର ବାର୍ଦ୍ଧକ୍ୟଜନିତ ଆଣ୍ଠୁଗଣ୍ଠି ବାତ ସମସ୍ୟା ରହିଛି । କେତେକ କ୍ଷେତ୍ରରେ ଅଭିଜ୍ଞ ଅସ୍ଥିଶଲ୍ୟ ବିଶେଷଜ୍ଞଙ୍କ ପରାମର୍ଶ ନେଇ ଔଷଧ ଦ୍ୱାରା ଏହାକୁ ଆରୋଗ୍ୟ କରାଯାଉ ଥିବାବେଳେ କେତେକ କ୍ଷେତ୍ରରେ ସଂପୂର୍ଣ୍ଣ ଆଣ୍ଠୁଗଣ୍ଠି ପ୍ରତିରୋପଣ ଅସ୍ତ୍ରୋପଚାର ଦରକାର ହୋଇଥାଏ ।

ପ୍ରାଥମିକ ସମୟରୁ ଏହି ରୋଗ ପାଇଁ ଯୋଗ, ବ୍ୟାୟାମ ଓ ଫିଜିଓଥେରାପି ଦ୍ୱାରା ଉପଶମ ମିଳିଥାଏ । ତେବେ ଯନ୍ତ୍ରଣା ନିବାରକ ଔଷଧ ବ୍ୟବହାର କରିବାକୁ ଚାହୁଁଥିଲେ ଅଭିଜ୍ଞ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ । ଗଣ୍ଠିର ତରୁଣାସ୍ଥି ଓ ସାଇନୋଭିଆଲ ଫ୍ଲୁଇଡ଼ର ବୃଦ୍ଧି ପାଇଁ ଡାଏସେରିନ୍, ଗ୍ଲୋକୋସାମିନ୍ ଓ କଣ୍ଡ୍ରୋଟିନ୍ ସଲଫେଟ୍ ପରି ଔଷଧ ବଜାରରେ ଉପଲବ୍ଧ ହେଉଛି । ତେବେ ଏସବୁ ବ୍ୟବହାର କ୍ଷେତ୍ରରେ ପ୍ରାଥମିକ ଓ ଗୁରୁତ୍ୱପୂର୍ଣ୍ଣ ଭାବେ ବିଚାର କରି ବିଶେଷଜ୍ଞଙ୍କ ପରାମର୍ଶ ହିଁ ଜରୁରୀ । ଆଣ୍ଠୁଗଣ୍ଠି ବାତ ପାଇଁ ଗାଁ ଗହଳିରେ ଟୁଟୁକା ଟୁଟୁକି ଚିକିତ୍ସାକୁ ଆପଣାଇ ଯାଉଛି । ଟୁଟୁକା ଟୁଟୁକି ଚିକିତ୍ସା ବା ସେକ ଏସବୁ ବ୍ୟବହାର କରିବା ପୂର୍ବରୁ ଅସ୍ଥିଶଲ୍ୟ ବିଶେଷଜ୍ଞଙ୍କ ପରାମର୍ଶ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । କାରଣ ଥରେ କାହାର କାନକୁହା କଥା ଶୁଣି ଆପଣ ଏହାପାଇଁ ନିଜ ହାତରେ ନିରାକରଣର ବ୍ୟବସ୍ଥା କଲେ ପରବର୍ତ୍ତୀ ସମୟ ପାଇଁ ଏହା ଯନ୍ତ୍ରଣାଦାୟକ ଓ ବିପଜ୍ଜନକ ହୋଇପାରେ । ସରକାରଙ୍କ ଜିଲ୍ଲା ସଦରମହକୁମା ଠାରୁ ସିଟି ହସ୍ପିଟାଲ ଓ ରାଜ୍ୟର ସର୍ବବୃହତ୍ତ ଚିକିତ୍ସା ପ୍ରତିଷ୍ଠାନରେ ଅସ୍ଥିଶଲ୍ୟ ବିଶେଷଜ୍ଞ ଏହାର ପରୀକ୍ଷା ନିରୀକ୍ଷା ଓ ନିଦାନ ସହ ନିରାକରଣ ପାଇଁ ପ୍ରସ୍ତୁତ ଅଛନ୍ତି । ସେମାନଙ୍କର ପରାମର୍ଶ ନିଅନ୍ତୁ ।

ପ୍ରତିଦିନ ନିଜର ଦୈନନ୍ଦିନ ଜୀବନଚର୍ଯ୍ୟା ପାଇଁ ଭଲ ରୁଟିନ୍‌ଟିଏ ତିଆରି କରନ୍ତୁ । ପ୍ରତ୍ୟୁଷରୁ ଶଯ୍ୟାତ୍ୟାଗ ଖୁବ୍ ଭଲ । ଯୋଗ, ପ୍ରାଣାୟାମ ଠାରୁ କିଛିବାଟ ଚଲାବୁଲାରେ ନିଜ ସକାଳ ସମୟର ରୁଟିନ୍ ରଖନ୍ତୁ । ସୁଷମ ଖାଦ୍ୟ, ଫଳ, ଶାଗ ଓ କ୍ୟାଲସିୟମ ଜାତୀୟ ଖାଦ୍ୟକୁ ଗୁରୁତ୍ୱ ଦିଅନ୍ତୁ । ବେଶୀ ସମୟ ଗୋଟିଏ ସ୍ଥାନରେ ବସି ନରହି ଟିକିଏ ଚଲାବୁଲା କରନ୍ତୁ । ବିଶ୍ରାମ ପାଇଁ ନିର୍ଦ୍ଧାରିତ ସମୟ ରଖନ୍ତୁ । ନିଦ ବଟିକା ଠାରୁ ଯେ କୌଣସି ନିଶା ସେବନକୁ ନିଜ ଜୀବନରୁ ଦୂରେଇ ଦିଅନ୍ତୁ ।

ଡାକ୍ତର ମଦନମୋହନ ସାହୁ,
ଅସ୍ଥିଶଲ୍ୟ ବିଶେଷଜ୍ଞ, କଟକ

# ଗାଁ ସାଥି ପକ୍ଷରୁ ସାଧାରଣ ବୈଠକ



**ପୋଲସରା,୫।୨ ଏକ୍ସପ୍ରେସ୍ ନ୍ୟୁଜ୍**

ପୋଲସରା ବ୍ଲକ ଅନ୍ତର୍ଗତ ଭାବରଡା ରାଆଣ୍ଡି ଡାକ ବଙ୍ଗଳା ଠାରେ ଗାଁ ସାଥି ସଂଘ ସଭାପତି ଅଶୋକ କୁମାର ବିଷୋୟୀ ତତ୍ତ୍ୱାବଧାନରେ ଏକ ସାଙ୍ଗଠନିକ ବୈଠକ ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ପୋଲସରା ବ୍ଲକ ସମସ୍ତ ଗାଁ ସାଥି ଭାଇ ଓ ଭଉଣୀମାନେ ଅଂଶଗ୍ରହଣ କରିଥିଲେ। ବୈଠକରେ ଗାଁ ସାଥିଙ୍କ ବିଭିନ୍ନ ସମସ୍ୟା ନେଇ ଆଲୋଚନା ହୋଇଥିବା ବେଳେ କିଭଳି ଭାବେ ଏହାର ସମାଧାନ ହୋଇ ସମସ୍ତ ଗାଁ ସାଥି ଭାଇ ଓ ଭଉଣୀମାନେ କାର୍ଯ୍ୟ ପାଇପାରିବେ ଏହା ସହିତ ପଞ୍ଚାୟତ ରାଜ ବିଭାଗ ଓଡ଼ିଶା ପକ୍ଷରୁ ଗତ ୩୦ ତାରିଖ ଚିଠି ସଂଖ୍ୟା ୨୭୫୨ ପ୍ରକାରରେ ଗାଁ ସାଥିମାନଙ୍କୁ ଛଟେଇକୁ ନେଇ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା ହୋଇଥିଲା। ପରିଶେଷରେ ଗାଁ ସାଥି ଭାଇ ଭଉଣୀମାନଙ୍କ ମଧ୍ୟରେ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଭାବର ଆଦାନ ପ୍ରଦାନ କରିଥିଲେ। ଏଥିରେ କେସିଆର ବସନ୍ତ କୁମାର ଗୌଡ଼, ସମ୍ପାଦକ ଲଳିତ ମୋହନ ନାୟକ, ସାରଦା କୁମାରୀ ପ୍ରଧାନ, ବାସନ୍ତୀ ରଣା, ହରିହର ସାହୁ, ଶତ୍ରୁଘ୍ନ ସାହାଣୀ, ସାଇବ ସ୍ୱାଇଁ, ଅରୁଣ କୁମାର ସାହୁ, ଗୀତାଞ୍ଜଳି ସାହୁ, ଧର୍ମେନ୍ଦ୍ର ଗୁରୁ, ସୁକାନ୍ତି ସାହୁ, ସୁରେଶ ଗୌଡ଼, ବୁଲୁ ଜେନା, ଚନ୍ଦ୍ରମଣି ସାହୁ, ରଶ୍ମିତା ପରିଡ଼ା, ରୁନୁ ଗୌଡ଼, ଦାମୋଦର ସ୍ୱାଇଁ, ଶର୍ମିଷ୍ଠା କୁମାରୀ ସାହୁ, ମାଇଥାଳି ବିଷୋୟୀ, ସୂର୍ଯ୍ୟକାନ୍ତ ସାହୁ ସମେତ ୫୦ରୁ ଉର୍ଦ୍ଧ୍ୱ ଗାଁ ସାଥି ଏହି ବୈଠକରେ ଉପସ୍ଥିତ ଥିଲେ।

# ଉଚ୍ଚ ବିଦ୍ୟାଳୟରେ ବାର୍ଷିକୋତ୍ସବ



**ପୁରୁଷୋତ୍ତମପୁର,୫।୨ ଏକ୍ସପ୍ରେସ୍ ନ୍ୟୁଜ୍**

ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ଭୂତସରସିଙ୍ଗି ଉଚ୍ଚବିଦ୍ୟାଳୟରେ ବୁଧବାର ପୂର୍ବାହ୍ନରେ ବାର୍ଷିକ ଉତ୍ସବ ସ୍କୁଲର ସଭାପତି ତଥା ସରପଞ୍ଚ ମନୋଜ କୁମାର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ କିଛି ଅନୁଭୂତି ବଖାଣିବାସହ ପାଠ ପଢ଼ି ଭଲ ମଣିଷ ହେବା ପାଇଁ, ଅନ୍ତର୍ନିହିତ ଗୁଣ ବିକାଶ କରି ଆଗକୁ ବଢିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଏବିଇଓ ବିଜୟ ଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ଏବିଇଓ ଦେବରାଜ ବେହେରା, ନରସିଂହ ଦାସ ହାଇସ୍କୁଲର ଶିକ୍ଷକ ଦୁଦିଷ୍ଟିର ସାହୁ, ବଡଖରିଡା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାଳ ମୁରଲୀ କ୍ରିଷ୍ଣା, ବନମାଳି ପ୍ରଧାନ, ସୁଶାନ୍ତ ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଅଜିତ ଦଳାଇ, ଅମ୍ବିକା ପ୍ରସାଦ ପାତ୍ର, ପ୍ରଭାତ ପାତ୍ର, ଶଙ୍କର ଗୌଡ଼, ଶିବରାମ ପାତ୍ର, ବିନାୟକ ମହାରଣା, ସମସ୍ତ ୱାର୍ଡ ସଭ୍ୟ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଜଗବନ୍ଧୁ ଦଳାଇ ବାର୍ଷିକ ବିବରଣୀ ଉପସ୍ଥାପନକରିବା ସହ ସଞ୍ଚାଳନା କରିଥିଲେ। ବିଭିନ୍ନ ଇଭେଣ୍ଟରେ କୃତି ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।।

# 'କେନ୍ଦ୍ରାପଡାର ବିକାଶ ଉପରେ ଆମେ ଗୁରୁତ୍ୱ ଦେଉଛୁ'

**କେନ୍ଦ୍ରାପଡା,୫।୨ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ଜିଲ୍ଲାର ବିକାଶ ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି। ପାନୀୟ ଜଳ ଯୋଗାଣ, ଦକ୍ଷତା ବିକାଶ, ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ଓ ପର୍ଯ୍ୟଟନ କ୍ଷେତ୍ରର ବିକାଶ କରାଯିବ। ଚଳିତ କେନ୍ଦ୍ର ବଜେଟ୍ ସଂପର୍କରେ ଏଠାରେ ସାମ୍ବାଦିକମାନଙ୍କ ସହିତ ଆଲୋଚନା କରିବା ଅବସରରେ ରାଜ୍ୟ ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଏହା କହିଛନ୍ତି । ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି କେନ୍ଦ୍ର ସରକାରଙ୍କ ଚଳିତ ବଜେଟ ଲୋକାଭିମୁଖୀ ହୋଇଛି । ଗ୍ରାମୀଣ ବିକାଶ ସହ ବିଦେଶ ନୀତିକୁ ଗୁରୁତ୍ୱ ଦିଆଯାଇଛି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରଣମ ଉପସ୍ଥାପିତ କରିଥିବା ଏହି ବଜେଟରେ ଯୁବ ବର୍ଗ, କୃଷକ, ମହିଳା, କ୍ଷୁଦ୍ର ଓ ବୃହତ ବ୍ୟବସାୟୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖାଯାଇଛି। ବିଶ୍ୱରେ ଅର୍ଥନୈତିକ ଅସ୍ଥିରତା ମଧ୍ୟରେ ଭାରତର ଆର୍ଥିକ ଅଭିବୃଦ୍ଧି ହୋଇଛି । ଚଳିତ ବଜେଟରେ ସେମି କଣ୍ଡକ୍ଟର ଉତ୍ପାଦନ କ୍ଷେତ୍ରରେ ପଦକ୍ଷେପ ଗ୍ରହଣ କରାଯାଇଛି । ଏଥିସହିତ ବାୟୋ ଫରମେସନ, ରେୟାର ଆର୍ଥ, ଟେକ୍ସଟାଇଲ ଆଦି କ୍ଷେତ୍ର ପାଇଁ ପ୍ରଶସ୍ତ ମାର୍ଗ ସୃଷ୍ଟି ହୋଇଛି । ଜାତୀୟ ଜଳପଥ- ୫, ଗହୀରମଥାର ବିକାଶ ଆଦିରୁ ଓଡିଶାକୁ ଲାଭ ପହଞ୍ଚାଇବ ବୋଲି ମନ୍ତ୍ରୀ ସ୍ୱାଇଁ ପ୍ରକାଶ କରିଥିଲେ । ଆର୍ଥିକ ଅନଗ୍ରସର ଜିଲ୍ଲା ଭାବେ ପରିଗଣି କେନ୍ଦ୍ରାପଡ଼ାକୁ ସରକାର ଗୁରୁତ୍ୱ ନଦେବା ଫଳରେ ଦେଶର ସମବିକାଶରେ ଏହା ଅନ୍ତରାୟ ସୃଷ୍ଟି କରିବ ନାହିଁ କି ବୋଲି ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ସ୍ୱାଇଁ କହିଥିଲେ କେନ୍ଦ୍ରପଡା ଜିଲ୍ଲା ଉନ୍ନୟନ କାର୍ଯକୁ ତ୍ୱରାନ୍ୱିତ କରାଯାଉଛି । ତେବେ ଆସନ୍ତା ରାଜ୍ୟ ବଜେଟରେ କେନ୍ଦ୍ରପଡା ଜିଲ୍ଲାର ବିକାଶକୁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ। ଏହି ଜିଲାରେ ଥିବା ମୌଳିକ ସମସ୍ୟାର ସମାଧାନ ସହ ଅର୍ଥନୈତିକ ବିକାଶ ପାଇଁ ଅନେକ ପ୍ରକଳ୍ପ କାର୍ଯ୍ୟକାରୀ ହେବ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଥିଲେ। ଜିଲ୍ଲା ସର୍କିଟ ହାଉସରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଜିଲ୍ଲା ବିଜେପି ସଭାପତି ଶଶାଙ୍କଶେଖର ସେଠୀ, ପୂର୍ବତନ ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡା, ବରିଷ୍ଠ ନେତା ଦୁର୍ଯ୍ୟୋଧନ ସାହୁ, ଗୀତାଞ୍ଜଳୀ ସେଠୀସଂଜୟ ରଥ, ଉମାକାନ୍ତ ପଟ୍ଟନାୟକ, ଡ. ପ୍ରଦୀପ ଦାସ, ମନୀସାା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲା।

# ଚକ୍ଷୁ ଚିକିତ୍ସା ଶିବିର

**ମାର୍ଶାଘାଇ,୫।୨ ଏକ୍ସପ୍ରେସ୍ ନ୍ୟୁଜ୍**

ମାର୍ଶାଘାଇ ଥାନା ବଡକଳ ବଜ୍ରମହାକାଳୀ ଉଚ୍ଚ ବିଦ୍ୟାଳୟ ଠାରେ ସୁରେନ୍ଦ୍ରସାଏ ଦିବ୍ୟ ଦୃଷ୍ଟି ଯୋଜନାରେ ଏକଦିବସୀୟ ମଣ୍ଡଳସ୍ତରୀୟ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗୋଷ୍ଠୀ ସମ୍ବଳ ଶିକ୍ଷକ ଶ୍ରୀଧର ଭୋଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚେତନତା ସଭାରେ ବଡକୁଳ ପଞ୍ଚାୟତର ସରପଞ୍ଚ ପ୍ରଜ୍ଞା ପାରମିତା କର ମୁଖ୍ୟଅତିଥି ଭାବେ ଯୋଗଦେଇ ଥିବାବେଳେ ସିଆରସିସି ନମିତା ରଥ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅନାଦି ପ୍ରସାଦ ରାଉତ, ସାମ୍ବାଦିକ ପ୍ରମୋଦ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ପ୍ରଧାନଶିକ୍ଷକ ଚକ୍ରଧର ପରିଡ଼ାଙ୍କ ସଂଯୋଜନାରେ ଅନୁଷ୍ଠିତ ଚକ୍ଷୁ ପରୀକ୍ଷା କାର୍ଯ୍ୟକ୍ରମରେ ଚକ୍ଷୁ ବିଶେଷଜ୍ଞ ମନୋରଞ୍ଜନ ବେହେରା, ପ୍ରତାପ କୁମାର ମହାପାତ୍ର ଓ ଶର୍ମିଷ୍ଠା ଯାଦବ ଯୋଗ ଦେଇ ୨୧୧ ଜଣ ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ସେଥିମଧ୍ୟରୁ ୫୨ଜଣ ଛାତ୍ରଛାତ୍ରୀଙ୍କର ଚଷମା ଆବଶ୍ୟକ ହୋଇଥିବା ବେଳେ ୪ ଜଣ ଶିକ୍ଷାର୍ଥୀଙ୍କୁ ଚକ୍ଷୁର ଉଚ୍ଚ ଚିକିତ୍ସା ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ରେଫର କରାଯାଇଛି। ଏହି ଶିବିରରେ ବଡକୁଳ, କରଞ୍ଜି ଓ ଜୟଚନ୍ଦ୍ରପୁର ପଞ୍ଚାୟତ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟ ଗୁଡ଼ିକରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିଲା।

# ବୃଦ୍ଧବୃଦ୍ଧାଙ୍କୁ ମିଳିନି ୪ ମାସର ଭତ୍ତା

**ନୟାଗଡ଼,୫।୨ ଏକ୍ସପ୍ରେସ୍ ନ୍ୟୁଜ୍**



୪ମାସ ଧରି ଭତ୍ତା ନ ପାଇବାରୁ ନୟାଗଡ଼ ବ୍ଲକ ବାଲୁଗାଁ ଓ ଲାଠିପଡା ଗ୍ରାମର ବୃଦ୍ଧବୃଦ୍ଧା ବୁଧବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଥିଲେ। ଖବରପାଇ ଜିଲ୍ଲାପାଳ ମଧୁମିତା ରଥ ବିକ୍ଷୋଭକାରୀଙ୍କ ପାଖରେ ପହଞ୍ଚି ବୃଦ୍ଧବୃଦ୍ଧାଙ୍କ ଅଭିଯୋଗ ଶୁଣିଥିଲେ। ଖାଇବାରେ ସମସ୍ୟା ଓ ଔଷଧ କିଣିବାରେ ସମସ୍ୟା ପରି ଦୁଃଖ ଶୁଣି ଯୁଦ୍ଧକାଳୀନ ଭିତିରେ ଫେବୃଆରୀ ଭିତରେ ୪ମାସର ଭତ୍ତା ଯୋଗାଇ ଦେବେବୋଲି ପ୍ରତିଶୃତି ଦେବାପରେ ପ୍ରାୟ ଅଧ ଘଣ୍ଟାଏ ପରେ ବିକ୍ଷୋଭ ପ୍ରତ୍ୟାହୃତ ହୋଇଥିଲା। ବାଲୁଗାଁର ଦାଶରଥି ଜେନା ଓ ବସନ୍ତ ମିଶ୍ର କୁହନ୍ତି, ବୟସ ହୋଇଗଲେ ବୃଦ୍ଧବୃଦ୍ଧା ଘରେ ଆଲୋଡା ହୋଇ ପଡନ୍ତି।

ଆମମାନଙ୍କର ଖର୍ଚ୍ଚ ଉଠାଇବାକୁ ପୁଅ ବୋହୂ କୁନ୍ଥ କୁନ୍ଥ ହୁଅନ୍ତି। କିଛି ପୁଅ ବୋହୂ ଲୋକ ଦେଖାଣିଆ ପଚାରନ୍ତି ଆଉ ଅନେକ ପଚାରନ୍ତି ନାହିଁ। ଏଭଳି ସମୟରେ ସରକାର ବୃଦ୍ଧବୃଦ୍ଧାଙ୍କ ପାଇଁ ପେନସନ ଚଳିବା ପାଇଁ ସୁବିଧା ହୋଇଥାଏ। ତେବେ ଗତ ନଭେମ୍ବରରୁ-ଫେବୃଆରୀ ପର୍ଯ୍ୟନ୍ତ ଭତ୍ତା ଆମ୍ଭକୁ ମିଳି ନାହିଁ। ବାରମ୍ବାର ବ୍ଲକ କାର୍ଯ୍ୟାଳୟ ଦୌଡି ଥିଲେ ମଧ୍ୟ ସୁଫଳ ପାଇଲୁ ନାହିଁ। ବ୍ୟାଙ୍କର ଆଇଏଫଏସ୍‌ସି କୋର୍ଡ ବଦଳି ଥିବାରୁ ଏପରି ସମସ୍ୟା ହୋଇଥିବା କୁହାଯାଉଛି। ତେବେ କ'ଣ ୪ ମାସ ଧରି ସମସ୍ୟା ସମାଧାନ ହେଉ ନାହିଁ। ବ୍ଲକରେ କାଗଜାତ ଠିକ୍‌ରେ ହେଉ ନ ଥିବାରୁ ଭତ୍ତା ମିଳୁ ନ ଥିବା ଶୁଣିବାକୁ ପାଇଲୁ ନାହିଁ। ୪ମାସ ଅପେକ୍ଷା ପରେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିବାକୁ ବାଧ୍ୟ ହୋଇ ଆସି ବିକ୍ଷୋଭ କରିଥିଲୁ। ହେଲେ ଆମ ବିକ୍ଷୋଭ ଖବର ଶୁଣି ଜିଲ୍ଲାପାଳ ଆପେ ଆପେ ଆସି ଆମ ସହ ଆଲୋଚନା କରି ସମସ୍ୟାର ସମାଧାନ ପାଇଁ ପ୍ରତିଶୃତି ଦେବା ପରେ ବିକ୍ଷୋଭ ପ୍ରତ୍ୟହାର କରି ନେଲୁ।

ଲାଠିପଡାର ବିକ୍ରମ ସାହୁ କୁହନ୍ତି, ଆମ ଗାଁର ୨୦ରୁ ଉର୍ଦ୍ଧ୍ୱ ବୃଦ୍ଧବୃଦ୍ଧା ୪ମାସର ଭତ୍ତା ପାଇ ନ ଥିବାରୁ ନୟାଗଡ଼ ବିଡିଓଙ୍କୁ ଭେଟି ଅଭିଯୋଗ କରିବାକୁ ଆସିଥିଲୁ। ହେଲେ ବହୁ ସମୟ ଧରି ଅପେକ୍ଷା ପରେ ବିଡିଓଙ୍କ ଦେଖାପାଇଲୁ ନାହିଁ। ଏଣୁ ଜିଲ୍ଲାପାଳଙ୍କୁ ଭେଟିବାକୁ ଆସି ଅଭିଯୋଗ କରି ଆଶ୍ୱସନା ପାଇ ଫେରିଛୁ ବୋଲି କହିଛନ୍ତି। ବାଲୁଗାଁର ଅନ୍ନପୂର୍ଣ୍ଣା ଜେନା କୁହନ୍ତି, ସରକାରଙ୍କର ଭତ୍ତା ଆମକୁ ଜୀବନ ଜୀବିକା ଦେଇଛି। ୪ମାସ ହେଲା ଭତ୍ତା ନ ପାଇବାରୁ ଅଭିଶପ୍ତ ଜୀବନଯାପନ କରିଲୁଣି। ଆମ ପରି ଲୋକ ବିଡିଓ, ଜିଲ୍ଲାପାଳଙ୍କୁ ଆସି ଅଭିଯୋଗ କରିବାକୁ ଓ ଜିଲ୍ଲାପାଳ ଅଫିସରେ ଆସି ବିକ୍ଷୋଭ କରିବାକୁ ବୟସ ନାହିଁ। ତଥାପି ୪ମାସ ହେଲା ଭତ୍ତା ମିଳି ନ ଥିବାରୁ ବାଧ୍ୟ ହୋଇ ଅଭିଯୋଗ କରି ଆଶ୍ୱସନା ପାଇ ଫେରୁଛୁ। ଫେବୃଆରୀରେ ୪ମାସର ଭତ୍ତା ଅର୍ଥ ନ ମିଳିଲେ ପୁଣି ଜିଲ୍ଲାପାଳଙ୍କ ଅଫିସକୁ ଆସି ଦୁଃଖ ଜଣାଇବୁ ବୋଲି କହିଛୁ ବୋଲି କହିଛନ୍ତି।

ବାଲୁଗାଁ ସରପଞ୍ଚ ମନୋଜ ନାୟକ କୁହନ୍ତି, ବ୍ୟାଙ୍କର ଆଇଏଫଏସ୍‌ସି କୋର୍ଡ ବଦଳିଲେ ଦିନେ ଦୁଇ ଦିନ ଭିତରେ ଏଭଳି ସମସ୍ୟାର ସମାଧାନ ହୋଇଯିବ। ତେବେ ୪ମାସ ହେଲା କ'ଣ ଆଇଏଫଏସ୍‌ସି କୋର୍ଡ ସମସ୍ୟାର ସମାଧାନ ହୋଇ ପାରୁନି। ନୟାଗଡ଼ ବ୍ଲକ ସାମାଜିକ ଶିକ୍ଷା ସଙ୍ଗଠନ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁ ମୋ ପଞ୍ଚାୟତର ୪ ଶହରୁ ଉର୍ଦ୍ଧ୍ୱ ବୃଦ୍ଧବୃଦ୍ଧା ୪ମାସ ହେଲା ଭତ୍ତା ପାଇ ନାହାନ୍ତି। ଏଭଳି ସମସ୍ୟା ବ୍ଲକର ଅନ୍ୟ କୌଣସି ପଞ୍ଚାୟତରେ ଦେଖା ଯାଇନି। କେବଳ ଲାଠିପଡାରେ ୧୦ରୁ ୧୫ ହିତାଧିକାରୀ ଭତ୍ତା ପାଇ ନ ଥିବା ଜଣାପଡିଛି। ସମ୍ପୃକ୍ତ ଘଟଣାର ତଦନ୍ତ ପାଇଁ ଜିଲ୍ଲାପାଳଙ୍କୁ ନିବେଦନ କରାଯାଇଛି। ଜିଲ୍ଲାପାଳ ମଧୁମିତା ରଥ କୁହନ୍ତି, ବୃଦ୍ଧବୃଦ୍ଧାଙ୍କ ୪ମାସର ଭତ୍ତା ଟଙ୍କା ଫେବୃଆରୀ ଭିତରେ ଯେପରି ପାଇବେ ସେନେଇ ପଦକ୍ଷେପ ନେବି। ବ୍ଲକର ବିଡିଓଙ୍କୁ ଡାକି ଏହାର ତୁରନ୍ତ ସମାଧାନ କରାଯିବ। ଭତ୍ତା ଦେବାରେ ଜାଣିଶୁଣି ହଇରାଣ କରାଯାଇଥିଲେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବବୋଲି କହିଛନ୍ତି।

# ରାସ୍ତାରେ ଜଳିଗଲା କାର

**ମାଲକାନଗିରି,୫।୨ ଏକ୍ସପ୍ରେସ୍ ନ୍ୟୁଜ୍**

ମାଲକାନଗିରି ଜିଲ୍ଲା ସଦର ମହକୁମା ସ୍ୱାଗତ ହୋଟେଲ ଏବଂ ତ୍ରିମୂର୍ତ୍ତି ଦୋକାନ ସମ୍ମୁଖରେ ବୁଧବାର ବିଳମ୍ବିତ ରାତିରେ ହଠାତ ଏକ କାରରେ ନିଆଁ ଲାଗିଯାଇଥିଲା। ଫଳରେ କାରଟି ସମ୍ପୂର୍ଣ୍ଣ ପୋଡ଼ିଯାଇଛି। ପରେ ସୂଚନା ପାଇ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ତେବେ କାରରେ କିପରି ନିଆଁ ଲାଗିଲା ତା'ର କାରଣ ଅସ୍ପଷ୍ଟ ରହିଛି। ଅଘଟଣ ଘଟିଥିବା ସ୍ଥାନଠାରୁ ମାତ୍ର ଅଧ କିଲୋମିଟର ଦୂରରେ ମହୋତ୍ସବ ଚାଲିଥିଲା । ତେଣୁ ଯାତାୟାତ ବନ୍ଦ ରହିଥିଲା । ଫଳରେ ଏକ ବଡ ଅଘଟଣ ଟଳି ଯାଇଥିଲା।

# ବେଆଇନ୍ ଔଷଧ ଦୋକାନ ଉପରେ ଚଢ଼ାଉ



**ବାସୁଦେବପୁର,୫।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଭଦ୍ରକ ଜିଲ୍ଲା ବାସୁଦେବପୁର ବଜାରର ହାଇସ୍କୁଲ ଛକରେ ଥିବା ଦୂର୍ଗା ମେଡିସିନ ଦୋକାନରେ ବେଆଇନି ଭାବରେ ବିକ୍ରି ହେଉଥିବା ୭ପେଟି ( ୮୪୦ଟି ବୋତଲ) କଫସିରପ ଜବତ କରିବା ସହ ଜଣକୁ ଗିରଫ କରିଛି ବାସୁଦେବପୁର ଅବକାରୀ ବିଭାଗ। ସୂଚନା ଅନୁଯାୟୀ ଏହି କଫସିରପ ମେଡିସିନ ଷ୍ଟୋରରେ ଦୀର୍ଘ ଦିନ ଧରି କଫସିରପ ବିକ୍ରି ହେଉଥିଲା। ବିଶେଷ ସୂତ୍ରରୁ ଖବର ପାଇ ଜିଲ୍ଲା ଡ୍ରଗ୍ସ ଇନ୍ସପେକ୍ଟର, ବାସୁଦେବପୁର ପୋଲିସ ଏବଂ ବାସୁଦେବପୁର ଅବକାରୀ ବିଭାଗ ମିଳିତ ଭାବରେ ଦୂର୍ଗା ମେଡିସନ ଷ୍ଟୋରରେ ଚଢ଼ାଉ ସମୟରେ ବେଆଇନ ଭାବରେ ୭ ପେଟି କଫସିରପ ଦେଖିବାକୁ ପାଇବା ସହ ଜବତ ପାଇଥିଲେ। ୭ପେଟିରେ ୮୪୦ଟି କଫସିରପ ବୋତଲ ଥିବା ବେଳେ ଯାହାର ଆନୁମାନିକ ମୂଲ୍ୟ ଦେଢ ଲକ୍ଷରୁ ଉର୍ଦ୍ଧ୍ୱ ହେବ ବୋଲି କହିଛି ଅବକାରୀ ବିଭାଗ। ଏହି ଘଟଣାରେ ଦୋକାନର ଏକ କର୍ମଚାରୀକୁ ଗିରଫ କରିଛି ଅବକାରୀ ବିଭାଗ।

# ବାଇକକୁ ଧକ୍କା ଦେଲା ଟ୍ରାକ୍ଟର, ଜଣେ ମୃତ



**ବାସୁଦେବପୁର,୫।୨ ଏକ୍ସପ୍ରେସ୍ ନ୍ୟୁଜ୍**

ବାସୁଦେବପୁର ପଦୁଆଁ ରାସ୍ତାର କୁମାରପୁର ଛକରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଟ୍ରାକ୍ଟର ଏବଂ ବାଇକ୍ ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ରଞ୍ଜିତ ମଳିକ (୨୮) ବୋଲି ଜଣାପଡିଛି। ଗୁରୁତର ଅବସ୍ଥାରେ ଆହତ ଲିପୁ ମଳିକ(୧୮)ଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଉଭୟ ବାଇକରେ ମାମୁଁଘର ପଦୁଆଁକୁ ଯାଉଥିବା ବେଳେ ଏକ ଟ୍ରାକ୍ଟର ଧକ୍କା ଦେଇଥିଲା। ଘଟଣାକୁ ନେଇ ଉତ୍ତ୍ୟକ୍ତ ସ୍ଥାନୀୟ ଲୋକେ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି।

# ବାଇକ୍‌ରୁ ପଡି ଯୁବକ ଗୁରୁତର

**ଚମ୍ପୁଆ,୫।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଭାରସାମ୍ୟ ହରାଇ ବାଇକରୁ ପଡି ଜଣେ ଯୁବକ ଗୁରୁତର ଆହତ ହୋଇଥିବା ଜଣାପଡିଛି। କେନ୍ଦୁଝର ଜିଲ୍ଲା ଚମ୍ପୁଆ ଥାନା ସାନନଈ ଗାଁ ନିକଟରେ ସନ୍ଧ୍ୟା ସମୟରେ ଜଣେ ବାଇକ ଚାଳକ ଭାରସାମ୍ୟ ହରାଇ ଦୁର୍ଘଟଣାର ଶିକାର ହୋଇଛନ୍ତି। ଉକ୍ତ ଚାଳକ ଜଣଙ୍କ ଚମ୍ପୁଆ ନିକଟବର୍ତ୍ତୀ ମୟୁରଭଞ୍ଜ ଜିଲ୍ଲା ଫଗୁ ଗାଁର ଭରତ ନାଏକ ବୋଲି ଜଣାପଡିଛି। ସେ ବଡନଈ ଗ୍ରାମକୁ ରାଜମିସ୍ତ୍ରୀ କାମ କରିବାକୁ ଆସିଥିଲେ। ନିଜର କାର୍ଯ୍ୟସାରି ବାଇକ ଯୋଗେ ଘରକୁ ଫେରିବାବେଳେ ସାନନଈ ଗାଁ ନିକଟରେ ଭାରସାମ୍ୟ ହରାଇ ଦୁର୍ଘଟଣା ଗ୍ରସ୍ତ ହୋଇଛନ୍ତି। ତାଙ୍କର ମୁଣ୍ଡ ଓ ଗୋଡରେ ଜୋର୍ ଆଘାତ ଲାଗିଥିବା ବେଳେ ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକେ ଉଦ୍ଧାର କରି ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଚମ୍ପୁଆ ମେଡିକାଲକୁ ଚିକିତ୍ସା ପାଇଁ ପଠାଇ ଥିଲେ। ସେଠାର ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିବା ଜଣାପଡିଛି।

# ରାଣିପୁଟ ଜଙ୍ଗଲରେ ଅବକାରୀ ଚଢ଼ାଉ

**ଜୟପୁର,୫।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଜୟପୁର ସଦର ଥାନା ଅନ୍ତର୍ଗତ ରାଣିପୁଟ ଜଙ୍ଗଲରେ ଅବକାରି ଚଢ଼ାଉ ହୋଇଛି। ଦେଶି ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ସୂଚନା ପାଇ ଜୟପୁର ଅବକାରୀ ଥାନା ଚଢ଼ାଉ କରିଛି। ଚଢ଼ାଉ ସୂଚନା ପାଇ ମଦ ମାଫିଆମାନେ ଚମ୍ପଟ ମାରିଥିବା ବେଳେ ଅବକାରୀ ବିଭାଗ ବହୁ ମଦ ଭାଟି ଭାଙ୍ଗିବା ସହ ୧୪ ଶହ ଲିଟର ପୋଚ୍ ଓ ୧୮୦ ଲିଟର ଦେଶି ମଦ ଜବତ କରି ନଷ୍ଟ କରିଛି। ମଦ ରନ୍ଧା ସରଞ୍ଜାମ ଡ୍ରମ ଆଦିକୁ ଜବତ କରିଥିବା ବିଷୟ ଜୟପୁର ଅବକାରୀ ଥାନା ଓଆଇସି ସୁବ୍ରତ କେଶୋରି ହିରନ ସୂଚନା ଦେଇଛନ୍ତି।

# ଖେଳାଳୀଙ୍କ ଦିଲ୍ଲୀ ଯାତ୍ରା

**ଢେଙ୍କାନାଳ,୫।୨ ଏକ୍ସପ୍ରେସ୍ ନ୍ୟୁଜ୍**

ନୂଆଦିଲ୍ଲୀର କେଡି ଯାଦବ ଇଣ୍ଡୋର୍ ଷ୍ଟାଡିୟମ୍‌ର ଇନ୍ଦିରା ଗାନ୍ଧୀ ସ୍ପୋର୍ଟସ କମ୍ପ୍ଲେକ୍ସରେ ଫେବୃଆରୀ ୪ରୁ ୮ ପର୍ଯ୍ୟନ୍ତ ୫ମ ଇଣ୍ଡିଆନ୍ ଓପନ ଅନ୍ତର୍ଜାତୀୟ କପ୍ ୨୦୨୬ ଅନୁଷ୍ଠିତ ହେବାକୁଯାଉଅଛି। ଏହି ଟୁର୍ଣ୍ଣାମେଣ୍ଟରେ ଭାଗ ନେବା ପାଇଁ ଢ଼େଙ୍କାନାଳ ଡ଼ାଇମଣ୍ଡ କିକ୍ ବକ୍ସିଂ ଆସୋସିଏସନ୍‌ର ୭ ଖେଳାଳୀ ଓ ୨ କୋଚ୍ ଭାଗ ନେବେ। ତନ୍ମଧ୍ୟରୁ ବାଳକ ବିଭାଗରେ ଶୁଭଙ୍କର ନାଏକ, ଓମ୍ ପ୍ରସାଦ ଭ, ସୌଭାଗ୍ୟ ରନ ବେହେରା ଏବଂ ବାଳିକା ବିଭାଗରେ ରୋଜାଲିନ ସ୍ୱାଇଁ, ସ୍ମୃତି ଭୋଇ, ମାନସୀ ସାହୁ, ରୂପା ନାଏକ, କୀର୍ତ୍ତି ରାଣୀ ସାହୁ ଓ ମିହିର କୁମାର ସାହୁ ଟିମ୍ କୋଚ ଭାବେ ମଙ୍ଗଳବାର ଯାତ୍ରା କରିଛନ୍ତି। ଏହି ଚାମ୍ପିଅନସିପ୍ ପାଇଁ ଦଳର ଖେଳାଳୀମାନେ କଠିନ ଅଭ୍ୟାସ କରି ଜିଲ୍ଲା ଓ ରାଜ୍ୟ ପାଇଁ ଗୌରବ ଆଣିବେ। ଢ଼େଙ୍କାନାଳ ଡ଼ାଇମଣ୍ଡ କିକ୍ ବକ୍ସିଂ ଆସୋସିଏସନ୍‌ର ସମସ୍ତ ସଦସ୍ୟ ଓ ଜିଲ୍ଲା କ୍ରୀଡା ଅଧିକାରୀ ସୁଦିପ୍ତ କୁମାର ସାହୁ ସମସ୍ତ ଖେଳାଳୀମାନଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

# ପୁଣି ଖୋଲିଲା ମିଶନ୍ ଶକ୍ତି କାଫେ



**ନିଆଳି,୫।୨ ଏକ୍ସପ୍ରେସ୍ ନ୍ୟୁଜ୍**

ନିଆଳି ଥାନା ଛକରେ ଥିବା ମିଶନ ଶକ୍ତି କାଫେ ୧୮ ମାସ ହେବ ବନ୍ଦ ହୋଇ ପଡିଥିଲା। ଏହି କାଫେକୁ ସୁଭଦ୍ରା ଶକ୍ତି କାଫେ ନାମରେ କାର୍ଯ୍ୟକ୍ରମ କରାଯାଇଛି। ଏହି କାଫେରେ ସୁଭଦ୍ରା ଶକ୍ତି ରିଟେଲ ମାର୍ଟକୁ ଓଡିଶାର ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ଉଦଘାଟନ କରିଛନ୍ତି। କାଫେରେ ମା'ମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକାର ପିଠା, ମିଠା, ବଡ଼ି ଓ ବିଭିନ୍ନ ପ୍ରକାରର ପ୍ରସ୍ତୁତ ହାତ ତିଆରି ସାମଗ୍ରୀ ବିକ୍ରି କରାଯିବ। ଉଦଘାଟନୀ ସମୟରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉ ସାହେବ ସିନ୍ଧେ, ନିଆଳି ତହସିଲଦାର ତାରିଣୀ ରଞ୍ଜନ ରାୟ, କଣ୍ଟାପଡା ତହସିଲଦାର ପ୍ରସନ କୁମାର ସାମନ୍ତରାୟ, ନିଆଳି ବିଡ଼ିଓ ଧର୍ମ ରଞ୍ଜନ ପଣ୍ଡା, କଣ୍ଟାପଡା ବିଡ଼ିଓ ସ୍ୱପ୍ନିତା ନାୟକ, ନିଆଳି ସିଡିପିଓ ସଂଯୁକ୍ତା ଘଡେଇ, ଆତ୍ମା ଅଧକ୍ଷ ଗଣେଶ୍ୱର ମିଶ୍ର ଉପସ୍ଥିତ ରହିଥିଲେ। ଏହି କାଫେରେ ମା'ମାନଙ୍କ ଦ୍ୱାରା ହାତ ତିଆରି ପ୍ରସ୍ତୁତ ଖାଦ୍ୟ ସୁଲଭ ମୂଲ୍ୟରେ ଲୋକମାନେ ଖାଇ ପାରିବେ। କାଫେକୁ ପରିଚାଳନା କରିବେ ରେଣୁବାଳା ଜେନା, ସତ୍ୟସ୍ମିତା ପାଣି, ସସ୍ମିତା ମହାପାତ୍ର, ମଧୁସ୍ମିତା ଦଳାଇ, ରୁଣୁବାଳା ଜେନା, ପ୍ରଭାତି ମହାପାତ୍ର, ପ୍ରିୟଦର୍ଶିନୀ ସ୍ୱାଇଁ, ତପସ୍ୱିନୀ ବସ୍ତିଆ, ଲକ୍ଷ୍ମୀପ୍ରିୟା ମୁଦୁଲି, ମମତା ସାହୁ, ପୁଷ୍ପଲତା ପାତ୍ର ସମେତ ଶତାଧିକ ଏସଓଜି ଗ୍ରୁପର ମାଫମାନେ ଉପସ୍ଥିତ ରହିଥିଲେ।

# କର୍କଟ ରୋଗରୁ ମୁକ୍ତି ଲାଗି ସଚେତନତା ଓ ସଂଯମତା ଜରୁରୀ

**ଖୋର୍ଦ୍ଧା,୫।୨ ଏକ୍ସପ୍ରେସ୍ ନ୍ୟୁଜ୍**




କ୍ୟାନ୍ସର ବା କର୍କଟ ଏକ ଭୟାଭୟ ରୋଗ ଯାହା ହସ ଖୁସିର ପରିବାରକୁ ଉଜାଡି ଦେଇଥାଏ। ଯେଉଁମାନେ ନିକୋଟିନ ବହୁଳ ପ୍ରଚୁର ମଦ୍ୟପାନ କରନ୍ତି, ଗୁଟକା, ଖଇନି, ତମାଖୁ ପ୍ରଚୁର ମାତ୍ରାରେ ସେବନ କରନ୍ତି ସେମାନେ ଏହି କ୍ୟାନ୍ସର ଭଳି ମରଣ ଯୁକ୍ତ ରୋଗରେ ଆକ୍ରାନ୍ତ ହୁଅନ୍ତି। କେତେକ କ୍ଷେତ୍ରରେ ଏହା ଖାଦ୍ୟ ପେୟରେ ନିୟନ୍ତ୍ରଣ ନରଖିବା, ଶାରୀରିକ ପରିଶ୍ରମ ନକରିବା ଏବଂ ଦୂଷିତ ବାୟୁ ସେବନ ଦ୍ୱାରା କର୍କଟ ରୋଗର ମାତ୍ରା ବଢ଼ିଥାଏ। ମୁଖ ଗହ୍ୱର କ୍ୟାନ୍ସର ପୁରୁଷ ଠାରେ ଓ ସ୍ତନ ଏବଂ ସର୍ଭିକ୍ସ କ୍ୟାନ୍ସର ମହିଳାଙ୍କ କ୍ଷେତ୍ରରେ ବଢ଼ି ଚାଲିଛି। ଏଣୁ ସୁସ୍ଥ ଜୀବନ, ସୁସ୍ଥ ସମାଜ ଓ କର୍କଟ ମୁକ୍ତ ପରିବାର ବଜାୟ ରଖିବାକୁ ହେଲେ ନିଶା ଦ୍ରବ୍ୟର ମାରାତ୍ମକ ପରିଣାମ ଉପରେ ସଚେତନତା ହେବା ଓ ବର୍ଜନ କରିବା ଏବଂ ଖାଦ୍ୟ ପେୟରେ ସଂଯୋମତା ରଖି ପାରିଲେ ବିଶ୍ୱରୁ କର୍କଟ ମୁକ୍ତ କରିପାରିବା ବୋଲି ଉତ୍ଥାପନ କରି ପ୍ରତ୍ୟେକ କ୍ଷେତ୍ରରେ ବ୍ୟାପକ ସଚେତନତା ଓ ସଂଯମତାର ଜାଗରଣ କରାଇବା ଦିଗରେ ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ନିଜ କାର୍ଯ୍ୟାଳୟ ତାଲିମ ଗୃହ ପ୍ରକୋଷ୍ଠରେ ବିଶ୍ୱ କର୍କଟ ଦିବସ ପାଳନରେ ଯୋଗଦେଇ ଆହ୍ୱାନ ଦେଇଛନ୍ତି। ଦିବସ ପାଳନରେ ଏଡିପିଏଚ୍‌ଓ, ମେଡିକାଲ, ଡାକ୍ତର ଶ୍ୟାମା ପ୍ରସନ୍ନ ମିତ୍ର, ଏଡିପିଏଚ୍‌ଓ, ପରିବାର କଲ୍ୟାଣ, କୁଷ୍ଠ ରୋଗ ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ, ଭେଷଜ ଅଧିକାରୀ ଡାକ୍ତର ବିଶ୍ୱନାଥ ପାଢ଼ୀ, ସହକାରୀ ପରିଚାଳକ (ଅଣ ସଂକ୍ରମକ ରୋଗ), ସହାୟକ ଜନସ୍ୱାସ୍ଥ୍ୟ ଓ ସଂଚାରଣ ଅଧିକାରୀ, ନର୍ସିଂ ଛାତ୍ରଛାତ୍ରୀ, ଆଶା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ରହି କର୍କଟ ରୋଗର କାରଣ ଓ ନିରାକରଣ ଦିଗରେ ମତବ୍ୟକ୍ତ କରିଥିଲେ। ସମ୍ମିଳିତ ସହଯୋଗରେ କିପରି କର୍କଟ ରୋଗ ନିୟନ୍ତ୍ରଣ କରିପାରିବା, ବ୍ୟକ୍ତିଗତ, ସାମାଜିକ, ମାନସିକ ତଥା ଅର୍ଥ ନୈତିକ କ୍ଷେତ୍ରରେ ସମସ୍ତେ ସଜାଗ ରହିଲେ ଏହି ଭୟାନକ କର୍କଟ ରୋଗକୁ ପ୍ରତିହତ କରିବା ସରଳ ହେବ ବୋଲି ବୈଠକରେ ଅଭିମତ ପ୍ରକାଶ ପାଇଥିଲା।

# ବାଲ୍ୟ ବିବାହ ନିରୋଧି ସଚେତନତା

**ଭଣ୍ଡାରିପୋଖରୀ,୫।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଭଣ୍ଡାରିପୋଖରୀ ସରକାରୀ ଉଚ୍ଚବିଦ୍ୟାଳୟରେ ବାଲ୍ୟ ବିବାହ ନିରୋଧ ଉପରେ ଏକ ସଚେତନତା ସଭା ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଆନୁକୂଲ୍ୟରେ ପ୍ରଧାନ ଶିକ୍ଷକ ରତିକାନ୍ତ ବେହେରା ସଭାପତିତ୍ୱରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ଆଇନ ସେବା ପ୍ରାଧୀକରଣ ସଚିବ ପୂର୍ଣ୍ଣ୍ୟଶ୍ଳୋକ ରଥ ମୁଖ୍ୟଅତିଥି, ଶିଶୁ ସୁରକ୍ଷା ଆଇନ ଅଧିକାରୀ ସୁବ୍ରତ କୁମାର ଦାସ ଓ ଆଇନ ପରାମର୍ଶଦାତ୍ରୀ ବହ୍ନିଶିଖା ବିଶ୍ୱାଳ ଅତିଥି ଭାବେ ଯୋଗଦାନ କରି ବାଲ୍ୟ ବିବାହ ନିରୋଧ ଆଇନ ଓ ବାଲ୍ୟବିବାହକୁ ପରିଣାମ ଉପରେ ଆଲୋକପାତ କରିବା ସହ ବାଲ୍ୟବିବାହ ଏକ ସାମାଜିକ କଳଙ୍କ ବୋଲି କହିଥିଲେ। ଶିକ୍ଷୟିତ୍ରୀ ତପଜା ସାହୁ ଅତିଥି ପରିଚୟ ପ୍ରଦାନ ଓ ବିଷ୍ଣୁପ୍ରିୟା ଯେନା ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଏବଂ କ୍ଷୁଦ୍ର ନାଟକ ପରିବେଷଣ କରିଥିଲେ। ମାନସ କୁମାର ସାହୁ, ଚନ୍ଦନ କୁମାର ସାମଲ, ଚନ୍ଦ୍ର ଶେଖର ପାତ୍ର, ତୁଳସୀ ବେହେରା, ବର୍ଷା ରାଣୀ ପଲକ, ବର୍ଷା ପ୍ରିୟଦର୍ଶିନୀ ମଲ୍ଲିକ, ମହାମାୟା ମହାପାତ୍ର, ଜ୍ୟୋସ୍ନା ରାଣୀ ସାହୁ, ସତ୍ୟଜିତ ଦାସ, ଲମ୍ବୋଦର ଯେନା ପ୍ରମୁଖ ସଚେତନତା ସଭାରେ ସାହାଯ୍ୟ କରିଥିଲେ।

# ମନରେଗାରୁ ମହାତ୍ମାଗାନ୍ଧୀଙ୍କ ନାମ ହଟାଇବା ନେଇ କଂଗ୍ରେସର ବିରୋଧ

**କେନ୍ଦ୍ରାପଡ଼ା,୫।୨ ଏକ୍ସପ୍ରେସ୍ ନ୍ୟୁଜ୍**

ମନରେଗା ଯୋଜନାକୁ କେନ୍ଦ୍ର ସରକାର ବିକୃତ କରିଦେଇଛନ୍ତି। ଭିବିରାମଜୀ ଯୋଜନା କରି ସେଥିରୁ ଜାତିର ପିତା ମହାତ୍ମାଗାନ୍ଧୀଙ୍କ ନାମକୁ ବାଦ ଦେଇ ଗାନ୍ଧୀଙ୍କୁ ଅସମ୍ମାନିତ କରିଛନ୍ତି। ତେଣୁ ଏହି ଯୋଜନାକୁ ମୂଳ ରୂପକୁ ଫେରାଇ ଆଣିବା ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଜିଲ୍ଲା କଂଗ୍ରେସ ଭବବନରୁ ଦଳର ନେତାମାନେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିବା ପରେ କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଦାବିପତ୍ରରେ ଉଲ୍ଲେଖ ରହିଛି ଯେ ୟୁପିଏ ସରକାର ୨୦୦୫ ମସିହାରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ରୋଜଗାର ନିଶ୍ଚିତ ଆଇନ ପ୍ରଣୟନ କରିଥିଲେ। ଏହା ଜନ ଅଧିକାର-ଆଧାରିତ ଆଇନ ଥିଲା। ଏହା ପ୍ରତି ବର୍ଷ ୫/୬ କୋଟି ଗ୍ରାମୀଣ ପରିବାରକୁ ମଜୁରୀ ଭିତ୍ତିକ ରୋଜଗାର ଯୋଗାଇ ଦେଉଥିଲା। ୧୫ ଦିନ ମଧ୍ୟରେ ଜୀବିକା ଯୋଗାଇବାରେ ବିଫଳ ହେଲେ ବେରୋଜଗାର ଭତ୍ତା ଦେବାକୁ ପଡୁଥିଲା। ଏହି ଆଇନଗତ ଅଧିକାର ମନରେଗାର ମୂଳ ପରିଚୟ ଥିଲା। ଗ୍ରାମୀଣ ସୁରକ୍ଷାର ମୂଳ ଆଧାର ଭାବେ ଏହା ବିବେଚିତ ହେଉଥିଲା। ଏହି ଆଇନ୍ ସାମାଜିକ ଜୀବନରେ ରୋଜଗାରକୁ ଦୀର୍ଘସ୍ଥାୟୀ କରିଆସିଥିଲା। ଦାଦନ ଶ୍ରମିକ କମାଇବାରେ ଏହି ଆଇନ୍ ବେଶ ସହାୟକ ହୋଇଥିଲା। କିନ୍ତୁ ଭିବି ଜୀ ରାମଜୀ ଯୋଜନା ମନରେଗା ଠାରୁ ସଂପୂର୍ଣ୍ଣ ଭାବେ ଭିନ୍ନ। ଏହା କାମର ଆଇନଗତ ନିଶ୍ଚିତତାକୁ ଧ୍ୟାନ ଦିଏ ନାହିଁ। ଏହି ଆଇନ୍ କେନ୍ଦ୍ର ସରକାରଙ୍କ ହାତରେ ନିଷ୍ପତ୍ତିକୁ କେନ୍ଦ୍ରୀଭୂତ କରେ। ଗ୍ରାମସଭା ଓ ପଞ୍ଚାୟତକୁ ଦୁର୍ବଳ କରେ। କେନ୍ଦ୍ରର ମଜୁରୀ ଅଂଶଦାନକୁ ପ୍ରାୟ ୯୦% ରୁ ୬୦% କମାଇ ରାଜ୍ୟ ଓ ଶ୍ରମିକଙ୍କ ଉପରେ ଆର୍ଥିକଭାର ଲଦି ଦେବ। କୃଷି ଋତୁରେ ମଧ୍ୟ ସୀମିତ ବଜେଟ ଯୋଗୁଁ କାମଧନ୍ଦା ନମିଳିବାର ଆଶଙ୍କା ସୃଷ୍ଟି ହେବ। ମଜୁରୀ ସୁରକ୍ଷାର ଶିଥିଳତା ଯୋଗୁଁ ରୋଜଗାର କମିବା ଥୟ ହେବ। ମଜୁରୀ କମିଲେ ଗ୍ରାମୀଣ ଦୁଃଖ ବଢ଼ିବ। ଭିବିଜୀରାମଜୀ କାର୍ଯ୍ୟକ୍ରମରୁ ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ନାମ କଟାଯିବା ଦ୍ୱାରା ଶ୍ରମର ମର୍ଯ୍ୟାଦା ପ୍ରତି ଅପମାନ ହୋଇଛି । ଗ୍ରାମୀଣ ଜୀବିକା ଉପରେ ଏହି ଆକ୍ରମଣର ଗମ୍ଭୀରତାକୁ ଧ୍ୟାନରେ ରଖି କଂଗ୍ରେସ ମନରେଗା ବଞ୍ଚାଅ ସଂଗ୍ରାମ ନାମକ ଦେଶବ୍ୟାପୀ ଜନ ଆନ୍ଦୋଳନ ଆରମ୍ଭ କରିଛି ବୋଲି ନେତାମାନେ କହିଥିଲେ। ଏଥିସହିତ ଧାନମଣ୍ଡିରେ ଚାଷୀମାନଙ୍କ ଧାନ କିଣିବାରେ ଯେଉଁ ସମସ୍ୟା ସୃଷ୍ଟି ହୋଇଛି କଂଗ୍ରେସ ଦଳ ତାର ମଧ୍ୟ ପ୍ରତିବାଦ କରିବା ସହିତ ପ୍ରଶାସନ ତାହା ଉପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ବୋଲି ଦାବି କରି ଗରୀବ, ଖଟିଖିଆ ଓ ଚାଷୀମାନଙ୍କ ପାଇଁ ଦଳର ପ୍ରତ୍ୟେକ ନେତା ଅଙ୍ଗୀକାର ବଦ୍ଧ ବୋଲି ଦଳ ପକ୍ଷରୁ କୁହାଯାଇଛି। ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ଜରିଆରେ କେନ୍ଦ୍ର ସରକାରଙ୍କୁ ଦାବିପତ୍ର ପ୍ରଦାନ ବେଳେ ଜିଲ୍ଲା କଂଗ୍ରେସ ସଭାପତି ଡା. ଦେବସ୍ମିତା ଶର୍ମା, ପୂର୍ବତନ ବିଧାୟିକା ଡ. ସିପ୍ରା ମଲ୍ଲିକ୍, ଫକୀର ଚରଣ ଖଟୁଆ, କିଷାନ କଂଗ୍ରେସ ସଭାପତି ଜୟଦେବ ପରିଡା, ପ୍ରଫୁଲ୍ଲ ଦାସ, ଭାଗିରଥି ଜେନା, ବିଭ୍ରାଂଶୁ ଶେଖର ଲେଙ୍କା, ବିଧୁଭୂଷଣ ମହାପାତ୍ର, ଆକବର ଅଲ୍ଲୀ, ସନ୍ତୋଷ ବେହେରା, ରବିନାରାୟଣ ବେହେରା, ହିମାଂଶୁ ଭୂଷଣ ନନ୍ଦ, ହରିଶ ପଟ୍ଟନାୟକ, ଜିତେନ୍ଦ୍ରନାଥ ଜେନା, ମଧୁସ୍ମିତା ବିଶ୍ୱାଳ, ସର୍ବେଶ୍ୱର ସେଠୀ, ତରନ୍ନୁମ ଆରା, ଦିଲ୍ଲିପ ପ୍ରଧାନଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଓ ନେତା ଉପସ୍ଥିତ ଥିଲେ।

# ଦ୍ୱିତୀୟ ସେମି ଫାଇନାଲ କ୍ରିକେଟ

**ଅନ୍ତରଙ୍ଗ,୫।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଅନ୍ତରଙ୍ଗ ମା ଶାରଳା ସ୍ପୋର୍ଟିଂ କ୍ଲବ ପକ୍ଷରୁ ନରେନ୍ଦ୍ର ଷ୍ଟାଡିୟମରେ ଖେଳା ଯାଇଥିବା ଦ୍ୱିତୀୟ ସେମି ଫାଇନାଲ କ୍ରିକେଟ ମ୍ୟାଚ୍‌ରେ ଦୁଇଟି ଟିମ ଢେଙ୍କାନାଳ କ୍ରିକେଟ କ୍ଲବ ଏବଂ ରୋଭର୍ସ କଟକ ସାମନା ସାମ୍ନି ହୋଇଥିଲେ। ଏହି ମ୍ୟାଚ୍‌ରେ ପ୍ରଥମେ ଟସ ଜିତି ଢେଙ୍କାନାଳ କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଙ୍ଗ କରି ସୂର୍ଯ୍ୟକାନ୍ତ ପ୍ରଧାନଙ୍କ ୩୫ବଲରେ ୫୭ରନ ଫଳରେ ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୫୮ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ଦ୍ୱିତୀୟରେ ବ୍ୟାଟିଂ କରି ରୋଭର୍ସ କଟକ ୧୬ଓଭର ଦୁଇଟା ବଲ ଖେଳି ସମସ୍ତ ଉଇକେଟ ହରାଇ ମାତ୍ର ୯୨ ରନ କରି ୬୬ରନରେ ପରାଜୟ ବରଣ କରିଥିଲା। ଢେଙ୍କାନାଳ କ୍ରିକେଟ କ୍ଲବ ପକ୍ଷରୁ ସୂର୍ଯ୍ୟକାନ୍ତ ପ୍ରଧାନ ୩୫ବଲରେ ୫୭ରନ କରି ମ୍ୟାନଅଫଦି ମ୍ୟାଚ୍ ବିବେଚିତ ହୋଇଥିଲେ। ପରାଜିତ ରୋଭର୍ଷ ଦଳକୁ ୧୦ ହଜାର ଟଙ୍କା ପୁରସ୍କୃତ କରାଯାଇଥିଲା। ଏହି ମ୍ୟାଚ୍‌କୁ ଡ୍ୟାନସିଂ ଅମ୍ପେୟାର ବବୁଲ ଏବଂ ଦିବ୍ୟଦର୍ଶୀ ଛାଟୋଇ ପରିଚାଳନା କରିଥିଲେ। ରାକେଶ ମହାନ୍ତି, ଦ୍ରୁପଦ ଭୋଳ ଭାଷ୍ୟକାର କାର୍ଯ୍ୟ ତୁଲାଇଥିବା ବେଳେ ମିଥୁନ ବେହେରା, ଶୁଭମ ବେହେରା, ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଅତିଥି ଭାବେ ସାମ୍ବାଦିକ, ବୃନ୍ଦାବନ ବିଶ୍ୱାଳ, ଅନିଲ ବାରିକ, ଅଲେଖ ବିଶ୍ୱାଳ, ସମାଜସେବୀ ଲିଙ୍ଗରାଜ ସାହୁ, ସୁକାନ୍ତ ସାହୁ, ଅଜିତ ବିଶ୍ୱାଳଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା ବୋଲି ମିଡ଼ିଆ ସେଲ ସମ୍ପାଦକ ପ୍ରକାଶ କୁମାର ନାୟକ ସୂଚନା ଦେଇଛନ୍ତି। ଆସନ୍ତା ୯ ତାରିଖରେ ଢେଙ୍କାନାଳ ଓ ଆଦିତ୍ୟ ୧୧ ସହିତ ଫାଇନାଲ ମୁକାବିଲା ହେବ ବୋଲି ପଡିଆ ଅଧିନାୟକ ବେଣୁଧର ସାହୁ ସୂଚନା ଦେଇଛନ୍ତି। ଫାଇନାଲ ମ୍ୟାଚ୍‌ରେ ଅତିଥି ଭାବେ ଓଡ଼ିଶା ସରକାରଙ୍କ ମନ୍ତ୍ରୀ, ମ୍ୟାନଗଣ ବ୍ୟକ୍ତି ବିଶେଷମାନେ ଯୋଗଦେବେ ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ମିଳିଛି।

ଶେଷ ପୃଷ୍ଠା

# ଓଡ଼ିଶା ଏକ୍ସପ୍ରେସ୍

କେନ୍ଦ୍ରାପଡ଼ା | 6th February, 2026 Friday | RNI Regd. No. ODIODI/2009/28880


## ରଙ୍ଗ ତା'ର ଗୋରା ନଥିଲା

ହେଲ୍‌ଥ



ଟନିକ୍

ରଙ୍ଗ ତା'ର ଗୋରା ନଥିଲା
ହେଲେ ସିଏ ଭାରି ସିମ୍ପୁଲ ଥିଲା
ବେଶୀ ଉଚ୍ଚା ନଥିଲା
ତେବେ ମୋ ପାଇଁ ଫିଟ୍ ଥିଲା।
ମତେ ପଛେ ପ୍ରେମ ନଦେଉ
କିନ୍ତୁ ମୋ ସହିତ ପାଦ ମିଳାଇ ଚାଲୁଥିଲା
ହେଲେ ମନ୍ଦିର ଭିତରକୁ କେବେ ଯାଉନଥିଲା
ମୁଁ ଫେରିବା ଯାଏ ବାହାରେ ମତେ ଅପେକ୍ଷା କରୁଥିଲା
ମୁଁ ଯୁଆଡ଼େ ଗଲେ ମୋ ପାଇଁ ଅଟକି ଯାଉଥିଲା
ହଠାତ୍ ଦିନେ କେଉଁ ପାମର ତାକୁ ଉଠାଇ ନେଲା...

ଲେଖାଟି ପଢ଼ି ସାରିବା ପରେ ବନ୍ଧୁ ପଚାରିଲା- ବଢ଼ିଆ ହୋଇଛି ତ ଏଇଟା ! ଇଏ କିଏ ?

କବି ବନ୍ଧୁ କହିଲା- ତୁ ତାକୁ ଅନେକଥର ଦେଖିଛୁ। ତୁମ ଘରକୁ ମୋ ସହିତ ଯାଇଛି ସିଏ। ହେଲେ ତମ ଘର ଭିତରକୁ କେବେ ଯାଇନି।

ଖାଲି ତମ ଘର କାହିଁକି ? କାଳେ ମୋ ବୋଉ ରାଗିବ
ଏଇ ଭୟରେ ଆମ ଘର ଭିତରେ ବି ପଶିନି।

ବନ୍ଧୁର ଧୈର୍ଯ୍ୟଚ୍ୟୁତି ହେଲା। ସେ ଉଦବେଳିତ ହୋଇ କହିଲା- ଆଉ ବେଶୀ ନାଟକ ନକରି କହ ସିଏ କିଏ ?

କବି ବନ୍ଧୁ କହିଲା- ମୋ ବାଦାମୀ ରଙ୍ଗର ଚପଲ ଥିଲା ସିଏ। କାଲି ସନ୍ଧ୍ୟାରେ ମନ୍ଦିର ବାହାରୁ ତାକୁ ନେଇଗଲା କିଏ।

## ଆଇସିସି କ'ଣ ଭାରତକୁ ବାହାର କରିପାରିଥାନ୍ତା: ହୁସେନ୍

ନୂଆଦିଲ୍ଲୀ,୫।୨
ଏକ୍ସପ୍ରେସ୍ ନ୍ୟୁଜ୍

ଥମିବାର ନା ନେଉନାହିଁ ଟି-୨୦ ବିଶ୍ୱକପ୍ ବିବାଦ। ଏହାରି ମଧ୍ୟରେ ଏହାକୁ ଆହୁରି ଜଟିଳ ଆଡ଼କୁ ଟାଣି ନେଉଛି ବ୍ୟକ୍ତିବିଶେଷଙ୍କ ବୟାନ। ଏହାରି ମଧ୍ୟରେ ପୂର୍ବତନ ଇଂଲଣ୍ଡ ଅଧିନାୟକ ନାସିର ହୁସେନ୍‌ଙ୍କ ଏକ ମନ୍ତବ୍ୟ କ୍ରିକେଟ ଜଗତରେ ନୂଆ ବିବାଦ ସୃଷ୍ଟି କରିଛି। ଭାରତ ପ୍ରତି ଆଇସିସି'ର ଆଭିମୁଖ୍ୟକୁ ନେଇ ସେ ପ୍ରଶ୍ନ ଉଠାଇଛନ୍ତି।

ଏକ ପୋଡ କାଷ୍ଟରେ ଆଲୋଚନା ବେଳେ ହୁସେନ୍ କହିଛନ୍ତି, "ଯଦି ଭାରତ ସରକାର କୌଣସି ଦେଶରେ ଖେଳିବାକୁ ମନା କରିଥାନ୍ତେ, ତେବେ ଆଇସିସି କ'ଣ ଭାରତକୁ ବିଶ୍ୱକପ୍ରୁ ବାହାର କରିଦେବାର ସାହସ କରିଥାନ୍ତା ?"



ସେ କହିଛନ୍ତି ଯେ ଆଇସିସି ସବୁ ଦଳ ପାଇଁ ସମାନ ନିୟମ ଆପଣାଇବା ଉଚିତ। ପାକିସ୍ତାନ, ବାଂଲାଦେଶ ଏବଂ ଭାରତକୁ ଭିନ୍ନ ଭିନ୍ନ ନଜରରେ ଦେଖିବା ଠିକ୍ ନୁହେଁ।

ସୁରକ୍ଷା କାରଣ ଦର୍ଶାଇ ଭାରତରେ ଖେଳିବାକୁ ବାଂଲାଦେଶ ମନା କରିବା ପରେ ଆଇସିସି ବାଂଲାଦେଶ ପରିବର୍ତ୍ତେ ସ୍କଟଲାଣ୍ଡକୁ ବିଶ୍ୱକପରେ ସ୍ଥାନ ଦେଇଛି। ବିସିସିଆଇ ନିର୍ଦ୍ଦେଶରେ ମୁସ୍ତାଫିଜୁର ରହମାନଙ୍କୁ ଆଇପିଏଲ୍ ହଟାଯିବା ପରେ ଏହି ବିବାଦ ଘନେଇଥିଲା। ବାଂଲାଦେଶରେ ହିନ୍ଦୁମାନଙ୍କ ଉପରେ ହେଉଥିବା ଆକ୍ରମଣକୁ ନେଇ ଭାରତୀୟ ବୋର୍ଡ ଏପରି ପଦକ୍ଷେପ ନେଇଥିବା ଚର୍ଚ୍ଚା ହେଉଛି।

ବାଂଲାଦେଶ ସହ ସଂହତି ପ୍ରକାଶ କରି ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ଆସନ୍ତା ଫେବୃଆରୀ ୧୫ରେ କଲମ୍ବୋରେ ଭାରତ ବିପକ୍ଷରେ ହେବାକୁ ଥିବା ହାଇଭୋଲ୍‌ଟେଜ୍ ମ୍ୟାଚକୁ ବୟକଟ୍ କରିବାକୁ ଘୋଷଣା କରିଛନ୍ତି।

ନାସିର ହୁସେନ୍‌ଙ୍କ ଏହି ମନ୍ତବ୍ୟକୁ ଅନେକ ସୋସିଆଲ ମିଡିଆ ବ୍ୟବହାରକାରୀ ସମାଲୋଚନା କରିଛନ୍ତି। ସେମାନେ ୨୦୦୩ ବିଶ୍ୱକପ୍ କଥା ମନେ ପକାଇ ଦେଇଛନ୍ତି, ଯେତେବେଳେ ଇଂଲଣ୍ଡ ନିଜେ ଜିମ୍ବାୱେ ସରକାରଙ୍କ ବିରୋଧରେ ସ୍ୱର ଉଠାଇ ମ୍ୟାଚ୍ ବୟକଟ୍ କରିଥିଲା। ହୁସେନ୍‌ଙ୍କ ମତରେ, ଭାରତ ପାଖରେ ଆର୍ଥିକ ଶକ୍ତି ଥାଇପାରେ, କିନ୍ତୁ ଶକ୍ତି ସହ ଦାୟିତ୍ୱବୋଧ ମଧ୍ୟ ଆସିବା ଉଚିତ।

## ବ୍ରାଉନସୁଗାର ଜବତ

କଟକ,୫।୨: ଏକ୍ସପ୍ରେସ୍ ନ୍ୟୁଜ୍

ବ୍ରାଉନସୁଗାର ବେପାର କରିବା ଅଭିଯୋଗରେ କେନ୍ଦ୍ରା□ଳ ଅବକାରୀ ଗୁଇନ୍ଦା ବିଭାଗ ଗୁରୁବାର ସ୍ଥାନୀୟ ସଦର ଥାନା ଅନ୍ତର୍ଗତ ଗୁରୁବାରୀ ସାହି ଗ୍ରାମ ରୋଡଠାରେ ଚଢ଼ାଉ କରି ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ, ସଦର ଥାନା ଅନ୍ତର୍ଗତ ଶ୍ରୀକୋରୁଆଁ ଅଂଚଳ ଗୁରୁବାରି ସାହିର ସାଗର ସାମଲ (୨୯) । ଅବକାରୀ ପୋଲିସ ଅଭିଯୁକ୍ତଠାରୁ ୯୫ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୧୦ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଏହି ଚଢ଼ାଉରେ ଅବକାରୀ ଏସଆଇ ବିଭୂତି ଭୂଷଣ ପ୍ରଧାନ, ଏଏସଆଇ କିଶୋର ଚନ୍ଦ୍ର ରାଉତ, କନେଷ୍ଟବଳ କିଶନ ସବୁତ, ଯୋଗେନ୍ଦ୍ର ସାହୁ ଓ ମାନସ ରଂଜନ ବେହେରା ପ୍ରମୁଖ ସାମିଲ ଥିଲେ।

## କେନ୍ଦ୍ରାପଡାରୁ କଟକ-ଭୁବନେଶ୍ୱର ରେଳ ଚଳାଚଳ ଦାବି

କେନ୍ଦ୍ରାପଡ଼ା,୫।୨
ଏକ୍ସପ୍ରେସ୍ ନ୍ୟୁଜ୍

କେନ୍ଦ୍ରାପଡ଼ା ଷ୍ଟେସନରୁ କଟକ ଓ ଭୁବନେଶ୍ୱରକୁ କୌଣସି ରେଳସେବା ନାହିଁ। କେବଳ ସକାଳ ୬ଟାରେ ପାରାଦୀପରୁ ଆସି କେନ୍ଦ୍ରାପଡ଼ା ଦେଇ କେନ୍ଦୁଝରକୁ ଯାଉଥିବା ଏକମାତ୍ର ରେଳ ଗଡୁଛି। ବାକି ସମୟରେ କୌଣସି ଯାତ୍ରୀବାହୀ ରେଳ ସେବା ନାହିଁ। ତେଣୁ ଷ୍ଟେଶନରେ କୁକୁର ଶୋଉଛନ୍ତି। କେନ୍ଦ୍ରାପଡ଼ା ଦେଇ ଦୈନିକ ୫୦ରୁ ଅଧିକ ମାଲବାହୀ ଟ୍ରେନ୍ ଗଡୁଛି। ହେଲେ ଯାତ୍ରୀବାହୀ ଟ୍ରେନ ଗଡୁନାହିଁ। କଟକ ଓ ଭୁବନେଶ୍ୱରକୁ ଲୋକଙ୍କ ପ୍ରତିଦିନ ଯିବା ଆସିବା କରିବାର ଆବଶ୍ୟକତା ରହିଛି। କଟକ ଭୁବନେଶ୍ୱରକୁ ବସରେ ଗଲେ ଲୋକେ ଅଧିକ ଟଙ୍କା ଦେଉଛନ୍ତି। କିନ୍ତୁ କେନ୍ଦ୍ରାପଡ଼ାରୁ କଟକ, ଭୁବନେଶ୍ୱର ଓ ପୁରୀକୁ ଟ୍ରେନ୍‌ରେ ଗଲେ ଅଳ୍ପ ଅର୍ଥ ଦେବାକୁ ପଡ଼ିବ ବୋଲି ସହରର ବୁଦ୍ଧିଜୀବୀମାନେ କହିଛନ୍ତି।

ସହରର ବୁଦ୍ଧିଜୀବୀ ସମୀର ଚାନ୍ଦ କହିଛନ୍ତି ସେ କୌଣସି କାର୍ଯ୍ୟରେ ଷ୍ଟେଶନ ଯାଇଥିଲେ। ହେଲେ ଷ୍ଟେଶନରେ କୌଣସି ଯାତ୍ରୀ ନଥିଲେ। ଫଳରେ କେତେକ କୁକୁର ଷ୍ଟେଶନରେ ଶୋଇଥିଲେ। ଏ ନେଇ ସେ ଷ୍ଟେଶନ ମାଷ୍ଟରଙ୍କୁ ନିବେଦନ କରିଥିଲେ କେନ୍ଦ୍ରାପଡ଼ାରୁ କଟକ ଓ ଭୁବନେଶ୍ୱର ଏବଂ ପୁରୀକୁ ଟ୍ରେନ୍ ଚଳାଚଳ କରିବା ପାଇଁ ସରକାରଙ୍କୁ ନିବେଦନ କରିବାକୁ। ହେଲେ ଷ୍ଟେଶନ ମାଷ୍ଟର କହିଥିଲେ ଏ ନେଇ ସରକାର ଯାହା ପ୍ରାବଧାନ କରିବେ। ଏଠାରୁ ଟ୍ରେନ୍ ଚଳାଚଳ କରିବା ନେଇ ପ୍ରାବଧାନ କରିବା ତାଙ୍କ କ୍ଷମତା ପରିସର ବାହାରେ। ସେହିପରି ଅନ୍ୟ ଜଣେ ବୁଦ୍ଧିଜୀବୀ ଭଜନସମ୍ରାଟ ସ୍ୱର୍ଗୀୟ ଭିକାରୀ ବଳଙ୍କ ସୁପୁତ୍ର ଅମୀୟ ବଳ କହିଛନ୍ତି ଏହି ଷ୍ଟେଶନରୁ ବିଶେଷ ଯାତ୍ରୀବାହୀ ଟ୍ରେନ୍ ଗଡୁ ନଥିବାରୁ ଷ୍ଟେଶନ ଥାଇ ଯାହା ନଥାଇ ତାହା ଭଳି ଅନୁଭବ ହେଉଛି। କାରଣ କେନ୍ଦ୍ରାପଡ଼ା ଲୋକଙ୍କ ବିଶେଷ କାମ କଟକ ଭୁବନେଶ୍ୱରରେ ରହୁଛି।

ସେହିପରି କେନ୍ଦ୍ରାପଡ଼ାରୁ ଅଧିକ ଭକ୍ତ ପୁରୀ ଯିବା ପାଇଁ ଇଚ୍ଛୁକ। ମା' ତାରିଣୀଙ୍କ ଲୋକେ ଏଠାରୁ ଯାଉଛନ୍ତି ତାହା ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ ପୁରୀକୁ ଭକ୍ତ ଯିବା ଆସିବା କରିବା ପାଇଁ ଟ୍ରେନ୍ ଗଡିବା ନିହାତି ଆବଶ୍ୟକ। କଟକରେ ହାଇକୋର୍ଟ ରହିଛି। ବିଭିନ୍ନ ମାଲି ମକଦ୍ଦମାରେ ଲୋକେ କଟକ ଯାଉଛନ୍ତି। ହେଲେ ବସରେ ଅଧିକ ଭଡ଼ା ଦେବାକୁ ପଡୁଛି। କିନ୍ତୁ ଟ୍ରେନ୍‌ରେ ସେହି ଭଡା ଅଧାରୁ କମ ହେବ। ସେହିପରି ଭୁବନେଶ୍ୱରକୁ ମଧ୍ୟ ବହୁ ଲୋକଙ୍କ ଯିବା ଆସିବା କରିବାର ଆବଶ୍ୟକତା ରହୁଛି। ତେଣୁ ଭୁବନେଶ୍ୱରକୁ ମଧ୍ୟ ଟ୍ରେନ୍ ଗଡିବାର ଆବଶ୍ୟକତା ରହିଛି। ହେଲେ କେନ୍ଦ୍ରାପଡ଼ା ଷ୍ଟେଶନରୁ ସେହି ସୁବିଧା ନ ଥିବାରୁ ଯାତ୍ରୀମାନେ ହଇରାଣ ହରକତ ହେଉଛନ୍ତି। ଏ ନେଇ ଉଭୟ ବୁଦ୍ଧିଜୀବୀ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ଓ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହି ଘଟଣାକୁ ନେଇ ଆଗାମୀ ଦିନରେ କେନ୍ଦ୍ରାପଡାବାସୀ ଆନ୍ଦୋଳନ କରିବେ ବୋଲି କେତେକ ବୁଦ୍ଧିଜୀବୀ କହିଛନ୍ତି।

## ଲୋକସଭାକୁ ନ ଆସିବା ଲାଗି ପ୍ରଧାନମନ୍ତ୍ରୀଙ୍କୁ କହିଥିଲି: ବାଚସ୍ପତି

ନୂଆଦିଲ୍ଲୀ,୫।୨
ଏକ୍ସପ୍ରେସ୍ ନ୍ୟୁଜ୍

ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବରେ ଉତ୍ତର ରଖିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ଲୋକସଭାକୁ ଆସିବାର ଥିଲା। ଅପରାହ୍ନ ୫ଟାରେ ଏଥିପାଇଁ ସମୟ ଧାର୍ଯ୍ୟ ହୋଇଥିବା ବେଳେ ଏହାର ଠିକ କିଛି ମିନିଟ ପୂର୍ବରୁ ଲୋକସଭାକୁ ମୁଲତବୀ ଘୋଷଣା କରି ଦିଆଯାଇଥିଲା। ବିରୋଧୀଙ୍କ ନାରାବାଜୀ ଓ ହଟ୍ଟଗୋଳ ଯୋଗୁ ଗୃହର ଅଧ୍ୟକ୍ଷ ଏପରି ପଦକ୍ଷେପ ନେଇଥିଲେ।

କିନ୍ତୁ ବିରୋଧୀ ଅଭିଯୋଗ କରିଛନ୍ତି ଯେ ସେମାନେ ଉଠାଉଥିବା ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ଡରି ପ୍ରଧାନମନ୍ତ୍ରୀ ମୋଦି ବୁଧବାର ଲୋକସଭାକୁ ଆସି ନଥିଲେ। ଏହି ପ୍ରସଙ୍ଗରେ ବରୋଧୀ ଘନଘନ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଟାର୍ଗେଟ କରୁଥିବାରୁ ଏହା ଉପରେ ବଡ ବୟାନ ରଖିଛନ୍ତି ଲୋକସଭା ବାଚସ୍ପତି ଓମ ବିର୍ଲା। ତାଙ୍କ କହିବା କଥା କଥା ଯେ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ ପୂର୍ବରୁ ବିରୋଧୀ ଦଳର ସଦସ୍ୟମାନେ ତାଙ୍କ ଆସନକୁ ଘେରି ଯାଇଥିଲେ। କିଛି ଅପ୍ରତ୍ୟାଶିତ ଘଟଣା ଘଟିବାର ଆଶଙ୍କା ଥିବାରୁ ସେ ନିଜେ ହିଁ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଲୋକସଭା ନ ଆସିବାକୁ ପରାମର୍ଶ ଦେଇଥିଲେ।

ଏହାପୂର୍ବରୁ ବୁଧବାର ବିଜେପି ସାଂସଦ ମନୋଜ ତିୱାରୀ ମଧ୍ୟ ପାଖାପାଖି ସମାନ କଥା କହିଥିଲେ। ସେ କହିଥିଲେ ଯେ ବିରୋଧୀ ଦଳର ମହିଳା ସଦସ୍ୟାମାନେ ପ୍ରଧାନମନ୍ତ୍ରୀଙ୍କ ଆସନକୁ ଘେରାଉ କରିବା ସହ ତାଙ୍କୁ ଆକ୍ରମଣ କରିବାକୁ ଯୋଜନା କରିଥିଲେ। ଏଥିପାଇଁ ପ୍ରଧାନମନ୍ତ୍ରୀ ଗୃହକୁ ଆସି ନଥିଲେ।

ଆଜି ବାଚସ୍ପତି ଓମ ବିର୍ଲା। ପ୍ରଧାନମନ୍ତ୍ରୀ ଆସିଥିଲେ ଗୃହରେ ଆଶା କରା ଯାଉ ନଥିବା କୌଣସ ଅଘଟଣ ଘଟିବାର ଆଶଙ୍କା ରହିଥିବା ମତ ରଖିଛନ୍ତି। ସେ କହିଛନ୍ତି, "ପାରମ୍ପରିକ ଭାବେ ରାଜନୀତିକ ମତପାର୍ଥକ୍ୟକୁ ସଂସଦ ଭିତରକୁ ଆଣିବା କଥା ନୁହେଁ।

ମୁଁ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲି ଯେ କିଛି କଂଗ୍ରେସ ସଦସ୍ୟ ପ୍ରଧାନମନ୍ତ୍ରୀଙ୍କ ଆସନ ଆଡକୁ ଯାଇ ପାରନ୍ତି ଓ କିଛି ଅପ୍ରତ୍ୟାଶିତ ଘଟଣା ଘଟାଇ ପାରନ୍ତି। ଏପରି କିଛି ଦୃଶ୍ୟକୁ ମୁଁ ଗୃହ ମଧ୍ୟରେ ଦେଖିବାକୁ ପାଇଥିଲି। ଯଦି କୌଣସି ଅପ୍ରତ୍ୟାଶିତ ଘଟଣା ଘଟିଥାଆନ୍ତା, ତା'ହେଲେ ଏହା ଦେଶର ସମ୍ମାନକୁ ଗଭୀର ଭାବେ କ୍ଷତି ପହଞ୍ଚାଇ ଥାଆନ୍ତା। ଏହି କାରଣ ପାଇଁ ମୁଁ ପ୍ରଧାନମନ୍ତ୍ରୀଙ୍କୁ ସଂସଦ ନ ଆସିବାକୁ ନିବେଦନ କରିଥିଲି।"

## ୭ ସୁନା ଚେନ ଓ ବାଇକ୍ ଜବତ: ୩ ଗିରଫ

କଟକ,୫।୨
ଏକ୍ସପ୍ରେସ୍ ନ୍ୟୁଜ୍

ମହିଳାଙ୍କ ବେକରୁ ସୁନା ଚେନ ଲୁଟ କରିବା ଘଟଣାରେ କମିଶନରେଟ ପୋଲିସ ଜଣେ ଲୁଟେରା ସମେତ ୩ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ କଟକ ଜିଲ୍ଲା ନେମାଳ ଥାନା ଅନ୍ତର୍ଗତ ବଳରାମପୁର ଗ୍ରାମର ଲୁଟେରା ବିଶାଳ ମଲ୍ଲିକ (୨୨) ଓ କଟକ ଜିଲ୍ଲା ମର୍କତନଗର ଥାନା ଅନ୍ତର୍ଗତ ସିଡ଼ିଏ ସେକ୍ଟର ୭ ଅଂଚଳର କ୍ରେତା ପ୍ରଭାକର ସାମନ୍ତ (୩୨) ଏବଂ କଟକ ଜିଲ୍ଲା ମାହାଙ୍ଗା ଥାନା ଅନ୍ତର୍ଗତ ଭାନାରାଗ ଗ୍ରାମର କ୍ରେତା କାହ୍ନୁ ଓରଫ ହରେକୃଷ୍ଣ ସାହୁ (୩୧) । ପୋଲିସ ଅଭିଯୁକ୍ତଙ୍କ ନିକଟରୁ ୭ଟି ସୁନା ଚେନ ଓ ଗୋଟିଏ ବଜାଜ ପଲସର ମୋଟର ସାଇକେଲ ଜବତ କରିଥିବା କଟକ ଡିସିପି ରିଶିକେଶ ଖିଲାରୀ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି ।

ମିଳିଥିବା ସୂଚନା ଅନୁଯାୟୀ ଗତ ଅକ୍ଟୋବର ୧୮ ତାରିଖ ରାତି ୮ଟା ସମୟରେ ଲକ୍ଷ୍ମଣପୁରରୁ ତାଙ୍କ ସ୍ୱାମୀଙ୍କ ସହିତ ଫେରୁଥିବା ସମୟରେ ବିରୂପା ବ୍ୟାରେଜ ପରିବା ବଜାର ନିକଟରେ ୨ ଜଣ ଅଜଣା ଦୁର୍ବୃ□ ସନ୍ଧ୍ୟାରାଣୀ ପତି (୫୦)ଙ୍କର ବେକରୁ ଏକ ୨୩ଗ୍ରାମ ଓଜନର ସୁନା ଚେନ ଝାମ୍ପି ନେଇ ପଳାଇଥିଲେ । ଅଭିଯୁକ୍ତମାନେ ଏକ ବାଇକରେ ଜଗତପୁର ଆଡ଼କୁ ପଳାଇ ଯାଇଥିଲେ। ଏ ନେଇ ମହିଳା ଜଣକ ଚୌଦ୍ୱାର ଥାନାରେ ଏକ ଲିଖିତ ଅଭିଯୋଗ ଦାୟର କରିଥିଲେ । ଏହି ଏତଲାକୁ ଆଧାର କରି ପୋଲିସ ଏକ ମାମଲା ରୁଜୁ କରି ଏକ ସ୍ୱତନ୍ତ୍ର ଦଳ ଗଠନ କରି ଘଟଣା ତଦନ୍ତ ଆରମ୍ଭ କରିଥିଲା। ପୋଲିସ ଉପଲବ୍ଧ ପ୍ରବେଶ ଓ ପ୍ରସ୍ଥାନ ପଥର ସିସିଟିଭି ଫୁଟେଜକୁ ଯାଂଚ କରି ଅଭିଯୁକ୍ତମାନଙ୍କୁ ଧରିବାରେ ସଫଳ ହୋଇଥିଲା । ଅଭିଯୁକ୍ତମାନଙ୍କ ନାଁରେ ଚୌଦ୍ୱାର, ଜଗତପୁର ଓ କଟକ ସଦର ଥାନାରେ ୬ଟି ମାମଲା ରହିଥିବା ପୋଲିସ ସୂଚନା ଦେଇଛି । ପଚରା ଉଚରା ବେଳେ ଅଭିଯୁକ୍ତମାନେ ଚୌଦ୍ୱାର, ଜଗତପୁର, ସଦର ଥାନା ଅଂଚଳ ସହିତ କଟକ ୟୁପିଡ଼ି ଏବଂ ଭୁବନେଶ୍ୱର ୟୁପିଡ଼ି ଅନ୍ତର୍ଗତ ଅନ୍ୟାନ୍ୟ ଥାନା ଅଂଚଳରେ ସୁନା ଚେନ ଛିନତାଇ ଓ ଡକାୟତି ମାମଲାରେ ସଂପୃକ୍ତ ଥିବା ପୋଲିସ ନିକଟରେ ସ୍ୱୀକାର କରିଛନ୍ତି । ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି । ମାମଲାର ତଦନ୍ତ ଜାରି ରହିଛି ।

## ରାସ୍ତା ଆଲୋକୀକରଣ ପାଲଟିଲା ପ୍ରହସନ
## ଚାରିମାସ ବି ଜଳିଲାନି

ରାଜକନିକା,୫।୨: ଏକ୍ସପ୍ରେସ୍ ନ୍ୟୁଜ୍

ଗ୍ରାମାଞ୍ଚଳକୁ ସହରାଞ୍ଚଳର ପରିବେଶ ସୃଷ୍ଟି କରିବା ଲକ୍ଷ୍ୟରେ ସରକାର ଗମନା ଗମନ ସୁଗମ୍ୟ କରିବା ଦିଗରେ ୱାର୍ଡ ସ୍ତରରୁ ପଞ୍ଚାୟତ ସ୍ତର ପର୍ଯ୍ୟନ୍ତ ସମସ୍ତ ପଥପାର୍ଶ୍ୱ ଆଲୋକୀ କରଣ କରାଯାଇଥିଲା । ହେଲେ ସରକାର କା ମାଲ୍ ଦରିଆମେ ଡାଲ୍ ନ୍ୟାୟରେ କେବଳ ଲାଇଟ୍ ପୋଷ୍ଟ ଗୁଡିକ ଦିନରେ ଶୋଭା ମଣ୍ଡନ କରିବା ବ୍ୟତୀତ ପତାକା ବନ୍ଧା, ଟେଲିଫୋନ କେବୁଲ୍ ଓ ବିଭିନ୍ନ ହୋଡିଂ ବନ୍ଧାହେବା ସାହାଯ୍ୟରେ ଆସୁଛି । ୨୦୧୯-୨୦ ଆର୍ଥିକ ବର୍ଷରେ ତତ୍କାଳୀନ ରାଜ୍ୟସଭା ସାଂସଦ ପ୍ରତାପ କେଶରୀ ଦେବଙ୍କ ଦ୍ୱାରା ରାଜ୍ୟସଭା ଉନ୍ନୟନ ପାଣ୍ଠି ଅନୁଦାନରେ କେନ୍ଦ୍ରାପଡା ଜିଲ୍ଲା ରାଜକନିକା ବ୍ଲକ ମୁଖ୍ୟ ବ୍ୟବସାୟ ପେଣ୍ଠସ୍ଥଳ କଣ୍ଟାପଡା ବଜାର ମଧ୍ୟରେ ପଥପାର୍ଶ୍ୱ ଉଜ୍ଜ୍ୱଳ ଆଲୋକୀ କରଣ (ଷ୍ଟ୍ରିଟ୍ ଲାଇଟ୍) ଲଗାଯାଇଥିଲା। ଯାହା ଠିକ୍ ପଞ୍ଚାୟତ ନିର୍ବାଚନର ଅବ୍ୟବହିତ ପୂର୍ବରୁ ବିଧାୟକ ଶ୍ରୀ ଦେବଙ୍କ ଦ୍ୱାରା ୨୦୨୨ ମସିହା ଜାନୁଆରୀ ୧ ତାରିଖ ଦିନ ଉଦଘାଟନ ହୋଇଥିଲା। ଚନ୍ଦନ ପୋଖରୀ ଛକ ଠାରୁ କଣ୍ଟପଡା ବଜାର ମଧ୍ୟ ଦେଇ ଆରସା ଛକ ପର୍ଯ୍ୟନ୍ତ ୫୭ଟି ଲାଇଟ୍ ପୋଷ୍ଟ ଲଗାଯାଇଥିଲା । କିଛି ଦିନ ମଧ୍ୟ ଖୁବ୍ ଭଲରେ ଜଳିଥିଲା। କିଛି ଦିନ ପରେ ଲାଇଟ୍‌ଗୁଡିକ ଲିଭି ଯାଇଥିଲା । ତତ୍କାଳୀନ କଣ୍ଟପଡା ପଞ୍ଚାୟତ ସରପଞ୍ଚଙ୍କ ଅଭିଯୋଗ କ୍ରମେ ଇଲେକ୍ଟ୍ରିକ୍ ବିଲ ବକେୟା ଥିବା ନେଇ ସଂଯୋଗ ବିଚ୍ଛିନ୍ନ ହୋଇଥିବା ଜାଣିବାକୁ ମିଳିଥିଲା। ତେବେ ସମସ୍ୟାର ସମାଧାନ ନ ହେବା ପୂର୍ବରୁ ମେଗା ଇଂଜିନିୟରିଂ କମ୍ପାନୀ ଦ୍ୱାରା ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାକୁ ଯାଉଥିବା ମେଗା ପାନୀୟ ଜଳ ପ୍ରକଳ୍ପର ପାଇପ୍ ମାଟିତଳେ ପୋତା ଯିବା ଫଳରେ ବହୁ ପ୍ରତିକ୍ଷୀତ କଟକ-ଚାନ୍ଦବାଲି ରାଜ୍ୟ ରାଜପଥ (ଏସଏଚ-୯ଏ)ର ନୂତନ ଭାବେ ପ୍ରଶସ୍ତୀକରଣ କରାଯାଇଥିବା ରାସ୍ତାର ସାଇଡ୍ (ପାଣି ନାଳ) ଭାଙ୍ଗିବା ସହ କିଛି ଲାଇଟ୍ ପୋଷ୍ଟର ମୂଳ ଭାଙ୍ଗି ଦିଆଯାଇଥିଲା। କିଛି ଲାଇଟ୍ ପୋଷ୍ଟ ଭାଙ୍ଗିଯିବା ସହ ବିଛା ଯାଇଥିବା ଇଲେକ୍ଟ୍ରିକ୍ କେବୁଲ୍ ମଧ୍ୟ ଛିଡି ନଷ୍ଟ ହୋଇଯାଇଥିଲା। ଅବଶ୍ୟ ପରେ ମେଗା ଇଂଜିନିୟରିଂ କମ୍ପାନୀ ଦ୍ୱାରା କାମଚଳା ରିପ୍ୟାରିଂ କରାଯାଇ ଷ୍ଟ୍ରିଟ୍ ଲାଇଟକୁ ମରାମତି କରି ଦାୟିତ୍ୱ ସାରି ଦେଇଥିଲେ। ସେବେଠାରୁ କିଛି ଦିନ ପାଇଁ ଏହି ଲାଇଟ ଜଳିଥିଲା। ହେଲେ ସାଧାରଣ ନିର୍ବାଚନ-୨୦୨୪ର ଦୁଇମାସ ପୂର୍ବରୁ ଏହା ଜଳିବା ବନ୍ଦ ହୋଇଯାଇଥିଲା। ତେବେ କଣ୍ଟାପଡ଼ା ବଜାର ପକ୍ଷରୁ ସତ୍ୟନାରାୟଣ ବଣିକ ସଂଘ ସକ୍ରିୟ ଭାବେ ଲାଇଟ୍ ଜଳାଇବା ପାଇଁ ପ୍ରୟାସ ଆରମ୍ଭ କରି କମିଟି ଦ୍ୱାରା ଅର୍ଥ ଖର୍ଚ୍ଚ କରି ଜଳାଇଥିଲେ ମଧ୍ୟ ଯଥା ପୂର୍ବ, ତଥା ବର୍ତ୍ତମାନ ଅବସ୍ଥାରେ ପଡ଼ିରହିଛି। ଏପରି ଦୀର୍ଘ ବର୍ଷ ଧରି ଅନ୍ଧାର ରହିବା ଏବଂ ରାସ୍ତା ଉପରେ ଗୋରୁ ଗାଇ ଷଣ୍ଢ ଶୋଉଥିବା ଫଳରେ ପଥଚାରୀ ତଥା ଯାତାୟତ କରୁଥିବା ଶହ ଶହ ସଂଖ୍ୟାର ଦୁଇ ଚକିଆ, ତିନି ଚକିଆ, ଚାରିଚକିଆ ଓ ବସ ଟ୍ରକ ଆଦି ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏମିତିକି ଦୈନନ୍ଦିନ ଛୋଟବଡ ଦୁର୍ଘଟଣା ମଧ୍ୟ ଘଟୁଛି। ଏନେଇ ନେଇ ବ୍ଲକସ୍ତରୀୟ ଜନ ଅଭିଯୋଗ ଶୁଣାଣୀରେ ଏକାଧିକ ବାର ଅଭିଯୋଗ ହୋଇଛି । ପ୍ରଥମେ ତତ୍କାଳୀନ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଦ୍ୱିତୀୟରେ ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ ଓ ତୃତୀୟରେ ବର୍ତ୍ତମାନ ଜିଲାପାଳ ରଘୁରାମ ଆର୍ ଆୟାରଙ୍କ ଭେଟି ଲିଖିତ ଅଭିଯୋଗ ମଧ୍ୟ କରାଯାଇଛି । ଜିଲ୍ଲାପାଳ ମହୋଦୟ ତୁରନ୍ତ ସମସ୍ୟାର ସମାଧାନ ପାଇଁ ତତ୍କାଳୀନ ବିଡ଼ିଓ ଓ ବର୍ତ୍ତମାନ ବିଡ଼ିଓଙ୍କୁ ଦାୟିତ୍ୱ ଦେଇଥିଲେ । ଏ ସମ୍ପର୍କରେ ବିଡ଼ିଓ କୈଳାସ ଚନ୍ଦ୍ର ମହାଲିକଙ୍କୁ ପଚାରିବାରେ, ଆପାତତ ୬ରୁ ୭ ଲକ୍ଷ ଟଙ୍କାର ଏଷ୍ଟିମେସନ ହୋଇଛି। ଚଳିତ ଆର୍ଥିକବର୍ଷ ସରିବାକୁ ଯାଉଛି ଏଥର ଫଣ୍ଡ ନାହିଁ, ଆସନ୍ତା ଏପ୍ରିଲ ମାସରେ ଏହାର କାର୍ଯ୍ୟ ଆରମ୍ଭ ହେବ ବୋଲି କହିଥିଲେ। ତେବେ ସରକାରୀ ରାଜକୋଷ ଲୁଟ କରି ଠିକାଦାର ଫାଇଦାରେ ଲଗା ଯାଉଥିବା ତମାମ ବ୍ଲକର ଷ୍ଟ୍ରିଟଲାଇଟ ଏହି ଅଚଳ ଅବସ୍ଥାରେ ଥିବା ପରେ ମରାମତି ହେଉ ନ ଥିବା ଭଳି ଘଟଣାରେ ଠିକା ସଂସ୍ଥାର ଗ୍ୟାରେଣ୍ଟି ରହୁ ନ ଥିବାରୁ ଆଲୋକୀକରଣ ନାଁ ରେ ଲୋକଙ୍କ କର ଟିକସ ଅର୍ଥ ଆତ୍ମସାତ ହେବା ଘଟଣାର ତ୍ୱରିତ ସମାଧାନ କରିବାକୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି ହୋଇଛି ।

## ପ୍ରଥମ ପୃଷ୍ଠାରୁ...

### କାହାକୁ ମିଳିଲା...

ସଚିବ ଦାୟିତ୍ୱ ସହ ଅତିରିକ୍ତ ଭାବେ ବିଜ୍ଞାନ ଓ କାରିଗର କୌଶଳ ବିଭାଗ ଏବଂ ଭୁବନେଶ୍ୱରସ୍ଥିତ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ମହାନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ।

୧୯୯୬ ବ୍ୟାଚ୍ ଆଇଏଏସ୍ ଅରବିନ୍ଦ କୁମାର ପାଢ଼ୀଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଭାବେ ବଦଳି କରାଯାଇଛି। ସେ ଅତିରିକ୍ତ ଭାବେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ମୁଖ୍ୟ ପ୍ରଶାସକ ଦାୟିତ୍ୱ ମଧ୍ୟ ତୁଲାଇବେ।

ଅତିରିକ୍ତ ମୁଖ୍ୟ ସଚିବ ଉଷା ପାଢ଼ୀଙ୍କୁ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ସହ ଇଡକୋ ଅଧ୍ୟକ୍ଷ ଭାବେ ଅବସ୍ଥିତ କରାଯାଇଛି।

୧୯୯୭ ବ୍ୟାଚ୍ ଆଇଏଏସ୍ ତଥା ମତ୍ସ୍ୟ ଓ ପଶୁସମ୍ପଦ ବିଭାଗର ପ୍ରମୁଖ ସଚିବ ସୁରେଶ କୁମାର ବଶିଷ୍ଠଙ୍କୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ପ୍ରମୁଖ ସଚିବ ଭାବେ ବଦଳି କରାଯାଇଛି।

ସେହିପରି ୧୯୯୯ ବ୍ୟାଚ୍ ଆଇଏଏସ୍ ସଚିବ ଶୁଭା ଶର୍ମାଙ୍କଠୁ ମହିଳା ଓ ଶିଶୁ ବିକାଶ ବିଭାଗ କାଢ଼ି ନିଆଯାଇ କେବଳ ଜଳସମ୍ପଦ ବିଭାଗର ପ୍ରମୁଖ ସଚିବ ଦାୟିତ୍ୱ ତୁଲାଇବାକୁ ନିର୍ଦ୍ଦେଶ ଦିଆଯାଇଛି।

୧୯୯୯ ବ୍ୟାଚ୍ ଆଇଏଏସ୍ ଏନବିଏସ୍ ରାଜପୁତଙ୍କୁ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ ଭାବେ ବଦଳି କରାଯାଇଛି । ସେ ଓଡିଶା ରାଜ୍ୟ ସଡକ ପରିବହନ ନିଗମ(ଓଏସଆରଟିସି)ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରବେ ।

ସେହିପରି ପଂଚାୟତିରାଜ ଓ ପାନୀୟ ଜଳ ବିଭାଗର ସଚିବ ୨୦୦୨ ବ୍ୟାଚ୍ ଆଇଏଏସ୍ ଏସଏନ ଗିରିଶଙ୍କୁ ଓଡିଶା ଖଣି ନିଗମ(ଓଏମସି)ର ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ ହୋଇଛି।

୨୦୦୨ ବ୍ୟାଚ୍ ଆଇଏଏସ୍ ଡାକ୍ତର ମୃଣାଳିନୀ ଦର୍ଶୱାଲ ଦୀର୍ଘବର୍ଷ ପରେ ଭୁବନେଶ୍ୱର ଫେରିଛନ୍ତି। ନୂଆଦିଲ୍ଲୀରେ ସ୍ୱତନ୍ତ୍ର ଆବାସିକ କମିଶନର ଭାବେ କାର୍ଯ୍ୟ କରୁଥିବା ମୃଣାଳିନୀଙ୍କୁ ମହିଳା ଓ ଶିଶୁ ବିକାଶ ବିଭାଗର ସଚିବ ଭାବେ ବଦଳି କରାଯାଇଛି ।

ସେହିପରି ୨୦୦୫ ବ୍ୟାଚ୍ ଆଇଏଏସ୍ ରାଜେଶ ପ୍ରଭାକର ପାଟିଲଙ୍କୁ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ପଦରୁ ହଟାଇ ଦିଆଯାଇଛି। ସେ ରାଜ୍ୟ ସମବାୟ ବିଭାଗର ସଚିବ ଭାବେ କାର୍ଯ୍ୟ କରିବା ସହ ଅତିରିକ୍ତ ଭାବେ ଓଡିଶା ରାଜ୍ୟ ପଣ୍ୟାଗାର ନିଗମ ଅଧ୍ୟକ୍ଷ, ସ୍ୱତନ୍ତ୍ର ରିଲିଫ କମିଶନର ଓ ଓସଡମା ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ।

ପର୍ଯ୍ୟଟନ ବିଭାଗ ସଚିବ ୨୦୦୭ ବ୍ୟାଚ୍ ଆଇଏଏସ୍ ବଳବନ୍ତ ସିଂଙ୍କୁ ଅତିରିକ୍ତ ଭାବେ ଓଡିଶା ରାଜ୍ୟ ରାଜପଥ ପ୍ରାଧିକରଣର ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱ ନ୍ୟସ୍ତ ହୋଇଛି।

୨୦୦୭ ବ୍ୟାଚ୍ ଆଇଏଏସ୍ ସଚିନ ରାମଚନ୍ଦ୍ର ଯାଦବଙ୍କୁ କୃଷି ଓ କୃଷକ କଲ୍ୟାଣ ବିଭାଗର ସଚିବ ଭାବେ ବଦଳି କରାଯାଇଛି । ସେ ଅତିରିକ୍ତ ଭାବେ କ୍ରୀଡା ଓ ଯୁବସେବା ବିଭାଗର ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ।

ଓଡିଶା ଖଣି ନିଗମର ପରିଚାଳନା ନିର୍ଦ୍ଦେଶକ ୨୦୧୦ ବ୍ୟାଚ୍ ଆଇଏଏସ୍ ସୁଧାଂଶୁ ମୋହନ ସାମଲଙ୍କୁ କଟକ କେନ୍ଦ୍ରାଂଚଳ ଆରଡିସି ଭାବେ ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ କରାଯାଇଛି।

ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣ, ଓରସାକ୍ ଓ ଷ୍ଟାର୍ଟଅପ୍ ଓଡିଶା ସିଇଓ ତଥା ୨୦୧୦ ବ୍ୟାଚ୍ ଆଇଏଏସ୍ ରଶ୍ମିତା ପଣ୍ଡାଙ୍କୁ ଭୁବନେଶ୍ୱର ଉନ୍ନୟନ ପ୍ରାଧିକରଣ(ବିଡିଏ) ଉପାଧ୍ୟକ୍ଷ ଭାବେ ନିଯୁକ୍ତି ମିଳିଛି। ସେ ଅତିରିକ୍ତ ଦାୟିତ୍ୱ ଭାବେ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଓ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ଦାୟିତ୍ୱ ତୁଲାଇବେ।

ମତ୍ସ୍ୟ ନିର୍ଦ୍ଦେଶକ ୨୦୧୦ ବ୍ୟାଚ୍ ଆଇଏଏସ୍ ସିଦ୍ଦିକ ଆଲମଙ୍କୁ ସାଧାରଣ ଉଦ୍ୟୋଗ ବିଭାଗର ସଚିବ ଭାବେ ବଦଳି କରିଛନ୍ତି। ସେ ଭୁବନେଶ୍ୱର କୁଟ୍ ପରିଚାଳନା ନିର୍ଦ୍ଦେଶକର ଅତିରିକ୍ତ ଦାୟିତ୍ୱ ମଧ୍ୟ ତୁଲାଇବେ।

୨୦୧୦ ବ୍ୟାଚ୍ ଆଇଏଏସ୍ ମାନସୀ ନିମ୍ଭଲଙ୍କୁ ମିଶନ ଶକ୍ତି ବିଭାଗର ସଚିବ ଭାବେ ବଦଳି କରାଯାଇଛି। ସେହି ବ୍ୟାଚର ଆଇଏଏସ୍ ପ୍ରେମଚନ୍ଦ୍ର ଚୌଧୁରୀଙ୍କୁ ମତ୍ସ୍ୟ ଓ ପଶୁସମ୍ପଦ ବିଭାଗର ସଚିବ ଭାବେ ବଦଳି କରାଯାଇଛି।

ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବ ୨୦୧୨ ବ୍ୟାଚ୍ ଆଇଏଏସ୍ ଅନୁପମ ଶାହଙ୍କୁ ଓଡିଶା ବ୍ରିଜ୍ ଓ କନଷ୍ଟ୍ରକ୍ସନ୍ ନିଗମ(ଓବିସିସି)ର ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ମିଳିଛି।

ଦକ୍ଷିଣାଂଚଳ ଆରଡିସି ୨୦୧୨ ବ୍ୟାଚ୍ ଆଇଏଏସ୍ ସଂଗ୍ରାମ କେଶରୀ ମହାପାତ୍ରଙ୍କୁ ସମ୍ବଲପୁରସ୍ଥିତ ଉତ୍ତରାଂଚଳର ଇନଚାର୍ଜ ଆରଡିସି ଓ ପଶ୍ଚିମାଂଚଳ ବିକାଶ ପରିଷଦର ଇନଚାର୍ଜ ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବାକୁ କୁହାଯାଇଛି।

### ଚୋରାମଦ ଜବତ...

ଗ୍ରାମର ବିକାଶ ମଲିକ(୩୨)ଙ୍କ ଠାରୁ ୧୮ ଲିଟର ବିଦେଶୀ ମଦ, ପୋଖରିଆପଡ଼ା ଗ୍ରାମର ସନାତନ ମଲିକ(୪୫)ଙ୍କ ଠାରୁ ୧୬ ଲିଟର ବିଦେଶୀ ମଦ, ନିତନପୁର ଗ୍ରାମର ପ୍ରଶାନ୍ତ ପ୍ରଧାନ(୨୫)ଙ୍କ ଠାରୁ ୩୮ ଲିଟର ରନ୍ଧା ଦେଶୀ ମଦ, ପ୍ରଭାକରପୁର ଗ୍ରାମର ବାସନ୍ତୀ ମଣ୍ଡଳ(୩୫)ଙ୍କ ଠାରୁ ୫୨୦ ଲିଟର ଗୁଡ ପୋଚ, ପ୍ରକାଶ ଖିଲର(୪୧)ଙ୍କ ଠାରୁ ୩୯୦ ଲିଟର ଗୁଡପୋଚ ଓ ସୁକାନ୍ତି ମାରଣ୍ଡୀ (୩୫)ଙ୍କ ଠାରୁ ୪୨୫ ଲିଟର ଗୁଡ ପୋଚ, ପଞ୍ଚନପଡା ଗ୍ରାମର ଅକ୍ଷଜ ଜେନା(୪୨)ଙ୍କ ଠାରୁ ୨୨ ଲିଟର ବିଦେଶୀ ମଦ, ସାନଙ୍କ ଗ୍ରାମର ରବୀନ୍ଦ୍ର ନାଥ(୪୩)ଙ୍କ ଠାରୁ ୩୧ ଲିଟର ବିଦେଶୀ ମଦ, ବାହମଣ୍ଡ ଗ୍ରାମର ଅନୁଜ ନାୟକ(୫୩)ଙ୍କ ଠାରୁ ୨୫ ଲିଟର ବିଦେଶୀ ମଦ ଓ ଅମିୟ କୁମାର ବିଶ୍ୱାଳ(୪୬)ଙ୍କ ଠାରୁ ୩୩ ଲିଟର ବିଦେଶୀ ମଦ, ପଧାନ ପଟକିରା ଗ୍ରାମର ବୈକୁଣ୍ଠ ମଲିକ(୪୫)ଙ୍କ ଠାରୁ ୧୯ ଲିଟର ଦେଶୀ ରନ୍ଧା ମଦ, ବିନ୍ଧସହି ଗ୍ରାମର ଗୌତମ ପ୍ରଧାନ(୫୦) ଙ୍କ ଠାରୁ ୨୪ ଲିଟର ବିଦେଶୀ ମଦ ଓ ବଡହଟ ଗ୍ରାମର କୁମୁଦିନୀ ମହାରଣା(୪୧)ଙ୍କ ଠାରୁ ୧୫ ଲିଟର ବିଦେଶୀ ମଦ ଜବତ କରାଯାଇ ସେମାନଙ୍କୁ ଗିରଫ କରାଯାଇଛି। ସେମାନଙ୍କ ପାଖରୁ ସମୁଦାୟ ୧୫୭୬ଲିଟର ଚୋରା ବିଦେଶୀ ଓ ଦେଶୀ ରନ୍ଧା ମଦ ଜବତ କରାଯାଇ ୩ ମହିଳାଙ୍କ ସମେତ ୧୩ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଅବକାରୀ ଉପନିରୀକ୍ଷକ ପ୍ରିୟଦର୍ଶୀ ମାନସରଞ୍ଜନ ମିଶ୍ର, ଛାୟାକାନ୍ତ ନାୟକ, ସୁଶ୍ରୀ କଳ୍ପନା ରାଉତ, ସହକାରୀ ଉପନିରୀକ୍ଷକ ଜଗନ୍ନାଥ ବେଶ୍ରା, ସୁନିଲ କୁମାର ମିଶ୍ର, ପ୍ରଦୀପ କୁମାର ମଲିକଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ।

### ୧୭ରୁ କଟକରେ...

ଯାହା ଦ୍ୱାରା ଜନ ଗଣନା ସମ୍ବର୍ଦ୍ଧିତ ବିଭିନ୍ନ ବାସ୍ତବ ତଥ୍ୟ ଜଣାପଡ଼ିବ।

ଦେଶରେ ୨୦୨୭ ଜନ ଗଣନାକୁ ସୁଚାରୁରୂପେ ସଂପାଦନ ନିମନ୍ତେ କାର୍ଯ୍ୟ ଆରମ୍ଭ ହୋଇଛି । ଦେଶରେ ସର୍ବଶେଷ ଜନଗଣନା ୨୦୧୧ ମସିହାରେ ସଂପାଦିତ ହୋଇଥିଲା । ୧୮୭୨ ମସିହାରେ ପ୍ରଥମ ଜନଗଣନା ହୋଇଥିବାବେଳେ ୨୦୨୭ ଜନଗଣନା ହେବ ଷୋଡଶ ଜନଗଣନା । ପ୍ରଥମଥର ପାଇଁ ଏହି ଜନଗଣନା ସଂପୂର୍ଣ୍ଣ ଭାବେ ଡିଜିଟିକରଣ ମାଧ୍ୟମରେ କରାଯିବ । ଚଳିତଥରର ଜନ ଗଣନା ଜାତିଭିତ୍ତିକ ଜନଗଣନା ହେବ ବୋଲି ଜଣାପଡ଼ିଛି । ୧୯୩୧ ମସିହାରେ ଶେଷଥର ପାଇଁ ଜାତିଭିତ୍ତିକ ଜନଗଣନା କରାଯାଇଥିଲା ।

ଆଜି କଟକ ଜିଲ୍ଲାର ଜନଗଣନା କାର୍ଯ୍ୟରେ ନିୟୋଜିତ ଅଧିକାରୀ ଓ କର୍ମଚାରୀମାନଙ୍କ ତାଲିମ ତଥା ସମୀକ୍ଷା କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ, ଅତିରିକ୍ତ ଜିଲ୍ଲାପାଳ କମଳଜିତ ଦାସ ଓ ଦିବ୍ୟଲୋଚନ ମହାନ୍ତ, ଉପଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା, ଦିବ୍ୟଜ୍ୟୋତି ସ୍ମୃତିରଂଜନ ଦେଓ, ପ୍ରଣବ ବେହେରା, ଡେପୁଟି କଲେକ୍ଟର ନିର୍ବାଚନ ନୁରୀ ପରବିନ, ଯୁଗ୍ମ ନିର୍ଦ୍ଦେଶକ ହେମନ୍ତ ସିଂହ, ସହକାରୀ ନିର୍ଦ୍ଦେଶକ ମିଳିତା ଦତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

### ୧୬ ମୃତ...

ଲଗାଇଛନ୍ତି। ପରିବେଶ ଓ ସୁରକ୍ଷା ଜନିତ ଚିନ୍ତା କାରଣରୁ ଏପରି ପଦକ୍ଷେପ ନିଆଯାଇଛି। ସେହିପରି କୋଇଲା ଚାଲାଣ ଉପରେ ମଧ୍ୟ କଟକଣା ଲଗାଯାଇଛି। ତଥାପି ବେଆଇନ ଖଣି ଖନନ ସ୍ଥାନୀୟ ଅଞ୍ଚଳରେ ବନ୍ଦ ହୋଇ ନାହିଁ।

ମୂଷା ଗାତ ମାଇନିଂ ସାଧାଣତଃ ଅଣ ଓସାରିଆ ଟନେଲକୁ ଖୋଳି କରାଯାଏ। ଏହା ଉଚ୍ଚତା ପ୍ରାୟ ୩ରୁ ୪ ଫୁଟ। ଏହା ମଧ୍ୟରେ ଶ୍ରମିକମାନେ ବିପଦଜନକ ଅବସ୍ଥାରେ ପ୍ରବେଶ କରି ଖଣି ଖନନ କରନ୍ତି। ଏଥିରେ ଗୋଟିଏ ସମୟରେ ଜଣେ ହିଁ ପଶି ପାରିବାର ସୁବିଧା ରହିଥାଏ।

୨୦୧୪ରେ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ ଦେଇଥିବା ରାୟକୁ ସୁପ୍ରିମକୋର୍ଟ କାଏମ ରଖିଥିଲେ ଓ କେବଳ ବିଜ୍ଞାନଭିତ୍ତିକ ଖଣି ଖନନକୁ ଅନୁମତି ଦେଇଥିଲେ। ହେଲେ ମେଘାଳୟରେ ନିୟମିତ ଭାବେ ବେଆଇନ ଖଣି ଖନନ ଜାରି ରହିଛି। ଏବେ ଏଥିଯୋଗୁ ଏତେ ବଡ ଅଘଟଣ ଘଟିଛି।

### କେନ୍ଦ୍ରାପଡ଼ାରେ ଆବାସ...

ଯୋଗ୍ୟ ହତାଧିକାରୀଙ୍କୁ ବାଦ୍ ଦିଆଯାଇ ଅଯୋଗ୍ୟ ହିତାଧିକାରୀମାନଙ୍କୁ ଗୃହର କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ଏ ସଂପର୍କରେ ଜିଲାପାଳଙ୍କ ନିକଟରେ ଶ୍ୟାମସୁନ୍ଦରପୁର ପଞ୍ଚାୟତର ଆଶାଲତା ରାଉତ ଜିଲାପାଳଙ୍କ ଜନଶୁଣାଣି ପ୍ରକୋଷ୍ଠରେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ ଯେ ଅନ୍ତୋର୍ଦୟ ଗୃହ ଯୋଜନାରେ କେଶପୁର, ପୁରୁଷୋତ୍ତମପୁର, ନିକିରାଇ, ଏବଂ ଶ୍ୟାମସୁନ୍ଦରପୁର ପଞ୍ଚାୟତରେ ଅନିୟମିତତା ହୋଇଥିବା ଅଭିଯୋଗ ହେଉଛି। ବ୍ଲକ ପ୍ରକଳ୍ପ ସଂଯୋଜକ ଏବଂ ସହାୟକଙ୍କ ବଦଳି ପାଇଁ ସାଧାରଣରେ ଦାବି ହେଉଛି। କେନ୍ଦ୍ରାପଡାଜିଲାରେ ୯ଟି ବ୍ଲକରେ ବ୍ଲକ ପ୍ରକଳ୍ପ ସଂଯୋଜକମାନେ ୫/୬ ବର୍ଷରୁ ଅଧିକ ରହିବା ଫଳରେ ସେମାନଙ୍କ ମନମାନୀ ପାଇଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏ ସଂପର୍କରେ ଜିଲାପାଳ ରଘୁରାମ ଆର. ଆୟରଙ୍କ ମତାମତ ନିଆଯିବାରୁ ସେ କହିଲେ ଯେ କେବଳ କେନ୍ଦ୍ରାପଡା ବ୍ଲକ ନୁହେଁ ଜିଲାର ୯ଟିଯାକ ବ୍ଲକରେ ଏହିଭଳି ଅବ୍ୟବସ୍ଥା ଲାଗିରହିଛି। ଯଦି ଏମାନଙ୍କୁ ବଦଳି କରାନଯାଏ ଆଗକୁ ପ୍ରଧାନମନ୍ତ୍ରୀ ଆବାସ ବଣ୍ଟନରେ ଯୋଗ୍ୟହିତାଧିକାରୀମାନେ ବାଦପଡିବାର ସମ୍ଭାବନା ରହିଛି। ଯାହାଫଳରେକି ଗରିବ ଲୋକମାନେ ସେମାନଙ୍କର ସମସ୍ତ ଯୋଗ୍ୟତାଥାଇ ମଧ୍ୟ ସେମାନେ ପକ୍କାଘର ପାଇବାରୁ ବଞ୍ଚିତ ହେଉଛନ୍ତି। ଏ ସଂପର୍କରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲାପାଳଙ୍କ ନିକଟରେ ଦାବି କରାଯାଇଛି।

### କେବଳ ରଙ୍ଗମାରି...

ଦର୍ଶାଯାଇଥିଲା। ବାସ୍ତବରେ ବାତ୍ୟାରେ ସେମିତି କିଛି କ୍ଷତି ହୋଇନଥିଲା। ଉଦ୍ୟାନ ଅଙ୍ଗନବାଡି ଗୃହର ମରାମତି ଓ ଉନ୍ନତିକରଣ ପାଇଁ ୨ ଲକ୍ଷ ଟଙ୍କା ଦାନା (୨୦୨୪-୨୦୨୫) ଯୋଜନାରେ ଅର୍ଥ ଆସିଥିଲା। ଅଙ୍ଗନବାଡି ଗୃହର ମରାମତି ସହିତ ଉନ୍ନତିକରଣ କାମ ହୋଇଥାନ୍ତା। ମାତ୍ର କେବଳ ରଙ୍ଗ ଘଷିଦେଇ ୧ ଡିସେମ୍ବର ୨୦୨୫ରେ ୧ ଲକ୍ଷ ୯୧ ହଜାର ୮୭୭ ଟଙ୍କା କନିଷ୍ଠ ଯନ୍ତ୍ରୀ ଅଞ୍ଜନ କୁମାର ସ୍ୱାଇଁ ଉଠାଇ ନେଇଥିବା ଅଭିଯୋଗ ହୋଇଛି। ପୂର୍ବରୁ ଅଙ୍ଗନବାଡି ଗୃହରେ ଯେପରି ଫାଟ ଥିଲା ସେପରି ଫାଟ ରହିଛି। ଆଦୌ ସିମେଣ୍ଟ କାମ ନକରି କେବଳ ରଙ୍ଗ ଘଷି ସରକାରୀ ଟଙ୍କା ଉଠାଇ ନେବା ଘଟଣା ସ୍ଥାନୀୟ ଅଞ୍ଚଳରେ ପତିକ୍ରିୟା ସୃଷ୍ଟି କରିଛି। ଏପରିକି ଅଙ୍ଗନବାଡି ଗୃହର ଝରକା କବାଟରେ ମଧ୍ୟ ରଙ୍ଗ ଦିଆଯାଇ ନାହିଁ। ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ମହାନ୍ତିଙ୍କ ସହିତ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇନଥିଲା।

### ଇଂରାଜୀ ବନାନ...

ଓଡ଼ିଆ ମୂଳ ଶବ୍ଦ ସହ ସମାନ ରହିବ। ଐତିହ୍ୟ ରକ୍ଷା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ସାଂସ୍କୃତିକ ଗୌରବ ବୃଦ୍ଧି ପାଇବ ବୋଲି ମତ ଦେଇଛନ୍ତି ଭାଷାବିତ୍।

ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ ପାଇଁ କିଛି ଚ୍ୟାଲେଞ୍ଜ ମଧ୍ୟ ସାମ୍ନାରେ ଅଛି। ସବୁ ଅଞ୍ଚଳର ବିକୃତ ନାମକୁ ଏକାସାଙ୍ଗେ ଠିକ୍ କରାଯିବ ତ ? ସରକାରଙ୍କ ଏ ନିଷ୍ପତ୍ତି ପୂର୍ବର ଅନ୍ୟ ନିଷ୍ପତ୍ତି ଭଳି କେବଳ କାଗଜକଲମରେ ରହିଯିବନି ତ ? ପୂରା ପ୍ରକ୍ରିୟାକୁ ଲାଗୁ କରିବାକୁ କେତେ ଦିନ ନେବେ ସରକାର ?

### ବାରମ୍ବାର ଦେଇପାରିବେନି...

ନାହିଁ। ଏହାର ଅର୍ଥ ହେଉଛି ଯେ ଆପଣ ଥରେ ଆଇପିଏସ୍ ହୋଇଗଲେ, ଆପଣ ଆପଣଙ୍କର ରାଙ୍କ ଉନ୍ନତ କରିବା ପାଇଁ ପୁନର୍ବାର ସମାନ ସେବାରେ ଯୋଗଦାନ କରିପାରିବେନାହିଁ।

### ଜାତୀୟ ପ୍ରତୀକର...

ରହିବା କଥା। କିନ୍ତୁ ଅନେକ ସମୟରେ ଅଶୋକ ସ୍ତମ୍ଭ ତଳେ ସତ୍ୟମେବ ଜୟତେ ନଥିବା ଦେଖିବାକୁ ମିଳୁଛି। ସେହିଭଳି ଭାବେ ଅଶୋକ ସ୍ତମ୍ଭକୁ ମଧ୍ୟ ଉପଯୁକ୍ତ ଭାବେ ପ୍ରଦର୍ଶନ କରାଯାଉ ନାହିଁ। ଜାତୀୟ ପ୍ରତୀକ ପ୍ରତି ଏହା ଅସମ୍ମାନ। ଏପରି ଘଟଣା ଗୁଡିକୁ ଗୁରୁତ୍ୱର ସହିତ ଗ୍ରହଣ କରାଯିବା ସହିତ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ସରକାରୀ ସ୍ତରରେ ନିଆଯିବା କଥା। କିନ୍ତୁ ସରକାରୀ ଉଦାସୀନତା ପାଇଁ ଜାତୀୟ ପ୍ରତୀକର ଅପବ୍ୟବହାର ଘଟଣା ବହୁ ସମୟରେ ଦେଖିବାକୁ ମିଳୁଛି ବୋଲି ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଥିଲା।


Printed & Published by Gyanaranjan Behera on behalf of Radhakrushna Publications Pvt. Ltd. and Printed at Ricky Promotors, Plot No.6709, M.I.E., Rasulgarh, Bhubaneswar-751010 and Published at Janachetana Parisad Bhawan, At-Kajala, P.O/Dist -Kendrapara, Pin-754211, Ph. : 9439698412, 9583706460
Editor : Ambika Prasad Das    ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ    Chief Editor : Umapada Bose    ମୁଖ୍ୟ ସମ୍ପାଦକ : ଉମାପଦ ବୋଷ